

ଅର୍ଦ୍ଧଶତକରେ ଫୋର୍ଡଙ୍କ ବିଶ୍ୱ ରେକର୍ଡ

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-325 ◆BHUBANESWAR ◆SATURDAY ◆24 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୨୫ ◆ଭୁବନେଶ୍ୱର ◆ଶନିବାର ◆୨୪ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦



NEWTON COLLEGE OF +2 SCIENCE SAMBALPUR KNOWLEDGE IS POWER

# NEWTON COLLEGE OF +2 SCIENCE

NEWTON HIGHER SECONDARY SCHOOL OF SCIENCE

Permanently Recognised by the Govt. of Odisha & Affiliated to C.H.S.E., Odisha

CHSE Results-2025 SCIENCE

| Rank | Name | Marks | % | 10th |
|---|---|---|---|---|
| 1 | MANAS | 570 | 95% | 93.6% |
| 2 | FIROZ | 567 | 94.5% | 91.8% |
| 3 | PARITOSH | 566 | 94.3% | 93.6% |
| 4 | PADMASHREE | 564 | 94 % | 87.17% |
| 4 | SUMANTA | 564 | 94 % | 87.3% |

| Name | Marks | % | 10th |
|---|---|---|---|
| RUCHISMITA | 559 | 93.17% | 92.8% |
| ASMIT | 559 | 93.17% | 91% |
| SOMANATH | 558 | 93% | 91.5% |
| SUGNYASHREE | 556 | 92.67% | 92.5% |
| PIYUSH | 555 | 92.5% | |
| ISHANT | 555 | 92.5% | 90.5% |
| SIDDHARTH | 554 | 92.33% | 91% |
| SAHIL | 554 | 92.33% | |
| SWADHIN | 551 | 91.83% | 91.8% |
| RITESH | 551 | 91.83% | 90 % |
| SANTOSHI | 549 | 91.5% | |
| KAUSHAL | 548 | 91.33% | 90 % |
| ANWESHA | 548 | 91.33% | |
| VENKAT RAMAN | 547 | 91.17% | 88 % |
| MUSKAN | 547 | 91.17% | 91 % |
| JIJNASA | 547 | 91.17% | 88.5% |
| ANKIT | 545 | 90.83% | 90 % |
| ADITYA | 545 | 90.83% | |
| ADHYAYAN | 545 | 90.83% | 76.6 % |
| JYOTISANKAR | 544 | 90.67% | 88.3 % |
| ADYASHA | 544 | 90.67% | 88.8 % |
| ABHIJIT | 544 | 90.67% | |
| ADARSH | 542 | 90.33% | 78.8 % |
| NABIN | 541 | 90.17% | 90 % |
| JANAKI | 541 | 90.17% | 85.8 % |
| DHABALESWAR | 540 | 90 % | |

IN CAMPUS SPECIAL PREPARATION FOR NEET & JEE (MAIN & ADVANCED)

A SCIENCE COLLEGE WITH ONLY CLASS - XI & XII FOCUSING ON INTEGRATED TEACHING FOR COUNCIL & DIFFERENT COMPETITIVE EXAMS

MATHEMATICS MARKS - 80 / 80 10 STUDENTS

CHSE RESULTS 2025

| | |
|---|---|
| Total Appeared | 342 |
| 90% Marks & Above | 31 |
| 500 Marks & Above | 108 |
| 80% & Above | 136 |
| 1st Division | 319 (92%) |
| 2nd Division | 21 |

538 NEHA, 537 OMPRAKASH, 535 PRERANA, 535 ANKIT, 534 BANDITA, 534 SWARNALAXMI, 533 JASMIN, 532 DOLESWAR, 531 OJASHREE, 531 DIBYANJALI, 531 ARYAN, 530 RAJKUMAR, 530 PRATYUSH,
529 SUPRIYA, 529 NEHARANI, 529 ANSUMAN, 526 SRITTAM, 526 SOURAV, 526 SOHAN, 526 PREETIRANJAN, 525 SWAGAT, 525 DHARITRI, 525 ARNAP, 525 ANANYA, 524 SOURAV, 524 PRIYANSHI,
524 SOM, 524 BIJAYA, 522 TWINKLE, 522 DEBASMITA, 522 BIVASHREE, 521 ARCHITA, 520 SUJAL, 519 TINKU, 519 RAJAT, 519 PRIYANSHU, 518 SOHAM, 518 SAJAN, 518 ANKIT,
517 RISHITA, 517 KARISMA, 517 BIBEK, 517 BHAGYASHREE, 516 PRIYANKA, 516 DIPTEE, 516 DHANJAYA, 515 ABHIGYAN, 514 SANSKRUTI SANSHITA, 513 CHINMAYA, 512 ALOKA, 511 SUBHAM, 511 KABYANJALEE,
511 ANKIT, 510 SMUTEE MAYEE, 509 TOSHABANTA, 509 SMRUTI SNEHA, 509 CHARUSMITA, 509 CHANDRA SHEKHAR, 508 BIKASH, 507 SHREYAS, 507 SAGAR, 507 PRACHI, 507 MOUSUMI, 507 AYUSH, 506 ZINI,
505 SOUMYARANJAN, 505 PRATYUSH, 504 SMIT SMARAK, 504 KRISHNA, 504 DEBASHISH, 502 PRIYANKA, 502 PRAGNYARANI, 502 MAMISHA, 501 SNIGDHARANI, 500 PRATHAM, 500 SANCHITA, 500 RUPALI

Newton... Where The Heritage Of Fostering Intellectual Excellence Continues......

Debaipali, Majhipali Chowk, Sambalpur

99385 86082, 93373 01382, 95833 25666






## କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲା

# ରାଜସ୍ଥାନ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): କୋଟାରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ମାମଲାକୁ ସୁପ୍ରିମକୋର୍ଟ ଅତ୍ୟନ୍ତ ଗୁରୁତର କହିଛନ୍ତି। ଏହାକୁ ନେଇ ଶୁକ୍ରବାର ରାଜସ୍ଥାନ ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଜଷ୍ଟିସ ଜେବି ପାରଦୀୱାଲା ଏବଂ ଜଷ୍ଟିସ ଆର ମହାଦେବନଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ପ୍ରଶ୍ନବାଣ ମାରିଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ କୋଟାରେ ୧୪ ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କଲେଣି। ଏହାକୁ ନେଇ ରାଜ୍ୟ ସରକାର କ'ଣ କରୁଛନ୍ତି? ଖାଲି କୋଟାରେ ଛାତ୍ରଛାତ୍ରୀ

**■ କାହିଁକି ଜୀବନ ହାରୁଛନ୍ତି ଛାତ୍ରଛାତ୍ରୀ**

**■ ଆତ୍ମହତ୍ୟା ରୋକିବା ପାଇଁ କ'ଣ କରିଛ**

କାହିଁକି ଆତ୍ମହତ୍ୟା କରୁଛନ୍ତି? ରାଜ୍ୟ ଭାବେ ଏହା ଉପରେ ବିଚାର କରିନାହାନ୍ତି କି? ଏଭଳି ମାମଲାକୁ ହାଲକାରେ କାହିଁକି ନେଉଛନ୍ତି? ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟକୁ ଅବମାନନା କରୁଛନ୍ତି। ପୁଲିସ ନିର୍ଦ୍ଦେଶ ପାଳନ କରୁନାହିଁ। ଆତ୍ମହତ୍ୟା ପରେ ଏତଲା ରୁଜୁ କାହିଁକି କରାଯାଉ ନାହିଁ? ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣାକୁ ଗୁରୁତ୍ୱର ସହ ନେବା ଉଚିତ। ତୁରନ୍ତ ଏତଲା ରୁଜୁ କରି ଏଭଳି ମାମଲାର ତଦନ୍ତ କରିବା ଆବଶ୍ୟକ। ଏହାକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ ରାଜସ୍ଥାନ ସରକାରଙ୍କୁ ଜବାବ ମାଗିଛନ୍ତି। ଜୁଲାଇ ୧୪ରେ ମାମଲାର



ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ଆଇଆଇଟି ଖଡଗପୁରରେ ୨୨ ବର୍ଷୀୟ ଛାତ୍ର ଏବଂ ନିଟ୍‌ରେ ଜଣେ ମେଡିକାଲ ଆଶାୟୀଙ୍କ ଆତ୍ମହତ୍ୟା ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ଏହି ଟିପ୍ପଣୀ ଦେଇଛନ୍ତି।

କୋର୍ଟ ଜାଣିବାକୁ ପାଇଥିଲେ ଯେ ଆଇଆଇଟି ଛାତ୍ର ଗତ ୪ ତାରିଖରେ ଆତ୍ମହତ୍ୟା କରିଥିବାବେଳେ ୪ ଦିନ ବିଳମ୍ବରେ ଏତଲା ରୁଜୁ କରାଯାଇଥିଲା। ଏହାକୁ ଖଣ୍ଡପୀଠ ଅତ୍ୟନ୍ତ ଗୁରୁତର କହିଥିଲେ। ଏତଲାରେ ବିଳମ୍ବକୁ ନେଇ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କୋର୍ଟ ଚେତାବନୀ ଦେଇଥିଲେ। ପୁଲିସ ଅଧିକାରୀଙ୍କ ବିରୋଧରେ ଅବମାନନା ମାମଲା ରୁଜୁ କରିବାକୁ କହିଥିଲେ। ଏହାର ଉତ୍ତରରେ ଏତଲା ରୁଜୁ କରି ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଉଲ୍ଲେଖ କରିଥିଲେ। ପରେ ଆଇନ ଅନୁଯାୟୀ କାର୍ଯ୍ୟ କରିବାକୁ କୋର୍ଟ ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆଇଆଇଟି ଖଡଗପୁର କର୍ତ୍ତୃପକ୍ଷ ଏବଂ ପୁଲିସ ଅଧିକାରୀଙ୍କ ଉତ୍ତରରେ ସୁପ୍ରିମକୋର୍ଟ ସନ୍ତୁଷ୍ଟ ହୋଇ ନ ଥିଲେ। ସେହିପରି କୋଟା ମାମଲାରେ ଛାତ୍ର କୋଚିଂ କେନ୍ଦ୍ର ପକ୍ଷରୁ ପ୍ରଦତ୍ତ ରୁମ୍ ଛାଡ଼ି କାହିଁକି ଘରେ ରହୁଥିଲେ ବୋଲି ସୁପ୍ରିମକୋର୍ଟ ପଚାରି ଥିଲେ। ଖଣ୍ଡପୀଠ କହିଥିଲେ ଯେ ଏତଲା ରୁଜୁ କରି ତଦନ୍ତ କରିବା ପୁଲିସର କାମ। ସେହି କ୍ଷେତ୍ରର ଥାନା ଅଧିକାରୀ ନିଜ କର୍ତ୍ତବ୍ୟ ସମ୍ପାଦନରେ ବିଫଳ ହୋଇଛନ୍ତି। ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ସେ ପାଳନ କରିନାହାନ୍ତି। ଏହାକୁ କୋଟା ଥାନାର ଅଧିକାରୀଙ୍କୁ ସୁପ୍ରିମକୋର୍ଟ ସମନ ଜାରି କରିଛନ୍ତି। ଜୁଲାଇ ୧୪ରେ ତଥ୍ୟ ସହିତ ଉପସ୍ଥିତ ହେବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ

ନୂଆଦିଲ୍ଲୀ: ସୁପ୍ରିମକୋର୍ଟ ଶୁକ୍ରବାର ଐତିହାସିକ ରାୟ ଦେଇଛନ୍ତି। ମାତୃତ୍ୱ ଛୁଟି ମହିଳାଙ୍କ ପ୍ରଜନନ ଅଧିକାରର ଅବିଚ୍ଛେଦ୍ୟ ଅଙ୍ଗ। ଏହା ପ୍ରଜନନ ଅଧିକାରର ଗୁରୁତ୍ୱପୂର୍ଣ୍ଣ ଅଂଶ ମଧ୍ୟ। ମହିଳାଙ୍କୁ ମାତୃତ୍ୱ ଛୁଟି ଦେବାରେ କୌଣସି ପ୍ରତିଷ୍ଠାନ ମନା କରିପାରିବେ ନାହିଁ ବୋଲି ଜଷ୍ଟିସ ଅଭୟ ଏସ ଓକା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୁଇଁଆଙ୍କ ଖଣ୍ଡପୀଠ କହିଛନ୍ତି। ତାମିଲନାଡୁର ଜଣେ ମହିଳା ଶିକ୍ଷକ (ସରକାରୀ) ଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି। ପ୍ରଥମ ବିବାହରୁ ୨ଟି ସନ୍ତାନ ଥିବାରୁ ଦ୍ୱିତୀୟ ବିବାହରେ ସନ୍ତାନ ଜନ୍ମ ସମୟରେ ଏହି ମହିଳାଙ୍କୁ ଛୁଟି ଦେବାକୁ ମନା କରିଦିଆଯାଇଥିଲା। ତେବେ ତାମିଲନାଡୁରେ କେବଳ ଦୁଇଟି ସନ୍ତାନ ପାଇଁ ମାତୃତ୍ୱ ଛୁଟି ଦେବାର ନିୟମ ରହିଛି। କିନ୍ତୁ ଏହି ମହିଳା ପ୍ରଥମ ଦୁଇ ସନ୍ତାନ ପାଇଁ କୌଣସି ଛୁଟି ନେଇ ନ ଥିଲେ। ଏହା ଜାଣିବା ପରେ ସୁପ୍ରିମକୋର୍ଟ ମାତୃତ୍ୱ ଛୁଟିର ପରିସର ବୃଦ୍ଧି କରିଥିଲେ। ଏବେଠାରୁ ମାତୃତ୍ୱ ଛୁଟି ପ୍ରଜନନ ଅଧିକାରର ଅଂଶ ହେବ ବୋଲି କହିଥିଲେ।

**■ ଅପରେସନ ବାଲାକୋଟରେ ସାମିଲ ଥିଲେ ମହିଳା ଅଧିକାରୀ**

## ଅବସର ନ ଦେବାକୁ କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ଅପରେସନ ବାଲାକୋଟ ଏବଂ ସିନ୍ଦୂରରେ ସାମିଲ ଜଣେ ମହିଳା ଅଧିକାରୀଙ୍କୁ ଚାକିରିରୁ ବାହାର ନ କରିବା ପାଇଁ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଏବଂ ଭାରତୀୟ ବାୟୁସେନାକୁ କହିଛନ୍ତି। ସୁଚିନ୍ତିତ ନୀତି ପ୍ରଣୟନ ନ କରିବା ଯାଏ ଏପରି କରିବା ଉଚିତ ନୁହେଁ। ଅଗଷ୍ଟ ୬ ପର୍ଯ୍ୟନ୍ତ ଏହା ଉପରେ କଟକଣା ଲଗାଇ ଦେଇଛନ୍ତି। ଏହି ଦିନ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି କହିଛନ୍ତି। ତେବେ ସର୍ଟ ସର୍ଭିସ କମିଶନ (ଏସଏସସି)ର ଏହି ମହିଳା ଅଧିକାରୀଙ୍କୁ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ଏହାକୁ ନେଇ ସ୍ଥାୟୀ କମିଶନ ଦେବାରେ ଭେଦଭାବ କରାଯାଇଛି ବୋଲି ୱିଙ୍ଗ କମାଣ୍ଡର ନିକିତା ପାଣ୍ଡେ ଦାବି କରିଥିଲେ। ସେ ସୁପ୍ରିମକୋର୍ଟରେ ଆବେଦନ ଦାଏର କରିଥିଲେ।

ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏହା ଉପରେ କେନ୍ଦ୍ର ଏବଂ ଆଇଏଏଫଙ୍କୁ ଜବାବ ମାଗିଛନ୍ତି। ଆଇଏଏଫ ଏକ ବୃତ୍ତିଗତ ବାହିନୀ। ସେବାରେ ଅସ୍ଥିରତା ରହିବା ଏଭଳି ଅଧିକାରୀଙ୍କ ଶୋଭନୀୟ ନୁହେଁ। ଆମ ବାୟୁସେନା ବିଶ୍ୱର ପ୍ରମୁଖ ସଙ୍ଗଠନ ମଧ୍ୟରୁ ଅନ୍ୟତମ। ଅଧିକାରୀଙ୍କ ଯୋଗଦାନ ପ୍ରଶଂସନୀୟ। ସେମାନେ ଯେଉଁ ଭଳି ସମନ୍ୱୟ ଦେଖାଇଛନ୍ତି ତାହା ଅତୁଳନୀୟ। ଆମେ ସବୁବେଳେ ତାଙ୍କୁ ସାଲ୍ୟୁଟ କରୁଛୁ। ସେମାନେ ଦେଶର ସବୁଠୁ ବଡ଼ ସମ୍ପତ୍ତି। ଗୋଟିଏ ଦୃଷ୍ଟିରୁ ସେମାନେ ରାଷ୍ଟ୍ର ଭଳି। ତାଙ୍କ ପାଇଁ ଆମେ ଶାନ୍ତିରେ ଶୋଇପାରୁଛୁ। ନିଯୁକ୍ତି ପରେ ଏସଏସସି ଅଧିକାରୀଙ୍କ କଠିନ ଜୀବନ ଆରମ୍ଭ ହୋଇଥାଏ। ୧୦ରୁ ୧୫ ବର୍ଷ ପରେ ତାଙ୍କୁ ସ୍ଥାୟୀ କମିଶନ ମିଳିଥାଏ। ଏହି ଦୃଷ୍ଟିରୁ ଅସ୍ଥିରତା ସଶସ୍ତ୍ର ବାହିନୀ ପାଇଁ ଶୋଭନୀୟ ନୁହେଁ। ଏହା ଜଣେ ସାଧାରଣ ନାଗରିଙ୍କ ପ୍ରସ୍ତାବ, କାରଣ ଆମେ ବିଶେଷଜ୍ଞ ନୋହୁଁ। ସର୍ବନିମ୍ନ ମାନଦଣ୍ଡରେ କୌଣସି ସାଲିସ କରାଯାଇପାରିବ ନାହିଁ।

ଅଧିକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ମେନକା ଗୁରୁସ୍ୱାମୀ କହିଥିଲେ ଯେ ତାଙ୍କ ମହକିଲ ଲଢୁଆ ବିମାନ ନିୟନ୍ତ୍ରକ ବିଶେଷଜ୍ଞ। ସେ ବିଶେଷଜ୍ଞ ଭାବେ ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ)ରେ ସାମିଲ ହୋଇଥିଲେ। ଅପରେସନ ସିନ୍ଦୂର ଏବଂ ବାଲାକୋଟରେ ଏହାକୁ ମୁତୟନ କରାଯାଇଥିଲା। ୧୩.୫ ବର୍ଷ କାର୍ଯ୍ୟ କରିବା ସତ୍ତ୍ୱେ ତାଙ୍କୁ ୨୦୧୯ରେ ସ୍ଥାୟୀ କମିଶନ ଦେବାକୁ ମନା କରିଦିଆଯାଇଥିଲା। ଏହାର ମାସେ ପରେ ଚାକିରି ଛାଡିବାକୁ ଚାପ ପକା ଯାଇଥିଲା। ଏହି ଅଧିକାରୀ ଲଢୁଆ ବିମାନ ନିୟନ୍ତ୍ରକ ତାଲିକରେ ଦେଶରେ ଦ୍ୱିତୀୟ ସ୍ଥାନରେ ଥିଲେ। ତେବେ କେନ୍ଦ୍ର ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ କହିଥିଲେ ଯେ ସ୍ଥାୟୀ କମିଶନ ଦେବା ପାଇଁ ଚୟନ ବୋର୍ଡ ତାଙ୍କୁ ଅଯୋଗ୍ୟ ପାଇଥିଲା।

## ତୃତୀୟ ଥର କ୍ଷମା ମାଗିଲେ ମନ୍ତ୍ରୀ ବିଜୟ ଶାହା

ଭୋପାଳ, ୨୩।୫ (ଏଜେନ୍ସି): ଭାରତୀୟ ସେନାର କର୍ଣ୍ଣେଲ ସୋଫିଆ କୁରେସୀଙ୍କୁ ପ୍ରତି ଅପମାନଜନକ ଟିପ୍ପଣୀ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟଶାହା ପୁଣି କ୍ଷମା ମାଗିଛନ୍ତି। ଏହା ଭାଷାଗତ ଭୁଲ ଥିଲା ବୋଲି କହିଛନ୍ତି। ଏଥିପାଇଁ ସେ ଭଉଣୀ ସୋଫିଆ ଏବଂ ଦେଶବାସୀଙ୍କୁ କ୍ଷମା ମାଗୁଥିବା ଉଲ୍ଲେଖ କରିଛନ୍ତି। ସେ ଶୁକ୍ରବାର ଏକ ଭିଡିଓ ଜାରି କରି ଏହି କ୍ଷମା ପ୍ରାର୍ଥନା କରିଛନ୍ତି। କାହାକୁ ଆଘାତ ଦେବା ଉଦ୍ଦେଶ୍ୟ ନ ଥିଲା ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ଏବେ ତାଙ୍କ ମାମଲା ସୁପ୍ରିମକୋର୍ଟରେ ଚାଲିଛି। ତାଙ୍କ କ୍ଷମା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଅଗ୍ରାହ୍ୟ କରିଦେଇଛନ୍ତି।

## ଇସ୍ରାଏଲ ଆକ୍ରମଣ କଲେ ଆମେରିକାକୁ ଦାୟୀ କରିବ ଇରାନ

ତେହରାନ୍,୨୩।୫(ଏଜେନ୍ସି): ଇରାନର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକା ଏବଂ ଇରାନ ମଧ୍ୟରେ ବିଗତ କିଛି ମାସ ହେଲା ଉତ୍ତେଜନା ଲାଗି ରହିଛି। ବିଶେଷକରି ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଏହି ପ୍ରସଙ୍ଗକୁ ନେଇ ଉଭୟ ଦେଶ ମଧ୍ୟରେ ବିବାଦ ବଢିବାରେ ଲାଗିଛି। ତେବେ ଓମାନ ମଧ୍ୟସ୍ଥତାରେ ଇରାନ ଏବଂ ଆମେରିକା ମଧ୍ୟରେ ରୋମ୍‌ରେ ବୈଠକ ହେବାକୁ ରହିଥିଲା ବେଳେ ଇରାନ ପକ୍ଷରୁ ଆମେରିକା ପ୍ରତି ଚେତାବନୀ ଜାରି କରାଯାଇଛି। ଯଦି ଇସ୍ରାଏଲ ଇରାନର ପରମାଣୁ ଠିକଣା ଉପରେ ଆକ୍ରମଣ କରେ ଏଥିପାଇଁ ଆମେରିକା ଦାୟୀ ରହିବ ବୋଲି ଇରାନ ବୈଦେଶିକ ମନ୍ତ୍ରୀ ଆବାସ୍ ଅରାଗଚ୍ଛି ଗୁରୁବାର ସ୍ପଷ୍ଟ କରିଛନ୍ତି। ଇରାନ ଉପରେ ଆକ୍ରମଣ କରିବାକୁ ଇସ୍ରାଏଲ ପ୍ରସ୍ତୁତ ହୋଇସାରିଛି ବୋଲି ଆମେରିକୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇବା ପରେ ଇରାନ ଆମେରିକା ପ୍ରତି ଏଭଳି ଟିପ୍ପଣୀ ଜାରି କରିଛି। ଏହାଛଡ଼ା ଇସ୍ରାଏଲ ଆକ୍ରମଣ କଲେ ଇରାନ ପକ୍ଷରୁ ମଧ୍ୟ ଦୃଢ ଜବାବ ଦିଆଯିବ ବୋଲି ଅରାଗଚ୍ଛି କହିଛନ୍ତି।

## ଅଂଶୁଘାତ ସଙ୍କଟ; ୨ ସପ୍ତାହ ମଧ୍ୟରେ ଜବାବ ଦେବାକୁ କେନ୍ଦ୍ରକୁ ନୋଟିସ୍

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଚଳିତ ଗ୍ରୀଷ୍ମ ଋତୁରେ ଅଂଶୁଘାତଜନିତ ସଙ୍କଟ ରୋକିବା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିବା ସହିତ ଏଥିନେଇ ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ସାରା ଦେଶରେ ଅଂଶୁଘାତଜନିତ ମୃତ୍ୟୁସଂଖ୍ୟା ୭୦୦ ଟପିଥିଲା। ତେବେ ଚଳିତ ଗ୍ରୀଷ୍ମ ଋତୁରେ ଏହି ସଙ୍କଟ ମୁକାବିଲା କରିବାକୁ କେନ୍ଦ୍ର ସରକାରଙ୍କ କି ପଦକ୍ଷେପ ରହିଛି ଏବଂ ଜାତୀୟ ସ୍ତରରେ ମାର୍ଗଦର୍ଶିକା ଜାରି କରିବାକୁ ସରକାରଙ୍କ ଯୋଜନା କିଭଳି ରହିଛି ତାହାକୁ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇ ଏବଂ ଜଷ୍ଟିସ୍ ଏ ଜି ମେସି ଏହି ପିଟିସନର ଶୁଣାଣି କରି କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିବା ସହିତ ଦୁଇ ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିଛନ୍ତି। ଏହି ଖଣ୍ଡପୀଠ ଗୃହ ମନ୍ତ୍ରଣାଳୟ, ପରିବେଶ ମନ୍ତ୍ରଣାଳୟ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନୋଟିସ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଜବାବ ରଖିବାକୁ କହିଛନ୍ତି।

**■ ଉତ୍ତରପ୍ରଦେଶରେ ଝଡ଼ତୋଫାନ**

## ୨ ଦିନରେ ୬୦ ମୃତ

ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):ଉତ୍ତର ପ୍ରଦେଶର ବିଭିନ୍ନ ଭାଗରେ ଦୁଇ ଦିନ ହେଲା ପ୍ରବଳ ଝଡ଼ତୋଫାନ ଜାରି ରହିଛି। ଏଥିରେ ୧୭ ମହିଳାଙ୍କ ସମେତ ୬୦ ଜଣଙ୍କ ମୃତ୍ୟୁ ହୋଇଛି। ୧୨ରୁ ଅଧିକ ମଧ୍ୟ ଆହତ ହୋଇଛନ୍ତି। ୬୪ ଜିଲ୍ଲାରେ ଝଡ଼ ତୋଫାନ ନାହିଁ ନ ଥିବା ସ୍ଥିତି ସୃଷ୍ଟି କରିଛି। ୨୧ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଗଛ ଉପୁଡି ପଡିଛି। ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଧନଜୀବନ କ୍ଷୟକ୍ଷତି ହୋଇଛି। ଗୋରଖପୁରରେ ସର୍ବାଧିକ ୭୪ ମିମି ବର୍ଷା ହୋଇଛି। ନୋଏଡ଼ାରେ ୮୦ କିମି ବେଗରେ ପବନ ହୋଇଛି। ଅନ୍ୟପକ୍ଷରେ ଝଡ଼ତୋଫାନ ଜନିତ ଘଟଣାରେ ରାଜସ୍ଥାନରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଆଜି ପାଣିପାଗ ବିଭାଗ ସବୁ କେନ୍ଦ୍ରଶାସିତ ଅଞ୍ଚଳକୁ ଝଡ଼ ତୋଫାନ ଏବଂ ଗ୍ରୀଷ୍ମ ପ୍ରବାହକୁ ନେଇ ଚେତାବନୀ ଜାରି କରିଛି। ମହାରାଷ୍ଟ୍ର ଏବଂ ଗୋଆର ଉପକୂଳ ଅଞ୍ଚଳକୁ ରେଡ୍ ଆଲର୍ଟ ଦିଆଯାଇଛି।

**ବାଂଲାଦେଶ ପାଇଁ ବଢୁଛି ରାଜନୈତିକ ସଙ୍କଟ**

# ଇସ୍ତଫା ଦେବାକୁ ୟୁନୁସ୍‌ଙ୍କ ଧମକ

ଢାକା,୨୩।୫(ଏଜେନ୍ସି): ବାଂଲାଦେଶ ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ୍ ଅଚାନକ ଭାବେ ନିଜ ପଦରୁ ଇସ୍ତଫା ଦେବାକୁ ଧମକ ଦେବା ଏବେ ବିଭିନ୍ନ ମହଲରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ଏପରିକି ସେ ଶୁକ୍ରବାର ଇସ୍ତଫା ଦେବାକୁ କହିଥିବା ଏବଂ ଗୁରୁବାର ବିଳମ୍ବିତ ରାତିରେ କିଛି ରାଜନୈତିକ ଦଳର ମୁଖିଆ ତାଙ୍କୁ ଭେଟିଥିବାର ଖବର ମଧ୍ୟ ସାମ୍ନାକୁ ଆସିଛି। ୟୁନୁସ୍ ବାଂଲାଦେଶର ସର୍ବାଙ୍ଗୀନ ଉନ୍ନତି ଏବଂ ବିକାଶ ପାଇ କାର୍ଯ୍ୟ କରିବାକୁ ଚାହୁଁଥିଲେ ହେଁ ତାଙ୍କୁ ରାଜନୈତିକ ସହଯୋଗ ମିଳୁ ନାହିଁ ବୋଲି ଅଭିଯୋଗ କରି ସେ ଇସ୍ତଫା ଦେବାକୁ ଧମକ ଦେଉଛନ୍ତି ବୋଲି ବାଂଲାଦେଶର ବହୁ ପ୍ରମୁଖ ଗଣମାଧ୍ୟମ ଖବର ପ୍ରକାଶ କରିଛନ୍ତି। କିନ୍ତୁ ତାଙ୍କର ଇସ୍ତଫା ଦେବା ପଛରେ ଆଉ କିଛି କାରଣ ରହିଛି ବୋଲି ମଧ୍ୟ ଅନ୍ୟ କିଛି ଖବରଦାତା ସଂସ୍ଥା କହିଛନ୍ତି। ପ୍ରକୃତରେ ବାଂଲାଦେଶର ସେନାଧ୍ୟକ୍ଷ ୱାକର ଜମାନଙ୍କୁ ହଟାଇ ତାଙ୍କ ସ୍ଥାନରେ କଠୋରବାଦୀ ଜେନେରାଲ ଫୈଜୁର ରହମନଙ୍କୁ ନିଯୁକ୍ତ କରିବାକୁ ୟୁନୁସ୍ ବହୁ ଦିନ ଧରି ପ୍ରୟାସ ଚଳାଇ ଆସିଛନ୍ତି। ଏଥିପାଇଁ ସେ ୱାକର ଜମାନଙ୍କୁ ହତ୍ୟା କରିବାକୁ ମଧ୍ୟ ପଛାଇ ନାହାନ୍ତି। କିନ୍ତୁ ଏହି ବିଷୟ ଏବେ ସାମ୍ନାକୁ ଆସିବା ପରେ ୱାକରଙ୍କ କୋପରୁ ବର୍ତ୍ତିବା ଲାଗି ୟୁନୁସ୍ ଇସ୍ତଫା ନାଟକ କରିଥିବା କୁହାଯାଉଛି। ଅନ୍ୟପଟେ ୟୁନୁସ୍ ଦେଶରେ ନିର୍ବାଚନ କରିବାକୁ କୌଣସି ଉଦ୍ୟମ କରୁ ନଥିବା ଏହାକୁ ଟାଳି ଚାଲିଥିବାରୁ ବହୁ ରାଜନୈତିକ ଦଳ ମଧ୍ୟ ୟୁନୁସ୍ ବିରୋଧୀ

**■ ମିଳୁନି ରାଜନୈତିକ ସହଯୋଗ**

**■ ପ୍ୟାରିସ୍ ପଳାୟନ ପାଇଁ ମସୁଧା**



ହୋଇପଡ଼ିଛନ୍ତି। ଯାହାକୁ ନେଇ ୟୁନୁସ୍ ବାଂଲାଦେଶ ଛାଡି ପୁଣି ପ୍ୟାରିସ୍ ଫେରାର୍ ହୋଇଯିବାକୁ ଯୋଜନା କରିଛନ୍ତି ବୋଲି କେତେକ ଗଣମାଧ୍ୟମ ପ୍ରକାଶ କରିଛନ୍ତି।

୨୦୨୪ ଅଗଷ୍ଟରେ ଶେଖ ହସିନା ସରକାରର ପତନ ପରେ ୟୁନୁସ୍ ବାଂଲାଦେଶରେ ପହଞ୍ଚିବା ସହିତ ଦେଶର ରୂପ ବଦଳାଇ ଦେବାକୁ ବାଂଲାଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହାମଧ୍ୟରେ ୯ ମାସ ବିତିଯାଇଥିଲେ ହେଁ ୟୁନୁସ୍‌ଙ୍କ ଯୋଜନାର ରୂପରେଖ କ'ଣ ରହିଛି ତାହାକୁ କେହି ଜାଣିପାରିଲେ ନାହିଁ। ବରଂ ଦେଶରେ ନିର୍ବାଚନ କରାଯାଇ ନଥିବାରୁ ଏକ ସ୍ଥିର ଓ ସ୍ଥାୟୀ ସରକାର ପ୍ରତିଷ୍ଠା ଅଭାବରେ ବାଂଲାଦେଶର ଅର୍ଥନୀତି ଏବଂ ସାମାଜିକ ସ୍ଥିତି ବେଳକୁ ବେଳ ସଙ୍ଗୀନ ହେବାରେ ଲାଗିଛି।ଅନ୍ୟପଟେ ଆମେରିକା ୟୁନୁସଙ୍କ ହାତ ଛାଡି ଦେଇଥିଲା ବେଳେ ଚୀନ୍ କୋଳରେ ବସିଥିବା ୟୁନୁସଙ୍କୁ ଚୀନ୍ ମଧ୍ୟ ପ୍ରତିଶ୍ରୁତି ଦେଇ ସେଭଳି କିଛି ସହାୟତା ଦେଇ ନାହିଁ। ଚୀନ୍ ବଳରେ ବଳିୟାନ ହୋଇ ଭାରତର ଉତ୍ତରପୂର୍ବ ରାଜ୍ୟସମୂହକୁ ଘେରିବାକୁ ଯୋଜନା କରିଥିବା ୟୁନୁସ୍ ଏବେ ଅଚାନକ ଇସ୍ତଫା ଦେବାକୁ ଘୋଷଣା କରିବା ମଧ୍ୟ ଅନ୍ୟତମ କାରଣ ବୋଲି କୁହାଯାଉଛି। ସେପଟେ ବାଂଲାଦେଶ ସେନାଧ୍ୟକ୍ଷଙ୍କୁ ନେଇ ୟୁନୁସ୍ କରିଥିବା ଷଡ଼ଯନ୍ତ୍ର ସାମ୍ନାକୁ ଆସିବା ପରେ ସେନା ମଧ୍ୟରେ ଫାଟ ସୃଷ୍ଟି ହୋଇଛଇ। ଏଭଳି ସ୍ଥିତିରେ ବାଂଲାଦେଶ ଏକ ବଡ଼ ରାଜନୈତିକ ସଙ୍କଟ ଆଡକୁ ମହାଁଉଛି ବୋଲି ବିଶେଷଜ୍ଞମାନେ ଆକଳନ କରିବା ଆରମ୍ଭ କରିଛନ୍ତି।

## ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି: ହାଭାର୍ଡରେ ପଢ଼ିପାରିବେନି ବିଦେଶୀ

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଆମେରିକାର ପ୍ରତିଷ୍ଠିତ 'ଆଇଭିୱାଇ ଲିଗ(ସର୍ବଶ୍ରେଷ୍ଠ ୮ ବିଶ୍ୱବିଦ୍ୟାଳୟ ଓ କଲେଜ) ଶିକ୍ଷାନୁଷ୍ଠାନରେ ପାଠ ପଢିବାକୁ କେବଳ ଆମେରିକୀୟ ଛାତ୍ରଛାତ୍ରୀ ନୁହନ୍ତି, ବରଂ ସାରା ବିଶ୍ୱରୁ ଏଥିପାଇଁ ବିଦ୍ୟାର୍ଥୀମାନଙ୍କ ଆଗ୍ରହ ରହିଥାଏ। ଏହି ' ଆଇଭିୱାଇ ଲିଗ୍' ଶିକ୍ଷାନୁଷ୍ଠାନଗୁଡିକ ମଧ୍ୟରୁ ପ୍ରତିଷ୍ଠିତ ହାଭାର୍ଡ ବିଶ୍ୱବିଦ୍ୟାଳୟ ଅନ୍ୟତମ। ଏହି ବିଶ୍ୱବିଦ୍ୟାଳୟରେ ଆମେରିକା ବିଦ୍ୟାର୍ଥୀଙ୍କ ବ୍ୟତୀତ ସର୍ବାଧିକ ବିଦେଶୀ ଛାତ୍ରଛାତ୍ରୀ ଅଧ୍ୟୟନ କରିଥାଆନ୍ତି। କିନ୍ତୁ ବିଦେଶୀ ବିଦ୍ୟାର୍ଥୀଙ୍କ ପାଇଁ ଏବେ ଏହି ବିଶ୍ୱବିଦ୍ୟାଳୟର ଦ୍ୱାର ବନ୍ଦ ହେବାକୁ ଯାଉଛି। ଟ୍ରମ୍ପ ପ୍ରଶାସନର ଏକ ନିଷ୍ପତ୍ତି ଅନୁଯାୟୀ ହାଭାର୍ଡରେ ବିଦେଶୀ ଛାତ୍ରଙ୍କୁ ଆଉ ନାମଲେଖାଇବାକୁ ସୁଯୋଗ ମିଳିବ ନାହିଁ। ଏହି ବିଶ୍ୱବିଦ୍ୟାଳୟର 'ଷ୍ଟୁଡେଣ୍ଟ ଆଣ୍ଡ ଏକ୍ସଚେଞ୍ଜ ଭିଜିଟର ପ୍ରୋଗ୍ରାମ ସାର୍ଟିଫିକେସନ୍' (ଏସଇଭିପି) ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ଆମେରିକାର ଗୃହସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗୃହସୁରକ୍ଷା ବିଭାଗ ସଚିବ କ୍ରିଷ୍ଟି ନୋଏମ ସୋସିଆଲ୍ ମିଡିଆରେ ପୋଷ୍ଟ କରି ହାଭାର୍ଡ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ



ହିଂସା ସହିତ ଇହୁଦୀ-ବିରୋଧୀ ମନୋଭାବକୁ ପ୍ରୋତ୍ସାହନ ଦିଆଯିବା ଏବଂ ଚୀନର କମ୍ୟୁନିଷ୍ଟ ପାର୍ଟି ସପକ୍ଷରେ ମାହୋଲ ବଢୁଥିବା ସେ ଉଲ୍ଲେଖ କରିଛନ୍ତି । ହାଭାର୍ଡକୁ ସମୁଚିତ ପଦକ୍ଷେପ ନେବାକୁ ପୂର୍ବରୁ ଅନେକ ସୁଯୋଗ ଦିଆଯାଇଛି। କିନ୍ତୁ ଏହାକୁ ଗ୍ରହଣ କରାଯାଇ ନାହିଁ। ନିୟମ କାନୁନ ନ ମାନିବା କାରଣରୁ ବିଶ୍ୱବିଦ୍ୟାଳୟର ଏସଇଭିପି ରଦ୍ଦ କରାଯାଇଛି ବୋଲି ସେ କହିଛନ୍ତି। କେବଳ ହାଭାର୍ଡ ନୁହେଁ, ଏହି ନିଷ୍ପତ୍ତି ଆମେରିକାର ଅନ୍ୟ ସବୁ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନ ପାଇଁ ଚେତାବନୀ ଭାବେ କାର୍ଯ୍ୟ କରିବ ବୋଲି ନୋଏମ କହିଛନ୍ତି। କିନ୍ତୁ ଟ୍ରମ୍ପ ପ୍ରଶାସନର ଏଭଳି ନିଷ୍ପତ୍ତି ପାଇଁ ଭାରତୀୟ ଛାତ୍ରଛାତ୍ରୀମାନେ ଅନେକ ଭାବେ ପ୍ରଭାବିତ ହେବେ ବୋଲି ଆଶଙ୍କା ବଢିଛି। ହାଭାର୍ଡରେ ୨୦୨୪-୨୫ବର୍ଷରେ ୬ହଜାର ୮ଶହ ବିଦେଶୀ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ପ୍ରତିବର୍ଷ ୫ଶହରୁ ୮ଶହ ଭାରତୀୟ ଛାତ୍ରଛାତ୍ରୀ ଓ ଗବେଷକ ଏଠାରେ ନାମ ଲେଖାଇଥିଲା ବେଳେ ଏବେ ୭୮୮ ଭାରତୀୟ ଛାତ୍ର ଶିକ୍ଷା ଗ୍ରହଣ କରୁଛନ୍ତି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନର ନିଷ୍ପତ୍ତି ପରେ ଏହି ଛାତ୍ରଛାତ୍ରୀଙ୍କୁ ଏସଇଭିପି ସ୍ୱୀକୃତିପ୍ରାପ୍ତ ପ୍ରତିଷ୍ଠାନକୁ ସ୍ଥାନାନ୍ତର ହେବାକୁ ପଡିବ। ଏହା ନ କଲେ ସେମାନଙ୍କ ଭିସା ବାତିଲ ହୋଇପାରେ ବୋଲି କୁହାଯାଉଛି।

## 'ୟଙ୍ଗ୍ ଇଣ୍ଡିଆ'କୁ ଦାନ ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା: ଇଡି



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ବଡ଼ ଖୁଲାସା କରିଛି। ୟଙ୍ଗ ଇଣ୍ଡିଆ ଲିମିଟେଡକୁ ଟଙ୍କା ଦାନ କରିବା ପାଇଁ କଂଗ୍ରେସ ନେତାଙ୍କୁ କୁହାଯାଇଥିଲା। ବରିଷ୍ଠ ନେତାଙ୍କ ନିର୍ଦ୍ଦେଶରେ କଂଗ୍ରେସ ନେତା ଏବଂ ବ୍ୟକ୍ତି ଅର୍ଥ ଦାନ କରିଥିଲେ। ଏମାନଙ୍କ ମଧ୍ୟରେ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ଏବଂ ତାଙ୍କ ଭାଇ ସାମିଲ ରହିଛନ୍ତି। ଏହି ସଂସ୍ଥାକୁ ଉଭୟେ ପ୍ରାୟ ୨.୫ କୋଟି ଟଙ୍କା ଦେଇଥିଲେ। ଟଙ୍କା ନ ଦେଲେ ରାଜନୈତିକ କ୍ୟାରିୟରକୁ ଶେଷ କରିଦିଆଯିବ ବୋଲି କଂଗ୍ରେସ ନେତାଙ୍କୁ ଦିଆଯାଇଥିଲା ବୋଲି ଆରୋପପତ୍ରରେ ଇଡି ଦର୍ଶାଇଛି। ଇଡି ପକ୍ଷରୁ ଦାବି କରାଯାଇଛି ଯେ ୧୪୨ କୋଟି ଟଙ୍କାର ମନି ଲଣ୍ଡରିଂ ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଏବଂ ସୋନିଆ ଗାନ୍ଧୀ ଅଭିଯୁକ୍ତ। ଉଭୟେ ୯୮୮ କୋଟି ଟଙ୍କାର ଅସ୍ଥାବର ସମ୍ପତ୍ତିରୁ ଲାଭ ପାଉଛନ୍ତି। କମ୍ପାନୀ ଆଇନର ଧାରା ୨୫ ଅନୁଯାୟୀ ୟଙ୍ଗ ଇଣ୍ଡିଆର ପଞ୍ଜିକରଣ ହୋଇଥିଲେ ବି ଏହାକୁ ଗାନ୍ଧୀ ପରିବାର ବ୍ୟକ୍ତିଗତ ଲାଭ ପାଇଁ ବ୍ୟବହାର କରିଥିଲା ବୋଲି ଏଜେନ୍ସି ପକ୍ଷରୁ ଅଭିଯୋଗ କରାଯାଇଛି।

## ଲେଫ୍ଟନାଣ୍ଟ ଶଶାଙ୍କ ସିକିମରେ ସହିଦ

**■ ସହଯୋଗୀଙ୍କୁ ବଞ୍ଚାଇ ହରାଇଲେ ନିଜ ଜୀବନ**



ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି): ପରୋପକାର, ଭାରତୀୟ ସେନାର ନୀତି ଏବଂ ଅଦମ୍ୟ ସାହସ ପ୍ରଦର୍ଶନ କରି ଜଣେ ସହଯୋଗୀ ଯବାନଙ୍କୁ ବଞ୍ଚାଇବା ପାଇଁ ଲେଫ୍ଟନାଣ୍ଟ ଶଶାଙ୍କ ତିୱାରୀ (୨୩) ସିକିମର ଭରା ନଈକୁ ଡେଇଁ ପଡିଛନ୍ତି। ସହଯୋଗୀଙ୍କୁ ମୃତ୍ୟୁ ମୁଖରୁ ଟାଣି ଆଣିଛନ୍ତି। କିନ୍ତୁ ନିଜେ ନଦୀର ଉଗ୍ର ଧାରାରେ ବୁଡିଯାଇ ବୀରଗତି ପ୍ରାପ୍ତ କରିଛନ୍ତି। ୮୦୦ ମିଟର ଦୂରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏକମାତ୍ର ପୁଅକୁ ହରାଇ ପରିବାର ଦୁଃଖରେ ମ୍ରିୟମାଣ ହୋଇଥିବାବେଳେ ଭାରତୀୟ ସେନା ଶଶାଙ୍କଙ୍କ ବୀରତ୍ୱକୁ ସାଲ୍ୟୁଟ କରିଛି। ଶଶାଙ୍କଙ୍କ ବାପା ମର୍ଚ୍ଚାଣ୍ଟ ନେଭିରେ କାମ କରୁଛନ୍ତି। ପୁଅ ମୃତ୍ୟୁ ଖବର ପାଇଁ ସେ ଭାରତ ଫେରୁଛନ୍ତି। କିନ୍ତୁ ହୃତ୍‌ପିଣ୍ଡ ରୋଗୀ ହୋଇଥିବାରୁ ମାଆଙ୍କୁ ଏହାର ସୂଚନା ଦିଆଯାଇ ନାହିଁ। ଶନିବାର ରାଷ୍ଟ୍ରୀୟ ସମ୍ମାନରେ ଅଯୋଧାର ଶଶାଙ୍କଙ୍କ ଅନ୍ତିମ ସଂସ୍କାର ହେବ। ଗତ ବର୍ଷ ଡିସେମ୍ବରରୁ ଲେଫ୍ଟନାଣ୍ଟ ଶଶାଙ୍କ ସିକିମ ସ୍କାଉଟରେ ମୁତୟନ ଥିଲେ। ଶୁକ୍ରବାର ସକାଳେ ଏକ ପ୍ରମୁଖ ପୋଷ୍ଟକୁ ଯାଉଥିବାବେଳେ ପୋଲରୁ ଜଣେ ସହଯୋଗୀଙ୍କ ଗୋଡ ଘଷି ଯାଇଥିଲା। ତେଣୁ ସେ ନଦୀକୁ ଖସି ପଡ଼ିଥିଲେ। ବୁଡି ଯାଉଥିବା ଦେଖି ଶଶାଙ୍କ ତାଙ୍କୁ ଉଦ୍ଧାର କରିବାକୁ ନଦୀକୁ ଡେଇଁଥିଲେ।

## ବୋଝ ଉପରେ ନଳିତାବିଡ଼ା

# ୩ ଦିନ ଯୁଦ୍ଧରେ ପାକିସ୍ତାନର ୨.୫ ବିଲିୟନ ଡଲାର କ୍ଷତି

ନୂଆଦିଲ୍ଲୀ,୨୩।୫(ଏଜେନ୍ସି): ଆମେରିକା ଠାରୁ ଚୀନ୍, ବିଶ୍ୱବ୍ୟାଙ୍କ ଠାରୁ ଆରମ୍ଭ କରି ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି(ଆଇଏମଏଫ) ପର୍ଯ୍ୟନ୍ତ ବହୁ ଆନ୍ତର୍ଜାତିକ ସଂସ୍ଥା ଠାରୁ ଋଣ କରି ପାକିସ୍ତାନ ଏବେ ଋଣଯନ୍ତାରେ ଫଶିଛି। ପାକିସ୍ତାନର ଆର୍ଥିକ ସ୍ଥିତି ଏଭଳି ରହିଛି ଯେ, ଏଠାକାର ପ୍ରତ୍ୟେକ ଶିଶୁଙ୍କ ମୁଣ୍ଡ ଉପରେ ୩.୫ ଲକ୍ଷ ଟଙ୍କା(ପାକ୍)ର ଋଣବୋଝ ରହିଛି। କିନ୍ତୁ ସାଂପ୍ରତିକ ସ୍ଥିତିରେ ପାକିସ୍ତାନ ବିନା ଋଣରେ ତିଷ୍ଠିବା ସମ୍ଭବ ନୁହେଁ। ଯେଉଁଥିପାଇଁ ମାତ୍ର ଗୋଟିଏ ବିଲିୟନ ଡଲାର ଋଣ ପାଇଁ ପାକିସ୍ତାନ ନେତାଙ୍କୁ ୧୦ଥର ଆଇଏମଏଫର ଦ୍ୱାରସ୍ଥ ହେବାକୁ ପଡ଼ିଥିବା ଦେଖାଯାଇଛି। ଏଭଳି ସ୍ଥିତିରେ ଭାରତ ସହ ମାତ୍ର ତିନି ଦିନରେ ପାକିସ୍ତାନର କ୍ଷତି ଅନ୍ୟୂନ ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆନ୍ତର୍ଜାତିକ ସ୍ତରରେ ଆକଳନ କରାଯାଇଥିଲା ବେଳେ ଏହା ବୋଝ ଉପରେ ନଳିତାବଡ଼ା ପରି ହୋଇଛି। ଭାରତ ସହ ପାକିସ୍ତାନର ଉତ୍ତେଜନା ବଢିବା ଭିତରେ ଆଇଏମଏଫ ପକ୍ଷରୁ ପାକିସ୍ତାନକୁ ୨.୩ ବିଲିୟନ ଡଲାର ଋଣ ମଞ୍ଜୁର କରାଯାଇଥିଲା। କିନ୍ତୁ ଯୁଦ୍ଧ ପ୍ରସ୍ତୁତି ଏବଂ ଭାରତ ସହ ତିନି ଦିନର ଯୁଦ୍ଧ ଖର୍ଚ୍ଚ ସହିତ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ଯେଉଁ କ୍ଷତି ହୋଇଛି ତାହା ୨.୫ ବିଲିୟନ ଡଲାରରେ ପହଞ୍ଚିଥିବା ଆକଳନ କରାଯାଇଛି। ଫଳରେ ପାକିସ୍ତାନ ଆଇଏମଏଫରୁ ଯେତିକି ଅର୍ଥ ଋଣ ଆକାରରେ ପାଇଥିଲା ତା'ଠୁ ଅଧିକ ପରିମାଣର କ୍ଷତି ଏହି ଯୁଦ୍ଧରେ ସହିବାକୁ ପଡ଼ିଛି। ଆନ୍ତର୍ଜାତିକ ସ୍ତରରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁସାରେ ଭାରତୀୟ ସେନାର ଆକ୍ରମଣରେ ପାକିସ୍ତାନର ୪ଟି ଏଫ-୧୬ ଯୁଦ୍ଧ ବିମାନ ନଷ୍ଟ ହୋଇଛି। ଗୋଟିଏ ଏଫ-୧୬ ବିମାନ ମୂଲ୍ୟ ପ୍ରାୟ ୮୭ ନିୟୁତ ଡଲାର ରହିଥିଲା ବେଳେ ଏବାବଦରେ ମୋଟ କ୍ଷତି ୩୫୦ ନିୟୁତ ଡଲାର ରହିଛି। ଗୋଟିଏ ସି-୧୩୦ ହର୍କ୍ୟୁଲେସ୍ ବିମାନ ନଷ୍ଟ ହୋଇଥିଲା ବେଳେ ଏହାର ମୂଲ୍ୟ ୪୦ ନିୟୁତ ଡଲାର ରହିଛି। ସେହିପରି ଏଚକ୍ୟୁ-୯ ଏୟାର ଡିଫେନ୍ସ ସିଷ୍ଟମ ଏବଂ ଦୁଇଟି ମୋବାଇଲ କମାଣ୍ଡ ସେଣ୍ଟର ନଷ୍ଟ ହେବା ଦ୍ୱାରା ଏଥିପାଇଁ ମଧ୍ୟ ଅନ୍ୟୂନ ୨୧୦ ନିୟୁତ ଡଲାର କ୍ଷତି ହୋଇଛି। ପାକିସ୍ତାନର ଆୱାକସ୍ ବିମାନକୁ ନଷ୍ଟ କରି ଦିଆଯାଇଥିଲା ବେଳେ ଏଥିପାଇଁ ମଧ୍ୟ ୧୦୦ ନିୟୁତ ଡଲାରର କ୍ଷତି ହୋଇଛି। ଫଳରେ କେବଳ 'ଗ୍ରାଉଣ୍ଡ ଲସ୍' ବାବଦରେ ପାକିସ୍ତାନକୁ ୭୦୦ ନିୟୁତ ଡଲାରରୁ ଅଧିକ କ୍ଷତି ସହିବାକୁ ପଡ଼ିଛି।

ଅନ୍ୟପକ୍ଷରେ 'ଅପରେସନାଲ ରେଡିନେସ୍'(ପ୍ରସ୍ତୁତି) ଏବଂ ୨୯ ଦିନ ପାଇଁ ' କମ୍ବାଟ୍ ଏୟାର ପାଟ୍ରୋଲିଂ ଓ ଷ୍ଟ୍ରାଇକ୍' ବାବଦ ଖର୍ଚ୍ଚ ୭୨୫ ନିୟୁତ ଡଲାର ରହିଥିଲା ବେଳେ

**■ ଆଇଏମ୍ଏଫ୍‌ରୁ ପାଇଥିବା ଋଣ ଠାରୁ ବି କ୍ଷତି ଅଧିକ**

**■ କେବଳ ଋଣ ବାବଦ ବର୍ଷକୁ ଶୁଝିବ ୪ ବିଲିୟନ ଡଲାର**



ଡ୍ରୋନ ଏବଂ ମିସାଇଲ ବାବଦ ଖର୍ଚ୍ଚ ୪୫୦ ନିୟୁତ ଡଲାର ରହିଥିବା କୁହାଯାଇଛି। ସୀମାରେ ସେନା ମୁତୟନ ( ବର୍ଡର ମୋବିଲାଇଜେସନ) ବ୍ୟୟ ମଧ୍ୟ ୪୩୫ ନିୟୁତ ଡଲାର ରହିଛି। ଅପରେସନ ସିନ୍ଦୂରରେ ପାକିସ୍ତାନର ୧୦ରୁ ଅଧିକ ସାମରିକ ଘାଟି କ୍ଷତିଗ୍ରସ୍ତ ହୋଇଛି। ତେବେ ଏହାମଧ୍ୟରୁ ସର୍ଗୋଧା ଏବଂ ନୂର ଖାନ୍ ଭଳି ଦୁଇ ପ୍ରମୁଖ ବାୟୁସେନା ଘାଟିରେ ଯେଭଳି କ୍ଷତି ଘଟିଛି ତାହାକୁ ମରାମତି କରିବାକୁ ହେଲେ ପ୍ରାୟ ୨୫୦ ନିୟୁତ ଡଲାର ବ୍ୟୟ ହେବ ବୋଲି କୁହାଯାଇଛି। ତେଣୁ ଏସବୁକୁ ମିଶାଇଲେ ପ୍ରାୟ ମାସକର ପ୍ରସ୍ତୁତି ଏବଂ ୩ ଦିନର ଯୁଦ୍ଧ ପାଇଁ ପାକିସ୍ତାନକୁ ପାଖାପାଖି ୨.୫ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି ବୋଲି କୁହାଯାଇଛି। ପାକିସ୍ତାନର ସାଂପ୍ରତିକ ଋଣ ଭାର ଯେତିକି ରହିଛି ତଦ୍ୱାରା ବର୍ଷକୁ ୪ ବିଲିୟନ ଡଲାର ପରିଶୋଧ କରିବାକୁ ପଡ଼ିବ। ଏଭଳି ସ୍ଥିତିରେ ଏହି ପରିମାଣର କ୍ଷତି ପାକିସ୍ତାନ ଆର୍ଥିକ ସ୍ଥିତିକୁ ଆହୁରି ଜଟିଳ କରିବ। ଏହାବ୍ୟତୀତ ଭାରତ ଯଦି ଏଫଏଟିଏଫ୍ ଏବଂ ଆନ୍ତର୍ଜାତିକ ସହାୟତା ବନ୍ଦ ପାଇଁ ଅଭିଯାନ ଚଳାଏ ତେବେ ପାକିସ୍ତାନକୁ ଆହୁରି ଉତ୍କଟ ସ୍ଥିତି ସାମ୍ନା କରିବାକୁ ପଡ଼ିବ ବୋଲି କୁହାଯାଇଛି।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-325 ◆BHUBANESWAR ◆SATURDAY ◆24 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୨୫ ◆ଭୁବନେଶ୍ୱର ◆ଶନିବାର ◆୨୪ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ସାରା ରାଜ୍ୟରେ ପ୍ରାକ୍ ମୌସୁମୀ ବର୍ଷା

**୨୭ରେ ଲଘୁଚାପ, ଦୁଇ ଦିନ ପ୍ରବଳ ବର୍ଷା ସମ୍ଭାବନା**

■ **ଭୁବନେଶ୍ୱର, ୨୩।୫ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଆରମ୍ଭ ହୋଇଛି। ଉଭୟ ଆରବ ସାଗର ଓ ବଙ୍ଗୋପସାଗର ପଟୁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ହେତୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେଉଛି। ଗତ ୨ରୁ୩ ଦିନ ହେବ ରାଜ୍ୟର ଅଧିକାଂଶ ସ୍ଥାନରେ ପାଗ ମେଘୁଆ ରହିବା ସହ ଝିପି ଝିପି ବର୍ଷା ଲାଗି ରହିଛି। ଗୁରୁବାର ରାତିରେ ରାଜ୍ୟର ପ୍ରାୟ ୧୭ଟି ସ୍ଥାନରେ ଅଧିକ ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ଗଜପତି ଜିଲ୍ଲାର ଗୁମ୍ମା ଠାରେ ସର୍ବାଧିକ ୧୩୦ ମିମି. ବର୍ଷା ରେକର୍ଡ କରାଯାଇଥିବା ବେଳେ ଚମ୍ପୁଆରେ ୧୦୬ ମିମି., ସେମିଳିଗୁଡ଼ାରେ ୧୦୫ ମିମି., କୋମନାରେ ୧୦୦ ମିମି. ବର୍ଷା ରେକର୍ଡ କରାଯାଇଛି। ଶୁକ୍ରବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ହୋଇଛି। ଅନ୍ୟପଟେ ଆସନ୍ତା ୨ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳ ଛୁଇଁବାର ସମ୍ଭାବନା ରହିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ରେ କେରଳ ଛୁଇଁବା ପରେ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ▶ପୃଷ୍ଠା-୭

### ଭାରତକୁ ପାକ୍ ଜେନେରାଲ ଅହମ୍ମଦ ସରିଫଙ୍କ ଧମକ

# ପାଣି ବନ୍ଦକଲେ ନିଶ୍ୱାସ ବନ୍ଦ କରିଦେବୁ

■ **ଇସଲାମାବାଦ, ୨୩।୫ (ଏଜେନ୍ସି):** ଅପରେସନ ସିନ୍ଦୂରକୁ ମାତ୍ର ୧୦ରୁ ୧୨ ଦିନ ବିତିଥିବା ଏବଂ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଚାଲିଥିବା ବେଳେ ପାକିସ୍ତାନ ସେନା ପ୍ରବକ୍ତା ଲେଫ୍ଟନାଣ୍ଟ ଜେନେରାଲ ଅହମ୍ମଦ ସରିଫ ଚୌଧୁରୀ ଭାରତକୁ ପୁଣି ଧମକ ଦେବା ଆରମ୍ଭ କରିଛନ୍ତି। ଭାରତ ଯଦି ପାକିସ୍ତାନ ପାଣି ନ ଛାଡେ ତେବେ ପାକିସ୍ତାନ ଭାରତବାସୀଙ୍କୁ ନିଶ୍ୱାସ ପ୍ରଶ୍ୱାସ ବନ୍ଦ କରିଦେବ ବୋଲି ସେ ଧମକ ଦେଇଛନ୍ତି।

ପାକିସ୍ତାନର ଏକ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କୁ ସମ୍ବୋଧିତ କରି ସେ ଏହା କହିଛନ୍ତି। କିନ୍ତୁ ତାଙ୍କର ଏଭଳି ଧମକ ନିକଟରେ ଲସ୍କର-ଏ-ତୋଏବା ଆତଙ୍କବାଦୀ ସଂଗଠନ ମୁଖ୍ୟ ହାଫିଜ୍ ସୟିଦ ଦେଇଥିବା ବୟାନ ସହିତ ତାଳ ଖାଉଥିବାରୁ ଜେନେରାଲ ଚୌଧୁରୀଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯିବା ଆରମ୍ଭ ହୋଇଛି। ଭାରତ ସିନ୍ଧୁ ଜଳ ପାକିସ୍ତାନକୁ ବନ୍ଦ କରିବା ପରେ ହାଫିଜ୍ ସୟିଦ ଭାରତକୁ ଧମକ ଦେଇ ପାକିସ୍ତାନ ଭାରତୀୟଙ୍କ ନିଶ୍ୱାସ ବନ୍ଦ କରିଦେବ ଏବଂ ସିନ୍ଧୁ ନଦୀରେ ରକ୍ତ ବୋହିବ ବୋଲି କହିଥିଲା। ଏବେ ଜେନେରାଲ ଚୌଧୁରୀ ସେହି କଥା ଅବିକଳ ଦୋହରାଇଛନ୍ତି। ଏହାଦ୍ୱାରା ପାକିସ୍ତାନ ସେନା ଏବଂ ଆତଙ୍କବାଦୀଙ୍କ ମଧ୍ୟରେ କିଭଳି ସମନ୍ୱୟ ରହିଛି ତାହା ପୁଣିଥରେ ପ୍ରମାଣିତ ହୋଇଛି।




ଆଫଗାନିସ୍ତାନର ଜଣେ ପୂର୍ବତନ ସାଂସଦ ମରିୟନ ସୋଲାଇମନଖିଲ ଜେନେରାଲ ଚୌଧୁରୀଙ୍କ ବୟାନକୁ ନିନ୍ଦା କରିବା ସହିତ ସେନା ନେତୃତ୍ୱ ନେଉଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ମୁହଁରେ ଏଭଳି କଥା ଶୋଭା ପାଏନି ବୋଲି କହିଛନ୍ତି। ତାଙ୍କର ବୟାନ ଜଣେ ଆତଙ୍କବାଦୀର ବୟାନ ସହିତ ମେଳ ଖାଇବା ଆଦୌ ସମୀଚିନ ନୁହେଁ ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରକୁ ନେଇ ପାକିସ୍ତାନର ବିଫଳତା ସେଠାକାର ସେନାଧିକାରୀଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିଥିବାରୁ ଏବେ ଜଣକ ପରେ ଜଣେ ଏଭଳି ବୟାନ ଜାରି କରିବାରେ ଲାଗିଛନ୍ତି ବୋଲି ମଧ୍ୟ ବିଭିନ୍ନ ସ୍ତରରେ ଆଲୋଚିତ ହେଉଛି।

### ରୁଷିଆ ଉପରେ ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣ

## ମସ୍କୋ ଆକାଶରେ ୪୫ ମିନିଟ୍ ଚକ୍କର କାଟିଲା ଭାରତୀୟ ସାଂସଦଙ୍କ ବିମାନ

■ **ନୂଆଦିଲ୍ଲୀ, ୨୩।୫ (ଏଜେନ୍ସି):** 'ଅପରେସନ ସିନ୍ଦୂର ଆଉଟ୍‌ରିଚ୍' କାର୍ଯ୍ୟକ୍ରମରେ ଡିଏମକେ ସାଂସଦ କାନିମୋଝିଙ୍କ ନେତୃତ୍ୱରେ ଏକ ୬ ଜଣିଆ ସାଂସଦ ପ୍ରତିନିଧି ଦଳ ଗୁରୁବାର ରାତିରେ ରୁଷିଆରେ ପହଞ୍ଚିଛନ୍ତି। ସେମାନେ ଡୋମଡିଡୋଭୋ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ସେମାନଙ୍କୁ ସ୍ୱାଗତ କରିଥିଲେ। ହେଲେ ଏହି ବିମାନଟି ଡ୍ରୋନ ଆକ୍ରମଣ ଯୋଗୁଁ ବହୁ ସମୟ ଧରି ମଝି ଆକାଶରେ ଫସି ରହିଥିଲା। ମସ୍କୋକୁ ଟାର୍ଗେଟ କରି ୟୁକ୍ରେନ ପକ୍ଷରୁ ଡ୍ରୋନ ଆକ୍ରମଣ କରାଯାଇଥିଲା ବେଳେ ଭାରତୀୟ ବିମାନ ଅବତରଣ ପାଇଁ ସମସ୍ୟା ଉପୁଜିଥିଲା। ଯାହାକୁ ନେଇ ବିମାନଟି ମସ୍କୋ ଆକାଶରେ ୪୫ ମିନିଟ୍‌ରୁ ଅଧିକ ସମୟ ଧରି ଘୁରି ବୁଲିଥିଲା। ପରେ ସବୁଜ ସଙ୍କେତ ମିଳିବା ପରେ ବିମାନଟି ଅବତରଣ କରିଥିଲା। ବିମାନଟି ମସ୍କୋ ଆକାଶରେ ଅବତରଣ ପାଇଁ ପ୍ରସ୍ତୁତ ହେଉଥିଲା ବେଳେ ଏହି ସମୟରେ ୟୁକ୍ରେନର ଡ୍ରୋନ ମାଡ଼ ଏବଂ ଅବତରଣ ପାଇଁ ଉପୁଜିଥିବା ସମସ୍ୟା ସମ୍ପର୍କରେ କାନିମୋଝି ସୂଚନା ଦେଇଛନ୍ତି। ପୂର୍ବରୁ ରୁଷ ରାଷ୍ଟ୍ରପତି ପୁତିନ ଡୋନାଲ୍ଡ ଟ୍ରମ୍ପଙ୍କ ସହ ଏକ ଆଲୋଚନା ସମୟରେ କହିଥିଲେ ଯେ ଯେତେବେଳେ ଅନ୍ୟ ଦେଶର ସରକାରୀ ପ୍ରତିନିଧିମଣ୍ଡଳୀ ରୁଷିଆ ଆସିଥାଆନ୍ତି ସେତେବେଳେ ୟୁକ୍ରେନ ମସ୍କୋ ▶ପୃଷ୍ଠା-୭

### ଜନ୍ମଦିନରେ ଜଳସମାଧି

## ଜେଜେବାପା-ନାତି ମୃତ

■ **ତୁରୁମୁଙ୍ଗା, ୨୩।୫ (ସମିସ):** ଜନ୍ମ ଦିନରେ ମନ୍ଦିର ଯିବା ପୂର୍ବରୁ ବୈତରଣୀକୁ ଜେଜେବାପାଙ୍କ ସହ ଗାଧୋଇବାକୁ ଯାଇଥିଲା ନାତି। ସାଙ୍ଗରେ ବଡ଼ଭାଇ ବି ଯାଇଥିଲା। କିନ୍ତୁ, ସେଠାରେ ଯେ ଆଗରୁ ଯମ ଛକି ବସିଥିଲା; ଏକଥା କାହାରିକୁ ମାଲୁମ୍ ନଥିଲା। ଦୁଇନାତିଙ୍କୁ ଧରି ବୁଡ଼ ପକାଇବା ବେଳେ ସାନ ନାତି ଭାସିଗଲା। ତାକୁ ବଞ୍ଚାଇବାକୁ ଯାଇ ଜେଜେ ବାପା ବି ସେଇ ବୈତରଣୀର ପ୍ରଖର ସୁଅରେ ଅନ୍ତର୍ଧ୍ୟାନ ହୋଇଗଲେ। ସୌଭାଗ୍ୟକୁ ବଡ଼ ନାତି ଯେନତେନ ପ୍ରକାରେ ନିଜ ଜୀବନ ବଞ୍ଚାଇ କୂଳକୁ ଚାଲି ଆସିଲା। କେନ୍ଦୁଝର ଜିଲ୍ଲା ପାଟଣା ଥାନା ସିଲିପଦା ଗ୍ରାମରେ ଆଜି ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ବାସୁଦେବ



ମହାନ୍ତ(୬୫) ଓ ତାଙ୍କ ନାତି ଦିବ୍ୟାଂଶୁ ମହାନ୍ତ (୧୧)। ସୂଚନାନୁଯାୟୀ, ଆଜି ଦିବ୍ୟାଂଶୁର ଜନ୍ମ ଦିନ ଥିଲା। ମନ୍ଦିର ଯିବା ପୂର୍ବରୁ ଜେଜେବାପା ବାସୁଦେବ ▶ପୃଷ୍ଠା-୭

## ଅନୁଜ କୁମାର ଦାସ ପଟ୍ଟନାୟକ ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ

■ **ଭୁବନେଶ୍ୱର, ୨୩।୫ (ସମିସ):** ରାଜ୍ୟ ସରକାର ଶୁକ୍ରବାର ଓଏଏସ୍‌ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଓଏଏସ୍ ଅଧିକାରୀ ଅନୁଜ କୁମାର ଦାସ ପଟ୍ଟନାୟକ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ପିଏମ୍ ପୋଷଣ ଓ ଏମ୍ଏମ୍ ପୋଷଣ ରାଜ୍ୟ ଯୋଜନାର ନୋଡାଲ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ସଚିବ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ପିଏମ୍ ▶ପୃଷ୍ଠା-୭

### ଦିନକରେ ଦୁଇ ଥର ବସିଲା କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ

## ଅସନ୍ତୁଷ୍ଟ ନେତାଙ୍କ ମାନଭଞ୍ଜନ

**ନିରଞ୍ଜନ, ପ୍ରସାଦ ଦୁଇ କମିଟିର ଅଧ୍ୟକ୍ଷ ନିଯୁକ୍ତ**

■ **ଭୁବନେଶ୍ୱର, ୨୩।୫ (ସମିସ):** ଗତକାଲି ଅହୋରାତ୍ର ଧାରଣାରେ ବରିଷ୍ଠ ନେତାଙ୍କ ଅନୁପସ୍ଥିତିକୁ ନେଇ ଘନୀଭୂତ ବିବାଦ କଂଗ୍ରେସରେ ସୃଷ୍ଟି ହୋଇଛି କମ୍ପନ। ଏହାର ନକରାତ୍ମକ ବାର୍ତ୍ତା ଏତେ ତୀବ୍ର ଥିଲା ଯେ ତୁରନ୍ତ ଦଳର ରାଜନୈତିକ କମିଟି ବୈଠକ ଆହ୍ୱାନ ହୋଇଛି। ଗୋଟିଏ ଦିନରେ ଦୁଇ ଦୁଇଥର ବୈଠକ ଡ଼କାଯାଇ ଦଳୀୟ ସମସ୍ୟାର ସମାଧାନ ଓ ବରିଷ୍ଠ ନେତାମାନଙ୍କ ମାନଭଞ୍ଜନ କରାଯାଇଛି। ଦଳର ଦୁଇ ପୂର୍ବତନ ରାଜ୍ୟ ସଭାପତି ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନଙ୍କୁ ଦୁଇଟି କମିଟିର ଅଧ୍ୟକ୍ଷ କରାଯାଇ ଦଳୀୟ ଫାଟରେ କାଦୁଅ ଲେସିଛନ୍ତି ପିସିସି ସଭାପତି ଭକ୍ତଚରଣ।

ସାମାଜିକ ନ୍ୟାୟ ପ୍ରସଙ୍ଗରେ ପିସିସି ସଭାପତିଙ୍କ ଡାକରା ଆୟୋଜିତ ଅହୋରାତ୍ର ଧାରଣା ସ୍ଥଳକୁ ଅନେକ ହେଭିୱେଟ୍ ନ ଆସିବା ଦଳରେ ଯେଉଁ ବିବାଦ ସୃଷ୍ଟି କରିଥିଲା, ତାହାକୁ ସମାଧାନ କରାଯାଇଛି ବୋଲି କୁହାଯାଉଛି। ଗୁରୁବାର ଧାରଣାସ୍ଥଳକୁ ଆସି ନ ଥିବା ନେତାମାନେ ଶୁକ୍ରବାର ସକାଳେ କଂଗ୍ରେସ ଭବନରେ ଆୟୋଜିତ ▶ପୃଷ୍ଠା-୭




# ଗାଡ଼ିରୁ ମୋବାଇଲ ଓ ଟଙ୍କା ଚୋରି; ଜଣେ ଗିରଫ



ପାଣିକୋଇଲି, ୨୩।୫(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସାହାପୁର ନିକଟରେ ଅଟକି ଥିବା ଏକ ଗାଡିରୁ ମୋବାଇଲ ଓ ଟଙ୍କା ଚୋରି ହେବାର ଅଭିଯୋଗ ଥାନାରେ ହୋଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଚୋରକୁ ଗିରଫ କରି ମୋବାଇଲ ଓ ଟଙ୍କା ଜବତ କରିବାରେ ସକ୍ଷମ ହୋଇଛି। ଆଜି ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯାଇଛି। ପ୍ରକାଶ ଥାଉକି ଗତ ୨୨ ତାରିଖ ଗୁରୁବାର ଭୋର ସମୟରେ ପାଣିକୋଇଲି ଥାନା ଅନ୍ତର୍ଗତ ସାହାପୁର ପାର୍କିଙ୍ଗରେ ଏକ ପିକଅପ (ଜେଏଚ୍ ୦୧ଇଜି ୭୦୭୬) ରହିଥିଲା। ଏହାର ଚାଳକ ରାଞ୍ଚି ଜିଲ୍ଲା ଗୁଡୁମୁ ଥାନା ଅର୍ନ୍ତଗତ ଚାମା ମୁନ୍ନାନାମାଟୋଲି ଗ୍ରାମର ଅର୍ଜ୍ଜୁନ ଯାଦବଙ୍କ ପୁଅ ଅଜୟ ଯାଜବ ଗାଡିରେ ଶୋଇଥିଲା। ଏହାର ସୁଯୋଗରେ କେହି ଦୃବୃର୍ତ୍ତ ଗାଡିରୁ ମୋବାଇଲ ଓ ନଗଦ ୨୦ହଜାର ଶହେ ଟଙ୍କା ଚୋରି କରିନେଇଥିଲା। ଏନେଇ ଅଜୟ ପାଣିକୋଇଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୩୧/୨୫ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲାରେ ପୁଲିସ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ସୋତି ଗ୍ରାମର ପରମେଶ୍ୱର ଦାଶଙ୍କ ପୁଅ ଭବାନୀ ଶଙ୍କର ଦାଶଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ତା' ନିକଟରୁ ମୋବାଇଲ ଓ ଟଙ୍କା ଜବତ କରାଯାଇଥିଲା। ଆଜି ଅଭିଯୁକ୍ତ ଭବାନୀକୁ ଅଦାଲତ ଚାଲାଣ କରାଯାଇଛି।

# ମନରେଗା ଯୋଜନାରେ ଅନିୟମିତତା

ବିଞ୍ଝାରପୁର, ୨୩।୫(ସମିସ): ବେସରକାରୀ ଜାଗାରେ ନିର୍ମାଣ କରାଯାଇଥିବା ଏକ ରାସ୍ତାକୁ ଦେଖାଇ ଏନ୍ଆରଇଜିଏସ ଯୋଜନାରେ ପୂରାଇ ବିଲ୍ କରାଇ ନେବା ପାଇଁ ହୋଇଥିବା ଏକ ଯୋଜନାକୁ ସ୍ଥାନୀୟ ଲୋକେ ନାପସନ୍ଦ କରିଛନ୍ତି। ପ୍ରକାଶ ଯେ ବିଞ୍ଝାରପୁର ଥାନା ତଥା ବରୀ ବ୍ଲକର ଅଙ୍ଗାଲୋ ପଞ୍ଚାୟତର ଅରିଲୋ ନିକଟରେ କାଣୀ ନଦୀବନ୍ଧର ବିକାଶ ଓ ନଦୀ ତଟର ସୁରକ୍ଷା କାର୍ଯ୍ୟ ଚାଲିଛି। ଠିକାଦାର ପଥର ଓ ମ୍ୟାଟେରିଆଲ୍ ବୁହାଇ ନେବା ପାଇଁ ଜଣେ ଲୋକଙ୍କ ଜାଗାରେ ମାଟି ପକାଇ ଏକ ରାସ୍ତା ନିର୍ମାଣ କରିଥିଲେ। ଆଜି ଅଚାନକ ଏହି ରାସ୍ତା ନିକଟରେ ପଞ୍ଚାୟତ ତରଫରୁ ଏକ ମନରେଗା ଯୋଜନାର ବୋର୍ଡ ଲାଗିଥିବାରୁ ଲୋକେ ଚକିତ ହୋଇଥିଲେ। ଘରୋଇ ଭାବରେ ନିର୍ମିତ ଏହି ରାସ୍ତା ମନରେଗାରେ ହୋଇଥିବା କଥା ବୋର୍ଡରେ ଦର୍ଶାଯାଇଛି। ଯାହାର ବ୍ୟୟ ଅଟକଳ ୧ଲକ୍ଷ ପଚାଶ ହଜାର ବୋଲି ଲେଖାଯାଇଥିବା ଦେଖିବାକୁ ମିଳିଛି। ଏ ପ୍ରକାର କାର୍ଯ୍ୟକୁ ସାଧାରଣର ନାପସନ୍ଦ କରାଯାଇଛି। ବରୀ ବ୍ଲକର ବିଡିଓ ଏହାର ତଦନ୍ତ କରିବାକୁ ଦାବି ହୋଇଛି।

## ଯାଜପୁର ବିଜେପିରେ ଗୋଷ୍ଠୀ କନ୍ଦଳ

# ଗୋଟିଏ ଦିନରେ ସମାନ୍ତରାଳ ତ୍ରିରଙ୍ଗା ଯାତ୍ରା





ଯାଜପୁର, ୨୩।୫(ସମିସ)

ଗତ ସାଧାରଣ ନିର୍ବାଚନ ପରଠାରୁ ଯାଜପୁର ନିର୍ବାଚନ ମଣ୍ଡଳୀର ବିଜେପି ସଂଗଠନରେ ଗୋଷ୍ଠୀ କନ୍ଦଳ ତୀବ୍ରତର ହେବାରେ ଲାଗିଛି। ଗୋଟିଏ ପଟେ ଟିକଟ ପାଇ ପରାଜିତ ହୋଇଥିବା ନେତା ଗୌତମ ରାୟ ଥିବା ବେଳେ ଅନ୍ୟ ଗୋଷ୍ଠୀରେ ସଂଗ୍ରାମ ପାତ୍ର, ମୃତ୍ୟୁଞ୍ଜୟ ମିଶ୍ର ଏବଂ ପୁଲିନ ପୁହାଣ ଭଳି ଯୁବ ନେତା ଅଛନ୍ତି। ଉଭୟ ଉଭୟଙ୍କ ଗୋଷ୍ଠୀଙ୍କ ବିରୋଧରେ ବେଶ ଛକାପଞ୍ଝା ଚାଲିଥିବା ଦେଖିବାକୁ ମିଳିଛି। ଏପରିକି ଦଳୀୟ କାର୍ଯ୍ୟକ୍ରମରେ ଉଭୟ ଗୋଷ୍ଠୀ ମଧ୍ୟ ସମାନ୍ତରାଳ କାର୍ଯ୍ୟକ୍ରମ କରୁଥିବା ଦେଖିବାକୁ ମିଳିଛି। ବିଶେଷ କରି ଗୌତମ ଯାଜପୁର ଜିଲ୍ଲା ବିଜେପି ସଭାପତି ପଦରୁ ବିଦାହେବା ପରେ ବିରୋଧୀ ଗୋଷ୍ଠୀ ଅଧିକ ସକ୍ରିୟ ହୋଇପଡ଼ିଛନ୍ତି। ଅପରେସନ ସିନ୍ଦୁରର ସଫଳତା ପାଳନ କରିବା ଉଦ୍ଦେଶ୍ୟରେ ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଉଛି। ଆଜି ଯାଜପୁର ନିର୍ବାଚନ ମଣ୍ଡଳୀରେ ଏହି ଯାତ୍ରା ଆୟୋଜିତ ହୋଇଛି। ଯାଜପୁର ସହରରେ ସକାଳୁ ଗୌତମ ରାୟଙ୍କ ନେତୃତ୍ୱରେ ତ୍ରିରଙ୍ଗା ଯାତ୍ରା ଆୟୋଜନ କରାଯାଇଥିବା ବେଳେ ଏଥିରେ ଯାଜପୁର ସାଂସଦ ରବି ବେହେରା, ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ ସାମିଲ ହୋଇଥିଲେ। କିନ୍ତୁ ସ୍ଥାନୀୟ ନଗର ସଭାପତି ଇଂ. ତପନ ନାୟକ, ମୃତ୍ୟୁଞ୍ଜୟ ମିଶ୍ର, ସଂଗ୍ରାମ ପାତ୍ରଙ୍କ ଭଳି ଯୁବ ନେତୃତ୍ୱଙ୍କ ଦେଖା ମିଳିନଥିଲା। କିନ୍ତୁ ଅପରାହ୍ନରେ ଯାଜପୁର ନଗରରେ ତ୍ରିରଙ୍ଗା ପଦଯାତ୍ରା ଆୟୋଜିତ ହୋଇଥିଲା। ଯାଜପୁର ନଗର ତ୍ରିରଙ୍ଗା ପଦଯାତ୍ରା କମିଟି ସଭାପତି ତଥା ଯାଜପୁର ବିଜେପି ନଗର ସଭାପତି ଇଂ. ତପନ କୁମାର ନାୟକଙ୍କ ନେତୃତ୍ୱରେ ଯାଜପୁର ସହରର ଜଗନ୍ନାଥ ମନ୍ଦିର ନିକଟରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଗାନ୍ଧୀଛକଠାରେ ଗାନ୍ଧୀମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ସମାପ୍ତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ମୁରବୀ, ବରିଷ୍ଠ ବ୍ୟକ୍ତି, ଯୁବକ ଓ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କ ସହ ଜିଲ୍ଲା ବିଜେପି ସଭାନେତ୍ରୀ ଦେବଜାନୀ ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ, ଉପସଭାନେତ୍ରୀ ମନିଷା ବେହେରା, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ଜିଲ୍ଲା ଉପ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସଞ୍ଜୟ ନାୟକ, ଯୁବନେତା ଲକ୍ଷ୍ମୀନାରାୟଣ ମଲ୍ଲିକ ଯୋଗଦେଇଥିଲେ।

# ବାଂଲାଦେଶୀଙ୍କୁ ବିତାଡ଼ିତ କରିବାକୁ ଦାବି



ବିଞ୍ଝାରପୁର, ୨୩।୫(ସମିସ): ଅପରେସନ ସିନ୍ଦୁର ଭାରତୀୟ ଯବାନଙ୍କ ବୀରତ୍ୱର ସନ୍ଦେଶ ବିଶ୍ୱ ଦରବାରକୁ ଦେଇଛି ବୋଲି ଅବସର ପ୍ରାପ୍ତ ନାଏକ ପ୍ରଫୁଲ୍ଲ କୁମାର ଜେନା କହିଛନ୍ତି। ସେ କହିଛନ୍ତି ଯୁଦ୍ଧ କ୍ଷେତ୍ରକୁ ଯିବା ପାଇଁ ଯଦି ତାଙ୍କୁ ସୁଯୋଗ ଦିଆଯାଏ ସେ ଏହି ସୁଯୋଗକୁ ଗ୍ରହଣ କରି ଦେଶ ମାତୃକା ପାଇଁ ଲଢେଇ କରିବେ। ବିଞ୍ଝାରପୁର ବ୍ଲକର କଏଣା ରଘୁନାଥପୁର ପଞ୍ଚାୟତର ମାଧପୁର ଗ୍ରାମର ପ୍ରଫୁଲ୍ଲ କୁମାର ଜେନା। ସେ ଭାରତୀୟ ସେନା ବାହିନୀର ବିହାର ରେଜିମେଣ୍ଟରେ କାର୍ଯ୍ୟ କରି 'ନାଏକ' ଭାବରେ ପଦୋନ୍ନତି ପାଇ ଅବସର ଗ୍ରହଣ କରିଛନ୍ତି। ଏହାସହିତ ରାଜ୍ୟରୁ ବିଶେଷ କରି ବାଂଲାଦେଶୀମାନଙ୍କୁ ବିତାଡିତ କରିବାକୁ ସେ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। କିଛି ବାଂଲାଦେଶର ବିଞ୍ଝାରପୁର, ଅଳକୁଣ୍ଡ ଆଦି ଅଞ୍ଚଳରେ ଫେରିବାଲା ଭାବରେ ବୁଲାଚଲା ମାଧ୍ୟମରେ ଗୁପ୍ତଚର ଗିରି କରୁଛନ୍ତି। ସରକାର ଏମାନଙ୍କୁ ଦେଶ ଓ ରାଜ୍ୟରୁ ବାହାର କରିବା ପାଇଁ ଉଦ୍ୟମ କରିବା ଉଚିତ୍ ବୋଲି ସେ କହିଛନ୍ତି।

# ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ପାଣିକୋଇଲି, ୨୩।୫(ସମିସ): ଚଳିତ ବର୍ଷ ଯୁକ୍ତ ୨ କଳା ଓ ବିଜ୍ଞାନ ପରୀକ୍ଷାରେ ପାଣିକୋଇଲିସ୍ଥିତ ଡିଭାଇନ କୋଚିଂ ସେଣ୍ଟର ଶତପ୍ରତିଶତ ସଫଳତା ହାସଲ କରିଛି। ଚଳିତ ବର୍ଷ ଯୁକ୍ତ ୨ ପରୀକ୍ଷାରେ ସଫଳତା ହାସଲ କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଅଧ୍ୟାପିକା ଶାରଳା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମ୍ବାଦିକ ସୁବାସ ଧଳ ଯୋଗଦେଇଥିଲେ। ଏହି ଅନୁଷ୍ଠାନରେ ଅଧ୍ୟୟନରତ ଯୁକ୍ତ୨ କଳାରେ ସୁଶ୍ରୀ ଲୋପାପ୍ରିୟା ରାଉତ ୫୪୨ ନମ୍ବର (୮୭ ପ୍ରତିଶତ) ଏବଂ ବିଜ୍ଞାନରେ ସୁଶ୍ରୀ କବି ୪୯୦ (୮୧ ପ୍ରତିଶତ) ନମ୍ବର ରଖି ପାଣିକୋଇଲି ମା' ତାରିଣୀ ଉଚ୍ଚ ବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସୁଶ୍ରୀ ଗୀତାଞ୍ଜଳୀ ପାଲ ୮୩ ପ୍ରତିଶତ, ଲିପ୍ସାରାଣୀ କବି ୮୪ ପ୍ରତିଶତ, ମୀରା ମଲିକ ୮୧ ପ୍ରତିଶତ ତଥା ଅନ୍ୟ ୧୦ଜଣ ଛାତ୍ରଛାତ୍ରୀ ୭୫ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ଡିଭାଇନ କୋଚିଂର ଉପଦେଷ୍ଟା ତାରିଣୀ ପ୍ରସାଦ ରାୟ, ପରିଚାଳକ ଦେବାଶିଷ ଶତପଥି, ଅଧ୍ୟାପକ ଜ୍ୟୋତିଷ କୁମାର ବେହେରା, ଅଭିଷେକ ଷଡଙ୍ଗୀ, ରଶ୍ମିତା ଧଳ, ସୁକାନ୍ତି ସାହୁ, ସୁହାସିନୀ ଜେନା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଅଧ୍ୟାପିକା ସୁଶ୍ରୀ ସୋନାଲି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବାପୁ ପାଠଶାଳାରେ ଗ୍ରୀଷ୍ମକାଳୀନ ଶିକ୍ଷା ଶିବିର

ଧର୍ମଶାଳା, ୨୩।୫(ସମିସ): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ଗାଁ ଜାଲଶୁଖାରେ ଚାଲୁଥିବା ମାଗଣା ଶିକ୍ଷାକେନ୍ଦ୍ର ବାପୁ ପାଠଶାଳାରେ ଗ୍ରୀଷ୍ମ କାଳୀନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିକ୍ଷା ଶିବିରକୁ ପାଠଶାଳାର ପ୍ରତିଷ୍ଠାତା ସାମାଜିକ କର୍ମୀ ଦେବବ୍ରତ ରାଉତ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଆଶୀର୍ବାଦ ଫାଇନାନ୍ସର ଶାଖା ସହ ପରିଚାଳକ ଦୀନବନ୍ଧୁ ମହଲ ଓ ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଅବିନାଶ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ନିଶା ନିବାରଣ, ପରିବେଶ ସୁରକ୍ଷା, ବିଦ୍ୟାଳୟ ପ୍ରବେଶ ଓ ନୈତିକ ଶିକ୍ଷା ସମ୍ପର୍କରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଚଳିତବର୍ଷ ବାପୁ ପାଠଶାଳାର ସେହି ଗ୍ରାମର ଏକମାତ୍ର ଛାତ୍ରୀ ନନ୍ଦିନୀ ଦେଉରୀ ମାଟ୍ରିକ ପାସ କରିଥିବାରୁ ଅତିଥିମାନେ ନନ୍ଦିନୀଙ୍କୁ ପୁରସ୍କୃତ କରିଥିଲେ। ବିଜୟ କୁମାର ସାମଲ ଧନ୍ୟବାଦ ଦେଇଥିଲେ।

# ଫେଲ୍ ମାରିଛି ଆଲୋକୀକରଣ ଯୋଜନା



କୟାଁଗୋଲା, ୨୩।୫(ସମିସ): ଗାଁକୁ ଆଲୋକୀକରଣ କରିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ପୂର୍ବ ସରକାର ବିଭିନ୍ନ ସାହି, ଗାଁ, ବସ୍ତି ମାନଙ୍କ ଲଗାଯାଇଥିଲା ଷ୍ଟିଟ୍‌ଲାଇଟ୍। ସେହି ସବୁ ଷ୍ଟିଟ୍‌ଲାଇଟ୍ ଆଉ ଜଳୁ ନଥିବା ଦେଖିବାକୁ ମିଳିଛି। ଦଶରଥପୁର ବ୍ଲକ ଅନ୍ତର୍ଗତ ୩୫ଟି ପଞ୍ଚାୟତରେ ପ୍ରତି ଗାଁ ସାହି ଦାଣ୍ଡରେ ଲାଗିଥିବା ଉଜ୍ଜ୍ୱଳ ଆଲୋକ ଗୁଡିକ ଅଚଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଯଥା ପୂର୍ବଂ ତଥା ପରଂ ଭଳି ଲାଗିଥିବା ଉଜ୍ଜ୍ୱଳ ଆଲୋକ ଆଉ ଜଳୁ ନାହିଁ। ଗାଁ ଦାଣ୍ଡ ପୁଣି ଅନ୍ଧକା ହୋଇପଡ଼ିଛି। କେଉଁଠି ବିଦ୍ୟୁତ୍ ଖୁଣ୍ଟରେ ଅଚଳ ଲାଇଟ୍ ଝୁଲୁଥିବା ବେଳେ ଆଉ କେଉଁ ଖୁଣ୍ଟରେ ଦିନ ରାତି ଆଲୋକ ଧପ୍‌ଧପ୍ ହେଉଛି। ଲାଗିଥିବା ବୈଦ୍ୟୁତିକ ଉପକରଣ ରକ୍ଷଣା ବେକ୍ଷଣ ଅଭାବ ଓ ମରାମତି ହେଉ ନ ଥିବା କାରଣରୁ ଅଚଳ ହୋଇଗଲାଣି। ଉକ୍ତ କାର୍ଯ୍ୟକୁ ହାତକୁ ନେଇଥିବା ଠିକାଦାର ଚୁକ୍ତି କରିଥିଲେ ୫ ବର୍ଷ ଯାଏଁ ଲାଇଟ୍ ଗୁଡିକ ରକ୍ଷଣାବେକ୍ଷଣ କରିବା ପାଇଁ। ପରିତାପର ବିଷୟ ୫ ମାସ ପର୍ଯ୍ୟନ୍ତ ତଦାରଖ କରିଲେ ନାହିଁ। ଯାହା ଦ୍ୱାରା ଲାଇଟ୍ ଗୁଡ଼ିକ ଅଚଳ ହୋଇ ପଡ଼ିଛି। ବ୍ଲକ ପ୍ରଶାସନ ପକ୍ଷରୁ ଚୟନ ହୋଇଥିବା ଠିକାଦାରମାନେ ନାମୀ ଦାମୀ କମ୍ପାନୀର ଲାଇଟ୍ ଲଗାଇବା ପରିବର୍ତ୍ତେ କମ୍ ଦାମ୍‌ର ଚାଇନା ଲାଇଟ୍ ଲଗାଇ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ଆସୁଛି। ଆଲୋକୀକରଣର ବ୍ୟବସ୍ଥା ଠପ୍ ହେବାରୁ ଗାଁରେ ଥିବା ମନ୍ଦିର ଓ ଘରୁ ଦୁର୍ବୃର୍ତ୍ତମାନେ ଚୋରି କରୁଥିବା ଦେଖିବାକୁ ମିଳିଛି। ଗାଁ ଗୁଡ଼ିକର ଉନ୍ନତିମୂଳକ କାର୍ଯ୍ୟ ପାଇଁ ଆସୁଥିବା କୋଟି କୋଟି ଟଙ୍କା ଅଚଳ ଲାଇଟ୍ ଗୁଡିକୁ ସଚଳ କରିବା ନୂତନ ଲାଇଟ୍ ଲାଗାଇବା ସରପଞ୍ଚମାନେ ଇଚ୍ଛା ପ୍ରକାଶ କରୁ ନଥିବା ଅଭିଯୋଗ ହେଉଛ।

# ସାମାନ୍ୟ ବର୍ଷାରେ ଘଣ୍ଟା ଘଣ୍ଟା ବିଦ୍ୟୁତ୍‌କାଟ୍

ଧର୍ମଶାଳା, ୨୩।୫(ସମିସ): ଧର୍ମଶାଳା ବ୍ଲକ ଜାରକା ବିଦ୍ୟୁତ ଉପଖଣ୍ଡ ଅଧୀନରେ ସାମାନ୍ୟ ବର୍ଷାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍ ହେଉଥିବାରୁ ଉପଭୋକ୍ତାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଜରକା ବିଦ୍ୟୁତ ଉପଖଣ୍ଡ ଅଧୀନରେ ହଜାର ହଜାର ଉପଭୋକ୍ତା ରହିଥିବା ବେଳେ ବାରମ୍ବାର ବିଦ୍ୟୁତ କାଟ୍ ଯୋଗୁଁ ଉପଭୋକ୍ତାମାନେ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏବେ ଗ୍ରୀଷ୍ମ ପ୍ରବାହ ଚାଲିଥିବା ବେଳେ ବିଦ୍ୟୁତ କାଟ୍ ହେବ ନାହିଁ ବୋଲି ସରକାର ନିର୍ଦ୍ଦେଶ ଦେଇଥିବା ବେଳେ ଜାରକା ଅଞ୍ଚଳରେ ଏହାର ଉଲ୍ଲଘଂନ କରାଯାଉଛି। ସାମାନ୍ୟ ବର୍ଷା ହେଲେ ଏଠାରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ କାଟ୍ ହେଉଛି। ଆଜି ସାମାନ୍ୟ ବର୍ଷା ହେବା ପରେ ବିଭାଗ ପକ୍ଷରୁ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଛି। ତେବେ ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଚରା ଯିବାରୁ ୩୩ କେଭି ଲାଇନ ଖରାପ ହୋଇଥିବା କହି ନିଜ ଉପରୁ ଦୋଷ ଛଡାଇ ଦେଉଥିବା ବେଳେ କେବେ ବିଦ୍ୟୁତ ଅସିବ ସେ ସମ୍ପର୍କରେ କୌଣସି ସୂଚନା ଦେଇ ପାରୁ ନାହାନ୍ତି। ବିଦ୍ୟୁତ ବିଭାଗରେ ଏଭଳି ବିଚିତ୍ର ନିତିକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ସେହିପରି ଏହି ବିଦ୍ୟୁତ ଉପଖଣ୍ଡରେ ଦୀର୍ଘଦିନ ହେଲା ସହକାରୀ ଯନ୍ତ୍ରୀ ପଦ ଖାଲି ପଡ଼ିଛି।

# ଦୁବାଇ ଯିବେ କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ

## ■ ଅନ୍ତଃରାଷ୍ଟ୍ରୀୟ ବିଜ୍ଞାନ ମେଳାରେ ଯୋଗ ଦେବେ



ଯାଜପୁର ଟାଉନ/ଯଖପୁରା, ୨୩।୫(ସମିସ): ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ଯାଜପୁରର ଛାତ୍ରୀ ପ୍ରିନ୍ସେସ୍ ସଞ୍ଚିତା ଅନ୍ତରାଷ୍ଟ୍ରୀୟ ସ୍ତରରେ ଅନୁଷ୍ଠିତ ହେବାକୁ ଥିବା ବିଜ୍ଞାନ ମେଳା ୱାଇଆଇଏସ୍ଏଫ୍ ପାଇଁ ମନୋନୀତ ହୋଇଛନ୍ତି। ସଞ୍ଚିତା ତାଙ୍କର ପ୍ରକଳ୍ପ 'ଆଇସକ୍ରିମ ଲାଇଫ ଇନ୍ କ୍ରିଜର' ଦୁବାଇରେ ଏଣ୍ଡ ଇଣ୍ଡିଆନ ସ୍ୱିଟ୍ସ ସେଲଫ୍ ହେବାକୁ ଥିବା ୱାଇଆଇଏସ୍ଏଫ୍ ପ୍ରତିଯୋଗିତାରେ ପ୍ରଦର୍ଶନ କରିବେ। ଦାନଗଦି ବ୍ଲକ ମାଣତିରା ପଞ୍ଚାୟତ କେନ୍ଦୁଡିପ ଗାଁର ଶିବାନନ୍ଦ ପରିଡ଼ା ଓ ଶିକ୍ଷୟିତ୍ରୀ ମୋନାଲିସା ପରିଡ଼ାଙ୍କ ଏକମାତ୍ର ଝିଅ ସଞ୍ଚିତା ଯାଜପୁର ଅକରପଡ଼ା ସ୍ଥିତ ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅଟନ୍ତି। ବର୍ତ୍ତମାନ ସଞ୍ଚିତା ମିଲ୍‌ସଟ୍ ଇଣ୍ଡିଆ ହେଡ୍ ମିଷ୍ଟର ପୀୟୂଷ ମାଧବଙ୍କ ତତ୍ତ୍ୱାବଧାନରେ ନିଜ ବିଦ୍ୟାଳୟ ଓ ରାଜ୍ୟର ପ୍ରତିନିଧିତ୍ୱ କରିବେ।

# ସ୍କୁଲ ପରିସରରେ ବିବାହ ଭୋଜି



ଯାଜପୁର ଟାଉନ, ୨୩।୫(ସମିସ): ସରକାରୀ ଶିକ୍ଷାନୁଷ୍ଠାନରେ ଉତ୍ତମ ଶୈକ୍ଷିକ ବାତାବରଣ ନିମନ୍ତେ ସ୍କୁଲ୍ ଓ ଏହାର ପରିସରକୁ ଅନ୍ୟ କୌଣସି କାର୍ଯ୍ୟକ୍ରମ ନିମନ୍ତେ ବ୍ୟବହାର କରାଯାଇ ପାରିବ ନାହିଁ ବୋଲି ରାଜ୍ୟ ଗଣଶିକ୍ଷା ବିଭାଗ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। କିନ୍ତୁ ଯାଜପୁରରେ ଏହାର ଉଲ୍ଲଘଂନ ହୋଇଥିବା ଦେଖିବାକୁ ମିଳିଛି। ଏପରି ଦେଖିବାକୁ ମିଳିଛି ବିଚିତ୍ରପୁର ପଞ୍ଚାୟତ ବାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ। ଏକ ବିବାହ ଭୋଜି ପାଇଁ ଏଠାରେ ଟେଣ୍ଟ ବନ୍ଧା ଚାଲିଛି।

ଯାଜପୁର ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟର ଅନତି ଦୂର ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ଯାଜପୁର ବ୍ଲକ ଶିକ୍ଷାଧିକାରୀଙ୍କ ନିକଟସ୍ଥ ବିଚିତ୍ରପୁର ପଞ୍ଚାୟତର ବାଣପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆସନ୍ତା ୨୫ ତାରିଖରେ ଏକ ବିବାହ ଭୋଜି ନିମନ୍ତେ ଟେଣ୍ଟ ବନ୍ଧା କାମ ଚାଲିଥିବା ଦେଖିବାକୁ ମିଳିଛି। ଏନେଇ କେତେକ ବୁଦ୍ଧିଜୀବୀ ଏବଂ ଗଣମାଧ୍ୟମ ପ୍ରତିନିଧି ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଏବଂ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ସେମାନେ ଉପରୋକ୍ତ ଏପରି ବେଆଇନ କାର୍ଯ୍ୟକୁ ପ୍ରଶୟ ଦିଆଯିବ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ପରିଚାଳନା କମିଟି ନିର୍ଦ୍ଦେଶରେ ଏପରି କାର୍ଯ୍ୟ ହେଉଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଏହି ଘଟଣା ସମ୍ପର୍କରେ କିଛି ବୁଦ୍ଧିଜୀବୀ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କବାଟବନ୍ଧ, ୨୩।୫(ସମିସ): ଜେନାପୁର ପୁଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡ଼ିହ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜେନାପୁର ଥାନା ଅଧିକାରିଣୀ ନିରୂପମା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜେନାପୁର ଥାନା ଅଞ୍ଚଳ ତଥା ସାହାଣୀଡ଼ିହ ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଜନସାଧାରଣ, ଜନ ପ୍ରତିନିଧି, ଯୁବକ, ମହିଳା ସାମିଲ ହୋଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ନିଶା ନିବାରଣ, ସାଇବର ଅପରାଧ ଏବଂ ପୋକ୍‌ସୋ ଆକ୍ଟ ସମ୍ବନ୍ଧରେ ବିସ୍ତୃତ ଭାବେ ଥାନା ଅଧିକାରିଣୀ ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। ସେହିପରି ନୂତନ ଭାବେ ପ୍ରଣୀତ ହୋଇଥିବା ଆଇନ ସମ୍ବନ୍ଧରେ ବିଶେଷ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜେନାପୁର ଥାନା ଅଧିକାରିଣୀ ନିରୂପମା ଜେନାଙ୍କ ସମେତ ସବଇନ୍ସପେକ୍ଟର ଶଶୀଭୂଷଣ ପରିଡ଼ା, କନଷ୍ଟେବଳ ଅଜୟ ପ୍ରଧାନ, ଦିନେସ ରଣା, ନିହାର ରାଉତରାୟ, ଚନ୍ଦ୍ରାଣୀ ସୋରେନ, ସମେତ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

ପାଣିକୋଇଲି, ୨୩।୫(ସମିସ): ପାଣିକୋଇଲି ନମଟିକିରି ରାସ୍ତାରେ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଛି। ପ୍ରକାଶଯେ ମାଳଆନ୍ଦପୁର ପଞ୍ଚାୟତ ନମଟିକିରି ଗ୍ରାମର ବିଷ୍ଣୁ ଦଳେଇଙ୍କ ପୁଅ ବଳରାମ ଦଳେଇ ଏକ ବାଇକ୍ ଯୋଗେ ପାଣିକୋଇଲିରୁ ଘରକୁ ଫେରୁଥିଲେ। ହେଲେ ବାଟରେ ଭାରସାମ୍ୟ ହରାଇ ଏକ ଗୋରୁ ଦେହରେ ଧକ୍କା କରିଥିଲେ। ଫଳରେ ଗୋରୁଟି ଗୁରୁତର ଆହତ ହେବା ସହ ରାସ୍ତାରେ ପଡ଼ି ବଳରାମ ମଧ୍ୟ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ତିନି ମାସ ହେଲା ଓଡ଼ିଆ ଯୁବକ ଗୋଆରେ ନିଖୋଜ



ଯାଜପୁର, ୨୩।୫(ସମିସ)


ବିଞ୍ଝାରପୁର ଥାନା ଧରମପୁର ଗାଁର ସରୋଜ ଓଝା (୨୯) ନାମକ ଯୁବକ ଗୋଆରେ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ପୁଲିସ କେବଳ ନିଖୋଜ କେଶ୍ କରି ହାତବାନ୍ଧି ବସିଛି। ନିଖୋଜ ପୁଅକୁ ଠାବ କରିବାକୁ ନିଖୋଜ ସରୋଜର ପିତା ସିଭିଲ ସୋସାଇଟ ଯାଜପୁର ଏବଂ ହ୍ୟୁମାନ ରାଇଟ୍ସ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଯୋଗ୍ୟ ବିଞ୍ଝାରପୁର ଥାନା ଅନ୍ତର୍ଗତ ବାମଦେବପୁର ଗ୍ରାମର ବିନୋଦ ରଣା ବିଏସ୍ଏନ୍ଏଲ୍ ବିଭାଗରେ କାମ ଯୋଗାଇ ଦେବାକୁ କହି ଧରମପୁର ଗ୍ରାମର ଶ୍ୟାମସୁନ୍ଦର ଓଝାଙ୍କ ପୁଅ ସରୋଜଙ୍କୁ ୧୧ ମାସ ତଳେ ଗୋଆ ନେଇଥିଲେ। ସେଠାରେ କାମ କରାଇବା ପରେ ମାସିକ ଦରମା ନ ଦେଇ ଅଯଥା ଯୁକ୍ତି କରିବା ସହିତ ସରୋଜକୁ ଜୀବନରୁ ମାରି ଦେବାକୁ ଧମକ ଚମକ ଦେଇଥିଲେ। ୧୧ ମାସ ଦରମା ନ ପାଇ ସରୋଜ ଗତ ଫେବୃୟାରୀ ୧୧ ତାରିଖରେ ଗୋଆରୁ ଗାଁକୁ ଫେରୁଥିଲେ। ଫୋନ ଯୋଗେ ଘରକୁ ଏକାଧିକ ବାର କଥା ହେବା ପରେ ୧୨ ତାରିଖ ଠାରୁ ଫୋନ୍ ଲାଗିନଥିଲା। ଏ ସମ୍ପର୍କରେ ତାଙ୍କୁ ନେଇଥିବା ବିନୋଦ ରଣାଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇନଥିଲେ। ଏ ସମ୍ପର୍କରେ ନିଖୋଜ ସରୋଜଙ୍କ ବାପା ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ଥାନା ପକ୍ଷରୁ ଏକ ନିଖୋଜ ମାମଲା ରୁଜୁ କରାଯାଇଥିଲା। ବିନୋଦ ରଣାଙ୍କୁ ଥାନାକୁ ଡାକି ଅଟକ ରଖିବା ପରେ ଛାଡିଦେଇଥିଲେ। ଘଟଣାର ତିନିମାସ ବିତିଛି। ହେଲେ ନିଖୋଜ ସରୋଜକୁ ଠାବ କରିବାରେ ପୁଲିସ ସକ୍ଷମ ହୋଇନଥିବା ଅଭିଯୋଗ ହୋଇଛି। ନିଖୋଜଙ୍କ ପିତା ମାତା ଯାଜପୁର ଏସ୍‌ପିଙ୍କ ସହ ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ ବି ନିଖୋଜ ଯୁବକକୁ ଠାବ କରାଯାଇନାହିଁ। ପୁଲିସର ନିରପେକ୍ଷ ତଦନ୍ତ ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ସରୋଜଙ୍କ ପରିବାର ପକ୍ଷରୁ ସିଭିଲ ସୋସାଇଟ ଫୋରମ ଯାଜପୁର ସମ୍ପାଦକ ତଥା ହ୍ୟୁମାନ ରାଇଟ୍ସ ଡିଫେଣ୍ଡର ବିଶ୍ୱନାଥ ପାତ୍ର, ଏସସିଏସଟି ଜଏଣ୍ଟ ଆକ୍ସନ କମିଟିର ଦୁଷ୍ମନ୍ତ ଜେନା, ସାମାଜିକ କର୍ମୀ କ୍ଷୀରୋଦ ଦାସ, ସହଦେବ ଜେନା, ରମେଶ ମଲିକ ପ୍ରମୁଖ ବିଞ୍ଝାରପୁର ଥାନା ଆଇଆଇସି ବାମଦେବ ନନ୍ଦଙ୍କୁ ଭେଟି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବିଞ୍ଝାରପୁର ଆଇଆଇସି ଏ ସମ୍ପର୍କରେ ତଦନ୍ତ ଚାଲିଛି, ମୋବାଇଲ ଟ୍ରାକିଂ କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ● ତ୍ୱରିତ ପଦକ୍ଷେପ ଦାବି କଲା ସିଭିଲ ସୋସାଇଟି

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

"ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥"



ସ୍ୱ ଭ୍ରମରବର ରାଉତ

ଆବିର୍ଭାବ: ୨୮.୧୨.୧୯୩୪ / ତିରୋଧାନ: ୧୫.୦୫.୨୦୨୫

ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରୋପକାରିତା ଓ ତ୍ୟାଗ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ । ତୁମ ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ: ପ୍ରଶାନ୍ତ, ସୁଶାନ୍ତ ଓ ପରିବାରବର୍ଗ


SIDDHI VINAYAK
HIGHER SECONDARY SCHOOL
RESIDENTIAL +2 SCIENCE COLLEGE
PACHHUDIA, JUJHESTIPUR, BALASORE
SVHSS
SIDDHI VINAYAK
Above 90%
Permanent Recognized by Govt. of Odisha & Affiliated to CHSE
A Leading Residential +2 Science College with integrated coaching for Medical & Engineering and Excellent Result Since 2010
TOTAL APPEARED - 215
ABOVE 500 MARK 32
1ST DIVISION 204
2ND DIVISION 11
CONGRATULATIONS
549 S SATYAPRAGYAN PANIGRAHI R. No.-376AA003
548 PRIYANKA PRADHAN R. No.-376AA122
543 KRISHNA PARHI R. No.-376AA113
542 SHUBHAM KU. PANIGRAHI R. No.-376AA012
541 DEBASHRITA NANDA R. No.-376AA115
540 JIBAN PRADEEP SA R. No.-376AA031
100% Result
CHSE RESULT ABOVE 500 MARKS
537 AKANKSHYA BARIK R. No.-376AA120
534 SWATILAGNA PARHI R. No.-376AA146
530 HARABRATA DEY R. No.-376AA018
530 SAI SWARUPA KAR R. No.-376AA123
529 BIDYA DEBARSHI SHIAL R. No.-376AA203
524 TRUPTI RANJAN BEHERA R. No.-376AA032
523 JANMEJAY SATAPATHY R. No.-376AA016
518 SAHIL KUNDU R. No.-376AA051
518 MAYANJIT SAHU R. No.-376AA053
517 CHIRANJEEB BEHERA R. No.-376AA014
515 DEBABRATA BEHERA R. No.-376AA024
515 RAJA BARIK R. No.-376AA214
513 SUBHAM KU. MUNDA R. No.-376AA104
513 SNEHASHREE KAR R. No.-376AA116
510 NIHAR RANJAN DANDAPAT R. No.-376AA009
510 JEEBAN KU. DASH R. No.-376AA034
509 RUDRANARAYAN BHOI R. No.-376AA006
509 SHUBHANKAR SAHOO R. No.-376AA209
508 KAUSHIK KU. MALLICK R. No.-376AA042
508 SHANTANU KU. PANDA R. No.-376AA048
506 TRISHNA PANIGRAHI R. No.-376AA124
506 PRAGYAN P. MALIK R. No.-376AA126
503 DEEPAK KU. MOHANTA R. No.-376AA028
501 BINAY KU. SAHOO R. No.-376AA037
500 KARINAREKHA DHAL R. No.-376AA128
500 STHITI PRAJNA SWAIN R. No.-376AA132
ପୂର୍ବ ବର୍ଷ ପରି ଚଳିତ ବର୍ଷ ମଧ୍ୟ ପାସହାର ୧୦୦ ଶତକଡ଼ା ହୋଇଛି ।
With Best Complements from : Sumanta Kumar Sahu (Principal), Kabir Kumar Madhual (Chairman), Sudhansu Panda (Secretary), Mousam Kumar Singh (President), all Trustees & Staff.
Admission going on for the session 2025-26
For Admission Contact - 9437976583, 9437061219, 7064489000, 7064489001, 7064489005, 7064489015

# ସମ୍ପାଦକୀୟ



କଷ୍ଟକର କାମ କରିବା ପାଇଁ ମୁଁ ଅଳସୁଆ ବ୍ୟକ୍ତିମାନଙ୍କୁ ପସନ୍ଦ କରେ; କାରଣ ସେମାନେ କଷ୍ଟ କାମଟି କରିବା ପାଇଁ ସହଜ ଉପାୟଟିଏ ବାହାର କରନ୍ତି।
-ବିଲ୍ ଗେଟ୍ସ

ସକାଳ
THE SAKALA

## ମଞ୍ଜୀକୁ ମାଡ଼

ଗୋଇନ୍ଦା ସୂତ୍ରରୁ ମିଳିଥିବା ଏକ ନିର୍ଭରଯୋଗ୍ୟ ତଥ୍ୟ ନିର୍ଣ୍ଣାୟକ ଚଢ଼ଉ ସକାଶେ ସୁଯୋଗ ସୃଷ୍ଟି କରିଥିଲା। ସିପିଆଇ (ମାଓବାଦୀ) ଓ ପିପୁଲ୍ସ ଲିବରେସନ ଗରିଲା ବାହିନୀର ପଲିଟବ୍ୟୁରୋ ସଦସ୍ୟ ଓ କେନ୍ଦ୍ରୀୟ କମିଟି ନେତା ନକ୍ସଲ ଉପଦ୍ରୁତ ଦାନ୍ତେୱାଡ଼ା, ନାରାୟଣପୁର ଓ ବିଜାପୁର ଜିଲ୍ଲାର ସୀମନ୍ତ ଅଞ୍ଚଳରେ ଏକତ୍ର ହୋଇଥିଲେ। ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଆଞ୍ଚଳିକ କମିଟିର ନୂତନ ସଂପାଦକ ନିଯୁକ୍ତିକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ କରିବା ଥିଲା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ। ୨୦୧୯ରେ ରମାନ୍ନାଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିବା ପରଠାରୁ ଏହି ସଚିବ ପଦ ଖାଲି ପଡ଼ିଥିଲା। ନେତୃତ୍ୱ ଅଭାବରୁ ପରିଲକ୍ଷିତ ଶିଥିଳତା ଦୂର କରିବା ସଂଗଠନ ସକାଶେ ଜରୁରୀ ହୋଇପଡ଼ିଥିଲା। ତେବେ ନକ୍ସଲଙ୍କୁ ସଂପୂର୍ଣ୍ଣ ରୂପେ ନିପାତ କରିବା ଲକ୍ଷ୍ୟରେ କ୍ରମାଗତ ସୁଚିନ୍ତିତ ଯୋଜନା ପ୍ରସ୍ତୁତି ଚଳାଉଥିବା ବାହିନୀର ମୁଖ୍ୟ ଅବୁଝମାଡ଼ ଜଙ୍ଗଲକୁ ଚତୁର୍ଦ୍ଦିଗରୁ ଘେରଉ କରିବାକୁ ଡିଆରଜି ଓ ଏସଟିଏଫ୍ ଯବାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅପରେସନ ବ୍ଲାକ ଫରେଷ୍ଟ ଦ୍ୱିତୀୟ ଦଫା ମଧ୍ୟ ସଫଳ ହୋଇଛି। ଏହି କାର୍ଯ୍ୟାନୁଷ୍ଠାନରେ ସଂଗଠନର ମହାସଚିବ ନାମ୍ବାଲା କେଶବ ରାଓ ଓରଫ ବାସବରାଜୁଙ୍କ ସମେତ ୩୦ ଜଣ ନକ୍ସଲ୍ ନିହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ସଂଗଠନର କିଛି ପ୍ରଭାବଶାଳୀ ନେତା ଓ ସୁଦକ୍ଷ କ୍ୟାଡର ଥିବାର ଅନୁମାନ କରାଯାଉଛି। ଜବତ ହୋଇଥିବା ୨୭ଟି ମୃତଦେହକୁ ଏ ପର୍ଯ୍ୟନ୍ତ ଚିହ୍ନଟ କରାଯାଇପାରିନାହିଁ। ଏହି ସଂଘର୍ଷ ଓ ଗୁଳିବିନିମୟରେ ଜଣେ ଡିଆରଜି ଯବାନ ନିହତ ଓ ଏକାଧିକ ଆହତ ହୋଇଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସଂଗଠନକୁ ଶକ୍ତି ଓ ସାମର୍ଥ୍ୟ ଯୋଗାଇଲା ଭଳି ନେତୃତ୍ୱ ଅଭାବ ଆଗକୁ ପରିଲକ୍ଷିତ ହେବ। ଏହା ନକ୍ସଲ ଆନ୍ଦୋଳନକୁ ନିଶ୍ଚିହ୍ନ କରିଦେବା ସକାଶେ ସରକାର ଯେଉଁ ଯୋଜନା ପ୍ରସ୍ତୁତ କରିଛନ୍ତି ତାହାକୁ ସାକାର କରିବାରେ ସହାୟକ ହେବ।

ଚାରୁ ମଜୁମଦାର ଓ କାହ୍ନୁ ସାନ୍ୟାଲଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ସଶସ୍ତ୍ର ନକ୍ସଲ ଆନ୍ଦୋଳନରେ ବହୁ ଶିକ୍ଷିତ ଓ ବୁଦ୍ଧିଜୀବୀ ସଂଶ୍ଳିଷ୍ଟ ହୋଇଥିଲେ। ସତୁରୀ ଦଶକରେ ଏହି ଆଦର୍ଶଗତ ସଂଗ୍ରାମ ଯେ ନିରାଧାର ଓ ନିରର୍ଥକ ଏକଥା ବୁଝିବାକୁ ବେଶ୍ ସମୟ ଲାଗିଥିଲା। ଆଦର୍ଶଗତ ବିଦ୍ୱେଷ ଓ ବିଭେଦ ମଧ୍ୟରେ ବହୁ ପରିବର୍ତ୍ତନ ଘଟିଛି ଏହି ସଂଗଠନରେ। ୱାରାଙ୍ଗଲ ଆଞ୍ଚଳିକ ଇଂଜିନିୟରିଂ କଲେଜରୁ ବି.ଟେକ୍ ପାସ୍ କରିଥିବା ବାସବରାଜୁ ଜଣେ କମାଣ୍ଡର ଭାବେ ସଂଗଠନରେ ଯୋଗଦେଇ ୨୦୧୮ରୁ ମହାସଚିବ ରୂପେ ନେତୃତ୍ୱ ନେଇଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ସେ ଜଳ, ଜଙ୍ଗଲ ଓ ଜମି ଅଧିକାରକୁ ଆଧାର କରି ବନବାସୀ ଓ ଆଦିବାସୀଙ୍କ ସମର୍ଥନ ହାସଲ କରିଥିଲେ। ଏଠାରେ ମନେ ରଖିବାକୁ ହେବ ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ସନ୍ତ୍ରାସ ଓ ସଂଘର୍ଷର ସ୍ଥାନ ନାହିଁ। ଏହି ସମର୍ଥନ ଆଧାରରେ ପ୍ରତିନିଧିତ୍ୱ କରି ସମସ୍ୟା ସମାଧାନର ଥିବା ସୁଯୋଗ ପ୍ରତି ସେମାନଙ୍କୁ ଆକର୍ଷିତ କରାଯାଇପାରେ। ଏଠାରେ ଉଲ୍ଲେଖ କରାଯାଇପାରେ କି ଅତୀତରେ ସେମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ସକାଶେ ଆତ୍ମସମର୍ପଣର ସୁଯୋଗ ସୃଷ୍ଟି କରାଯାଇଥିଲା। ଯେତେଦୂର ମନେହୁଏ ବାସବରାଜୁଙ୍କ ପରେ ସଂଗଠନକୁ ନେତୃତ୍ୱ ଦେବାର ଦକ୍ଷତା ଆଉ କାହାର ଥିଲା ଭଳି ମନେ ହେଉନି। ଆଗକୁ ମାଧବୀ ହିଡମାଙ୍କ ନେତୃତ୍ୱ କେତେଦୂର ସକ୍ଷମ ହେବ ସେ ନେଇ ସନ୍ଦେହ ରହିଛି। ତେଣୁ ଅଯଥା ରକ୍ତପାତ ନ କରି ଆପୋସ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଏକ ସୁଯୋଗ ସୃଷ୍ଟି କରାଯାଇପାରେ।

ସରକାରଙ୍କ ସଂକଳ୍ପବଦ୍ଧ କାର୍ଯ୍ୟାନୁଷ୍ଠାନରେ ଲାଲଗଡ଼ ଦୁର୍ଗ ପତନ ଅବଶ୍ୟମ୍ଭାବୀ ହୋଇ ପଡ଼ିଥିବା ବେଳେ ନକ୍ସଲଙ୍କ ପକ୍ଷରୁ ମାସକ ତଳେ ଆପୋସ ଆଲୋଚନା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ସରକାରଙ୍କ ଏ ନେଇ ନିରବତାରୁ ସ୍ପଷ୍ଟ ହୋଇଥିଲା ଯେ ଦମନମୂଳକ କାର୍ଯ୍ୟାନୁଷ୍ଠାନ ଜାରି ରହିବ। ସଂଗଠନର ମୁଖିଆ ବାସବରାଜୁଙ୍କ ନିଧନ ପରେ କ୍ୟାଡରଙ୍କ ପକ୍ଷରେ ଆତ୍ମସମର୍ପଣ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ପ୍ରତିକୂଳ ସମୟ ସହ ଲଢ଼ିବା ଏତେ ସହଜ ନୁହେଁ, ସୁଯୋଗ ବାର ବାର ଆସେ ନାହିଁ। ସରକାରଙ୍କ କୋହଳ ମନୋବୃତ୍ତିର ସୁଯୋଗ ନେଇ ସେମାନେ କେବଳ ଦୌରାତ୍ମ୍ୟ ଜାରି ରଖି ନ ଥିଲେ, ଉନ୍ନୟନ କାର୍ଯ୍ୟର ବାଧକ ସାଜିଥିଲେ। ନିରାପତ୍ତାରକ୍ଷୀ, ସୁରକ୍ଷା ବାହିନୀଙ୍କ ବିରୋଧରେ କ୍ରମାଗତ ଧମାକା ସୃଷ୍ଟି କରି ସେମାନଙ୍କ ନିଧନର କାରଣ ସାଜିଥିଲେ। ଏଠାରେ ସୂଚାଇ ଦିଆଯାଇପାରେ କି ଛତିଶଗଡ଼ କଂଗ୍ରେସ ସଭାପତି ମହେନ୍ଦ୍ର ବର୍ମା ଓ ଟିଡିପି ବିଧାୟକ ଟି. ସର୍ବେଶ୍ୱର ରାଓଙ୍କ ହତ୍ୟା ଘଟଣାରେ ଖୋଦ ବାସବରାଜୁ ସାମିଲ ଥିଲେ। ସେ ଥିଲେ ଦୁର୍ଦ୍ଧର୍ଷ ଓ ଦୁର୍ଦ୍ଦାନ୍ତ ନକ୍ସଲ ନେତା। ଯାହାଙ୍କ ଯୋଜନାବଦ୍ଧ ଆକ୍ରମଣାତ୍ମକ କାର୍ଯ୍ୟାନୁଷ୍ଠାନରେ ୭୪ ଜଣ ସୁରକ୍ଷା କର୍ମୀ ସହିଦ ହୋଇଥିଲେ। ତଥ୍ୟ କହେ ଯେ, ସୁକୁମା ଆଇଇଡି ବିସ୍ଫୋରଣ, ଗଛେଡିଲି ଲ୍ୟାଣ୍ଡ ମାଇନ ବିସ୍ଫୋରଣ, ସୁକୁମା-ବିଜାପୁର ଅତର୍କିତ ଆକ୍ରମଣ, ଦାନ୍ତେୱାଡା ଓ ବିଜାପୁର ଆଇଇଡି ବିସ୍ଫୋରଣ ଭଳି ସଂଗିନ ଆତଙ୍କୀ ଆକ୍ରମଣ ତାଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଛତିଶଗଡ଼ ସରକାର ତାଙ୍କ ମୁଣ୍ଡ ପାଇଁ କୋଟିଏ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହାବ୍ୟତୀତ ଓଡ଼ିଶା, ଆନ୍ଧ୍ର ଓ ତେଲଙ୍ଗାନା ସରକାରଙ୍କ ପକ୍ଷରୁ ମଧ୍ୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପୁରସ୍କାର ଘୋଷଣା କରାଯାଇଥିଲା। ସେ ସୁରକ୍ଷାକର୍ମୀଙ୍କ ନିଶାଣରେ ଥିଲେ ମଧ୍ୟ ଗୋଟିକ ପରେ ଗୋଟିଏ ବିପର୍ଯ୍ୟୟ ଘଟାଇ ଏ ରାଜ୍ୟରୁ ସେ ରାଜ୍ୟକୁ ବେଶ ଚତୁରତାର ସହ ପଳାଇଯାଇ ଆଶ୍ରୟ ନେଇଥିବାରୁ ଏ ପର୍ଯ୍ୟନ୍ତ ସୁରକ୍ଷିତ ଥିଲେ। ଅବୁଝମାଡ଼ ନିଷିଦ୍ଧାଞ୍ଚଳରେ ଆୟୋଜିତ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂପର୍କରେ ସଠିକ ଗୋଇନ୍ଦା ତଥ୍ୟ ତାଙ୍କ ସମେତ ସଂଗଠନର ଅନ୍ୟ ପ୍ରମୁଖଙ୍କ ନିଧନ ପାଇଁ ସୁଯୋଗ ସୃଷ୍ଟି କରିଥିଲା।

ଏହି ଘଟଣାକ୍ରମରେ କେତେ ମଲେ, କେତେ ରହିଲେ ତାହାର ହିସାବ ଯେତେ ବଡ଼କଥା ନୁହେଁ, ବଡ଼କଥା ହେଉଛି ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶକୁ ନକ୍ସଲଙ୍କ ଆତଙ୍କରୁ ମୁକ୍ତ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯେଉଁ ଘୋଷଣା କରିଥିଲେ ତାହା ଯେ ସାକାର ହେବ ଏକଥା ନିଶ୍ଚିତ ହୋଇଯାଇଛି। ଆଗାମୀ ଦିନରେ ସଂଗଠନ ନେତୃତ୍ୱ ଅଭାବରୁ ବାଟ ହୁଡ଼ିବା ଏକପ୍ରକାର ଥୟ। ତେଣୁ ଲଢ଼େଇ ବଦଳରେ ଆତ୍ମସମର୍ପଣ ହିଁ ବହୁକର୍ମୀଙ୍କ ପାଇଁ ଜୀବନରକ୍ଷାର ମାଧ୍ୟମ ହେବ। ଆଗାମୀ ଦିନରେ ଓଡ଼ିଶା, ଛତିଶଗଡ଼ ଓ ତେଲଙ୍ଗାନାର ଏଭଳି ବହୁ ଅନଗ୍ରସର ଅଞ୍ଚଳ ଅଛି, ଯାହାର ବିକାଶ ନକ୍ସଲଙ୍କ କାର୍ଯ୍ୟକଳାପ ଯୋଗୁଁ ସମ୍ଭବ ହେଉନଥିଲା। ଏହି ସଫଳତା ସେଥିପାଇଁ ନିଶ୍ଚୟ ପଥ ପରିଷ୍କାର କରିବ।

## ଜୈବବିବିଧତାର ଗୁରୁତ୍ୱ

**ହିମାଂଶୁ ଶେଖର ଫତେସିଂହ**

ସୌରଜଗତରେ ଏକ ମାତ୍ର ଜୀବନ୍ତ ଗ୍ରହ ହେଉଛି ପୃଥିବୀ। ଏଥିରେ ଅସଂଖ୍ୟ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ପରିଦୃଷ୍ଟ ହୋଇଥା'ନ୍ତି। ଏଗୁଡ଼ିକ ମଧ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ଏକକୋଷୀ ପ୍ରାଣୀ ଏମିବାଠାରୁ ଆରମ୍ଭ କରି ବିଶାଳକାୟ ପ୍ରାଣୀ ନୀଳତିମି ପର୍ଯ୍ୟନ୍ତ ଏବଂ ଏକକୋଷୀ ଉଦ୍ଭିଦ ନୀଳହରିତ ଶୈବାଳ ଶ୍ରେଣୀୟ କ୍ଲାମାଇଡୋମାନସ୍‌ଠାରୁ ଆରମ୍ଭ କରି ବୃହତ ଉଦ୍ଭିଦ ସିକ୍ୱୋଇଆ ବା ରେଡ୍‌ଉଡ୍ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ। ପୃଥିବୀରେ ଜୀବଜଗତରେ ରହିଥିବା ଏହିପରି ବିବିଧତାକୁ ଜୈବବିବିଧତା(ବାୟୋଡାଇଭର୍ସିଟି) କୁହାଯାଏ। ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ପ୍ରାଣୀ, ଉଦ୍ଭିଦ ଓ ଅଣୁଜୀବଗୁଡ଼ିକ ମଧ୍ୟରେ ଥିବା ବିବିଧତା ଓ ପରିବର୍ତ୍ତନଶୀଳ କ୍ଷମତାକୁ ଜୈବବିବିଧତା କୁହାଯାଇଥାଏ। ଏହା ମଧ୍ୟରେ ଯେକୌଣସି ଏକ ଜୀବ ଜାତି ମଧ୍ୟରେ ଥିବା ଆନୁବଂଶିକ ବା ଜୀନୀୟ ବିବିଧତା, ଜାତି-ଜାତି ମଧ୍ୟରେ ଥିବା ବିବିଧତା ଏବଂ ପରିସଂସ୍ଥା ଜୈବବିବିଧତା ଅନ୍ତର୍ଭୁକ୍ତ।

ବୈଜ୍ଞାନିକମାନଙ୍କ ମତରେ ପୃଥିବୀର ପରିସଂସ୍ଥାଗୁଡ଼ିକରେ ସମୁଦାୟ ୧୩ ନିୟୁତ ପ୍ରଜାତିର ଜୀବ ରହିଛନ୍ତି। ତେବେ ଏଗୁଡ଼ିକମଧ୍ୟରୁ ମାତ୍ର ୧୭ ଲକ୍ଷ ୫୦ ହଜାର ପ୍ରଜାତିର ଚିହ୍ନଟ ଓ ବର୍ଗୀକରଣ କରାଯାଇପାରିଛି। ଏହି ବର୍ଗୀକୃତ ଜୀବ ପ୍ରଜାତିଗୁଡ଼ିକ ମଧ୍ୟରେ ୧୦ ଲକ୍ଷ ପ୍ରଜାତିର କୀଟପତଙ୍ଗ, ୨ ଲକ୍ଷ ୭୦ ହଜାର ପ୍ରଜାତିର ସପୁଷ୍ପକ ଉଦ୍ଭିଦ, ୫୪୯୦ ପ୍ରଜାତିର ସ୍ତନ୍ୟପାୟୀ, ୧୦୦୨୭ ପ୍ରଜାତିର ପକ୍ଷୀ, ୯୦୮୪ ପ୍ରଜାତିର ସରୀସୃପ, ୬୬୩୮ ପ୍ରଜାତିର ଉଭୟଚର, ୩୧,୬୦୦ ପ୍ରଜାତିର ମତ୍ସ୍ୟ, ୧୦୨୨୪୮ ପ୍ରଜାତିର ଆରାକନିଡ୍, ୮୫୦୦୦ ପ୍ରଜାତିର କମ୍ବୋଜ, ୭୨,୦୦୦ ପ୍ରଜାତିର କବକ, ୧୬,୨୩୬ ପ୍ରଜାତିର ମସ୍ ଓ ୧୨୦୦୦ ପ୍ରଜାତି ଫର୍ଣ୍ଣ ଅନ୍ତର୍ଭୁକ୍ତ।

ଭାରତରେ ଜଳବାୟୁ ଓ ଭୌଗୋଳିକ ଅବସ୍ଥିତିରେ ଭିନ୍ନତା ହେତୁ ଏହାର ଜୈବବିବିଧତା ପୃଥିବୀରେ ଅନନ୍ୟ। ଏହା ଦକ୍ଷିଣରେ ନିରକ୍ଷ ବୃତ୍ତଠାରୁ ଆରମ୍ଭ କରି ଉତ୍ତରରେ କର୍କଟ କ୍ରାନ୍ତିର ଉପରିଭାଗ ପର୍ଯ୍ୟନ୍ତ ବିସ୍ତୃତ। ଏହାର ଉତ୍ତରସ୍ଥ ବରଫାବୃତ ହିମାଳୟ ପର୍ବତମାଳା, ଦକ୍ଷିଣସ୍ଥ ଉଷ୍ଣମଣ୍ଡଳୀୟ ଚିରହରିତ ଅରଣ୍ୟ ଅଞ୍ଚଳ, ପଶ୍ଚିମସ୍ଥ ରାଜସ୍ଥାନ ଉଷ୍ଣ ମରୁଭୂମି ଓ ପୂର୍ବ ଭାଗସ୍ଥ ସୁନ୍ଦରବନ ଏବଂ ଭିତରକନିକା ଲୁଣାଜଙ୍ଗଲ ଜୈବବିବିଧତାରେ ପରିପୂର୍ଣ୍ଣ। ପୃଥିବୀର ୧୭ଟି ମହାଜୈବବିବିଧତା ପରିପୂର୍ଣ୍ଣ ଦେଶ ମଧ୍ୟରୁ ଭାରତ ଗୋଟିଏ। ପୃଥିବୀର ଜୈବବିବିଧତାର ୭୦ପ୍ରତିଶତ ଏହି ୧୭ଟି ଦେଶରେ ପରିଦୃଷ୍ଟ ହୋଇଥାଏ। ଭାରତର ଭୂଭାଗ ପୃଥିବୀର ଭୂଭାଗର ପ୍ରାୟ ୨.୪ ପ୍ରତିଶତ ହୋଇଥିଲେ ମଧ୍ୟ ପୃଥିବୀର ୭ ରୁ ୮ ପ୍ରତିଶତ ଜୀବଜାତି ଏଥିରେ ଦେଖାଯାଇଥାଏ। ଭାରତରେ ପ୍ରାୟ ୪ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରଜାତିର ଜୀବ ରହିଥିବା ନେଇ ଆକଳନ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ପ୍ରାୟ ୧,୩୬,୫୦୦ ପ୍ରଜାତିର ଜୀବଙ୍କୁ ଚିହ୍ନଟ ଓ ବର୍ଗୀକରଣ କରାଯାଇଛି। ଏଗୁଡ଼ିକ ମଧ୍ୟରେ ୯୦,୦୦୦ ପ୍ରଜାତିର ପ୍ରାଣୀ ଓ ୪୬,୫୦୦ ପ୍ରଜାତିର ଉଦ୍ଭିଦ ଅନ୍ତର୍ଭୁକ୍ତ। ଏଗୁଡ଼ିକ ମଧ୍ୟରେ ୧୨.୬ ଭାଗ ସ୍ତନ୍ୟପାୟୀ, ୪.୫ ଭାଗ ପକ୍ଷୀ, ୪୫.୮ ଭାଗ ସରୀସୃପ, ୮୮.୮ ଭାଗ ଉଭୟଚର ପ୍ରାଣୀ ଓ ୩୩ ଭାଗ ଉଦ୍ଭିଦ ପ୍ରଜାତି ସ୍ଥାନିତ। ଅର୍ଥାତ ଏହି ପ୍ରଜାତିର ଉଦ୍ଭିଦ ଓ ପ୍ରାଣୀଗୁଡ଼ିକ ପୃଥିବୀର ଅନ୍ୟ କୌଣସି ଅଞ୍ଚଳରେ ଦେଖାଯାଆନ୍ତି ନାହିଁ। ଧାନ, ଆଖୁ, ଆମ୍ବ, ଲେମ୍ବୁ, କଖାରୁ, ଝୋଟ, କଦଳୀ ଆଦି ଅନେକ ପ୍ରଜାତିର ଉଦ୍ଭିଦ ଭାରତରେ ଜାତ ହୋଇ ପୃଥିବୀର ଅନ୍ୟାନ୍ୟ ଅଞ୍ଚଳକୁ ପରିବ୍ୟାପ୍ତ ହୋଇଛନ୍ତି। ପୃଥିବୀର ସମୁଦାୟ ୩୪ଟି ଜୈବବିବିଧତା ସମୃଦ୍ଧ ଅଞ୍ଚଳ ମଧ୍ୟରୁ ଭାରତରେ ତିନି ଗୋଟି ଅବସ୍ଥିତ। ସେଗୁଡ଼ିକ ହେଲା ପଶ୍ଚିମଘାଟ ପର୍ବତମାଳା, ପୂର୍ବ ହିମାଳୟ ପର୍ବତମାଳା ଓ ଇଣ୍ଡୋ-ବର୍ମା ଅଞ୍ଚଳ।

ପରିବେଶୀୟ ସନ୍ତୁଳନ ଓ ସ୍ଥିରତା ରକ୍ଷାରେ ଜୈବବିବିଧତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମନୁଷ୍ୟ ଓ ଜୀବଜଗତ ପାଇଁ ଏହା ଅପରିହାର୍ଯ୍ୟ। ମନୁଷ୍ୟର ଯାବତୀୟ ଆବଶ୍ୟକତା ପୂରଣ ସହିତ ପୋଷଣୀୟ ବିକାଶରେ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ପୃଥିବୀରେ ୩୦୦ କୋଟି ଲୋକଙ୍କର ପଶୁଜାତ ପୃଷ୍ଟିସାରର ୨୦ପ୍ରତିଶତ ମତ୍ସ୍ୟରୁ ଉପଲବ୍ଧ ହୋଇଥାଏ। ସେହିପରି ପୃଥିବୀରେ ମାନବ ଜାତିର ସମୁଦାୟ ଖାଦ୍ୟ ଆବଶ୍ୟକତାର ୮୦ ପ୍ରତିଶତ ଉଦ୍ଭିଦରୁ ମିଳିଥାଏ। ତିନି ଗୋଟି ଖାଦ୍ୟଶସ୍ୟ ଯଥା ଧାନ, ଗହମ ଓ ମକା ପୃଥିବୀର ପ୍ରାୟ ୫୦ ଭାଗ ଖାଦ୍ୟ ଆବଶ୍ୟକତା ପୂରଣ କରିଥାଏ। ଏହାବ୍ୟତୀତ ଅନେକ ଉଦ୍ଭିଦ ପ୍ରଜାତିକୁ କୃଷିକ୍ଷେତ୍ରରେ ବ୍ୟବହାର କରି ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖାଦ୍ୟ ଉତ୍ପାଦନ ବୃଦ୍ଧି କରାଯାଇପାରୁଛି। ଅନ୍ୟ କେତେକ ପ୍ରଜାତିର ଉଦ୍ଭିଦ ମନୁଷ୍ୟକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଉଦ୍ଦିଷ୍ଟ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ତରଫରୁ ପ୍ରକାଶିତ ରିପୋର୍ଟରୁ ଜଣାଯାଏ ଯେ, ପୃଥିବୀର ଗ୍ରାମାଞ୍ଚଳର ପ୍ରାୟ ୮୦ ପ୍ରତିଶତ ଲୋକ ଔଷଧ ପାଇଁ ପ୍ରକୃତିର ବିଭିନ୍ନ ଉଦ୍ଭିଦ ଉପରେ ନିର୍ଭର କରିଥା'ନ୍ତି। ବହୁ ଔଷଧ କମ୍ପାନୀ ଔଷଧ ପ୍ରସ୍ତୁତି ପାଇଁ ଉଦ୍ଭିଦଜାତ କଞ୍ଚାମାଲ ଉପରେ ନିର୍ଭର କରିଥା'ନ୍ତି। ପର୍ଯ୍ୟଟନ, ଚିତ୍ତବିନୋଦନ, ସୌନ୍ଦର୍ଯ୍ୟବର୍ଦ୍ଧନ ଆଦି କ୍ଷେତ୍ରରେ ଜୈବବିବିଧତା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ବର୍ତ୍ତମାନ କାଳରେ ଜୈବବିବିଧତା ଉପରେ ନିର୍ଭରଶୀଳ ପ୍ରକୃତି ପର୍ଯ୍ୟଟନ ଅର୍ଥନୈତିକ ସମୃଦ୍ଧି କ୍ଷେତ୍ରରେ ଏକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହାବ୍ୟତୀତ ଜୈବବିବିଧତାର ବୈଜ୍ଞାନିକ ମୂଲ୍ୟ ଓ ଅନ୍ତର୍ନିହିତ ମୂଲ୍ୟ ମଧ୍ୟ ରହିଛି। ପରିବେଶ ସୁରକ୍ଷା, ବନ ପରିଚାଳନା, କୃଷି ଉତ୍ପାଦନ ବୃଦ୍ଧି କ୍ଷେତ୍ରରେ ଜୈବବିବିଧତାକୁ ଉପଯୋଗ କରାଯାଇପାରୁଛି। ପ୍ରକୃତିରେ ସମସ୍ତ ଜୀବଜାତିର ଜିନୀୟ ଭଣ୍ଡାରକୁ ମାନବ କଲ୍ୟାଣରେ ବ୍ୟବହାର କରାଯାଇପାରୁଛି।

ବିଗତ ବର୍ଷଗୁଡ଼ିକରେ ଦ୍ରୁତ ଜନସଂଖ୍ୟା ବୃଦ୍ଧି ହେତୁ ଶିଳ୍ପ, କୃଷି, ଶକ୍ତି ଉତ୍ପାଦନ ଓ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟରେ ଅଗ୍ରଗତି ଘଟିଛି। ବାସସ୍ଥଳୀ ବିଧ୍ୱଂସ ହେବା କାରଣରୁ ଅତୀତରେ ବହୁ ପ୍ରଜାତିର ଜୀବ ସବୁଦିନ ପାଇଁ ଧରାପୃଷ୍ଠରୁ ବିଲୁପ୍ତ ହୋଇଯାଇଛନ୍ତି। ପ୍ରଦୂଷଣ, ବାହ୍ୟ ପ୍ରଜାତିର ପ୍ରସାର, ମାତ୍ରାଧିକ ଶିକାର ଆଦି କାରଣରୁ ମଧ୍ୟ ବହୁ ଜୀବ ପ୍ରଜାତି ବିଲୁପ୍ତ ହେବା ଫଳରେ ଜୈବବିବିଧତାର ଅବକ୍ଷୟ ଘଟୁଛି। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ପରି ପରିବେଶୀୟ ସମସ୍ୟା ଜୈବବିବିଧତାର ସୁରକ୍ଷା ପ୍ରତି ଆହ୍ୱାନ ସୃଷ୍ଟି କରିଛି। ୨୦୧୨ ମସିହାରେ ଅନ୍ତର୍ଜାତୀୟ ପ୍ରକୃତି ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ସଂଘ ବା ଆଇୟୁସିଏନ ତରଫରୁ ପ୍ରକାଶିତ ଲୋହିତ ତଥ୍ୟ ପୁସ୍ତକରେ ସର୍ବମୋଟ ୧୯,୮୧୭ଟି ସଙ୍କଟାପନ୍ନ ଜୀବ ପ୍ରଜାତିଙ୍କୁ ସ୍ଥାନିତ କରାଯାଇଛି। ଏଗୁଡ଼ିକ ମଧ୍ୟରୁ ୩୯୪୭ଟି ଜୀବ ପ୍ରଜାତି ଅତିମାତ୍ରାରେ ବିପଦଗ୍ରସ୍ତ ପ୍ରଜାତି, ୫୭୬୬ଟି ଜୀବ ପ୍ରଜାତି ବିପଦଗ୍ରସ୍ତ ଜୀବ ପ୍ରଜାତି ଓ ୧୦,୦୦୦ ଟିରୁ ଊର୍ଦ୍ଧ୍ୱ ପ୍ରଜାତି ବିପନ୍ନପ୍ରାୟ ପ୍ରଜାତି ରୂପେ ଶ୍ରେଣୀଭୁକ୍ତ କରାଯାଇଛି। ଏହା ମଧ୍ୟରୁ ୧୩୨ଟି ଜୀବ ପ୍ରଜାତି ଅନ୍ତର୍ଭୁକ୍ତ। ଜୈବବିବିଧତାର ସୁରକ୍ଷା ପାଇଁ ୨୦୦୨ରୁ ଜାତିସଂଘର ୟୁନେସ୍କୋ ତରଫରୁ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଆସୁଛି। ପ୍ରକୃତି ସହିତ ସହାବସ୍ଥାନ ଓ ପୋଷଣୀୟ ବିକାଶ ଜୈବବିବିଧତାର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ।

ଖୋର୍ଦ୍ଧା, ମୋ: ୭୦୦୮ ୬୬୨୩୪୧

## ଜାତିପ୍ରଥା: ଏକ ବିମର୍ଶ

**ଦୀନବନ୍ଧୁ ଅଧିକାରୀ**

ଧର୍ମ ରକ୍ଷା ଏବଂ ସମାଜରେ ଶାନ୍ତି ଓ ସଦ୍‌ଭାବନା ପ୍ରତିଷ୍ଠା ପାଇଁ ସମାଜରେ ବହୁ ମହାପୁରୁଷ ପ୍ରଚେଷ୍ଟା କରିଛନ୍ତି। ସେମାନଙ୍କ ମଧ୍ୟରେ ସନ୍ଥ ନାନକ, ରବିଦାସ, ରୋହି ଦାସ, ଘାସି ଦାସ, ସନ୍ଥ କବିର, ଗୁରୁ ଚାନ୍ଦ ଠାକୁର, ମହାତ୍ମା ଜ୍ୟୋତିବା ଫୁଲେ, ପେରିୟାର ରାମସ୍ୱାମୀ, ସନ୍ଥ ଭୀମଭୋଇ, ମହାମାନବ ଆମ୍ବେଦକରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ସମସ୍ତେ ଅଣବ୍ରାହ୍ମଣଙ୍କ ପକ୍ଷଧର। କେହି କେହି ମହାତ୍ମା ଗାନ୍ଧୀଙ୍କୁ ଦଳିତମାନଙ୍କ ଉଦ୍ଧାରକାରୀ ଭାବରେ ଗ୍ରହଣ କରନ୍ତି।

କୁହାଯାଏ ମହର୍ଷି ମନୁ ସଂହିତା ମାଧ୍ୟମରେ ଜାତିବାଦକୁ ପ୍ରତିଷ୍ଠିତ କରିଥିଲେ। ମନୁସ୍ମୃତି ଖ୍ରୀପୂ ପ୍ରଥମ ଶତାବ୍ଦୀ ବେଳକୁ ରଚନା କରାଯାଇଛି। ବେଦର ପୁରୁଷସୂକ୍ତ ଏବଂ ଗୀତାର ବର୍ଣ୍ଣ ବ୍ୟବସ୍ଥାକୁ ଆଧାର କରି ମନୁସ୍ମୃତି ରଚନା କରାଯାଇଛି। ଏହାର ପରିଣାମ ହିନ୍ଦୁ ଧର୍ମ ଉପରେ ଅଧିକ ପଡ଼ିଛି। ମନୁସ୍ମୃତିରେ ଶୂଦ୍ରମାନଙ୍କୁ ସମାଜ ସଂରଚନାରେ ସର୍ବନିମ୍ନ ସ୍ଥାନ ଦିଆଯାଇଛି। ସେମାନଙ୍କୁ ଅନ୍ୟ ତିନି ବର୍ଣ୍ଣ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟର ସେବାକାରୀ ଭାବେ ନିଯୁକ୍ତ କରାଯାଇଛି।

ସମାଜବିଜ୍ଞାନୀଙ୍କ ମତରେ ମନୁସ୍ମୃତି ପ୍ରଚଳନ ଫଳରେ ଭାରତର ହିନ୍ଦୁମାନଙ୍କ ମଧ୍ୟରେ ପ୍ରାୟ ୫ ହଜାର ଜାତି ଓ ଉପଜାତି ସୃଷ୍ଟି ହୋଇଥିଲା। ଏଥିରୁ ଜାତି-ଜାତି ମଧ୍ୟରେ ବିଭେଦ, ସଂଘର୍ଷ, ଉଚ୍ଚନୀଚ ଭେଦଭାବ ସୃଷ୍ଟି ହେଲା ଏବଂ ଅସ୍ପୃଶ୍ୟତାର ବୀଜବପନ ହେଲା। ଏହାର ପରିଣାମ ଏବେ ସୁଦ୍ଧା ଭାରତୀୟ ସମାଜ ସନ୍ତୁଳିତ ହେଉଛି।

ବାବା ସାହେବ ଆମ୍ବେଦକର ମନୁସ୍ମୃତିର ବର୍ଣ୍ଣ ବ୍ୟବସ୍ଥାକୁ ଗଭୀର ଭାବେ ଅଧ୍ୟୟନ କର ଦଳିତମାନଙ୍କୁ ମାନବିକ ଅଧିକାର ପ୍ରଦାନ କରିବା ଦିଗରେ ଉଦ୍ୟମ କରିଥିଲେ। ମହାତ୍ମା ଗାନ୍ଧୀ ହିନ୍ଦୁ ଧର୍ମର ଚାତୁର୍ବର୍ଣ୍ଣ ବ୍ୟବସ୍ଥାକୁ ଗ୍ରହଣ କରିନେଇଥିଲେ ଏବଂ ନିଜକୁ ସନାତନୀ ହିନ୍ଦୁ ବୋଲି ପ୍ରକାଶ କରିଥିଲେ। ବାବା ସାହେବଙ୍କ ସାମାଜିକ କ୍ରାନ୍ତି ଆନ୍ଦୋଳନକୁ ପ୍ରତିରୋଧ କରିବାକୁ ଗାନ୍ଧୀ 'ହରିଜନ ସେବକ ସଂଘ' ଏବଂ 'ହରିଜନ ପତ୍ରିକା' ପ୍ରକାଶନ ଓ 'ହରିଜନ ପଦଯାତ୍ରା' ଆରମ୍ଭ କରିଥିବା କେତେକ ଐତିହାସିକ ମତ ଦିଅନ୍ତି। ନାରସୁ ମେହେଟାଙ୍କ



ଉପନ୍ୟାସରୁ ଆନିତ 'ହରିଜନ' ଶବ୍ଦକୁ ସେ ଅସ୍ପୃଶ୍ୟଙ୍କ ଉଦ୍ଧାର ପାଇଁ ବ୍ୟବହାର କରିଥିଲେ ବୋଲି ମଧ୍ୟ କୁହାଯାଏ। ଏହାକୁ ବିରୋଧ କରି ବାବା ସାହେବ ଅଖିଳ ଭାରତୀୟ ଅନୁସୂଚିତ ଜାତି ସଂଘ ଗଠନ କରିଥିଲେ। ବର୍ତ୍ତମାନ ଜାତୀୟ ମାନବାଧିକାର ଆୟୋଗ 'ହରିଜନ' ଶବ୍ଦକୁ ଅସିଦ୍ଧ କରିଛନ୍ତି।

ଅତୀତର ସେହି ଶୂଦ୍ର ସମାଜ ହିଁ ସଂପ୍ରତି ଶ୍ରମିକ ସମାଜ। ଭାରତୀୟ ସମାଜ ସଂରଚନାରେ ଜାତିର ଏକ ବହୁତ ବଡ଼ ନିର୍ଣ୍ଣାୟକ ଭୂମିକା ଅଛି। ବିଶେଷ ରୂପରେ ହିନ୍ଦୁ ସାମାଜିକ ବ୍ୟବସ୍ଥାରେ ଜାତି ଗୋଟିଏ ବଡ଼ ଆଧାର ଓ ପ୍ରାଣ। ଜାତି ବିନା ହିନ୍ଦୁ ସମାଜ କଳ୍ପନା କରିବା ଅସମ୍ଭବ। ଜାତିର ପ୍ରଭାବ ଏତେ ଗଭୀର ଓ ବ୍ୟାପକ ଯେ ସମାଜରେ ବ୍ୟକ୍ତିର ପରିଚୟ ତାଙ୍କ ଗୁଣ, କର୍ମ, ଯୋଗ୍ୟତା, ବିବେଚନା ନହୋଇ ତାଙ୍କର ଜାତି ଉପରେ ନିର୍ଦ୍ଧାର୍ଯ୍ୟ ହୋଇଥାଏ। ଏକ ବ୍ୟକ୍ତି ଯେଉଁ ଜାତିରେ ଜନ୍ମ ହୋଇଥାଏ, ସେହି ଅନୁସାରେ ସାରା ଜୀବନ ସେହି ଜାତିରେ ରହି ସୁଖ କିମ୍ବା ଦୁଃଖ ଭୋଗ କରିଥାଏ।

ଜାତିପ୍ରଥା ଏକ ଭୟଙ୍କର ରୋଗ। ଏହାର ଉପଚାର ନିହାତି ଆବଶ୍ୟକ। ଦେଶରେ ସମାନତା ଓ ଭ୍ରାତୃତ୍ୱର ବାତାବରଣ ଜାତିପ୍ରଥାର ବିନାଶ ବିନା ସମ୍ଭବ ନୁହେଁ। ଏହା ସୁଖର କଥା ଯେ, ସଂପ୍ରତି ଆମ ଦେଶରେ ପ୍ରସିଦ୍ଧ ସମାଜଶାସ୍ତ୍ରୀ ତଥା ବିଚାରକଗଣ ଏହି ସମସ୍ୟା ଉପରେ ଚିନ୍ତନ ଆରମ୍ଭ କରିଛନ୍ତି। ବାସ୍ତବରେ ବର୍ତ୍ତମାନ ଏକ ଉପଯୁକ୍ତ ସମୟ ଆସିଯାଇଛି ଏହି ଭୟଙ୍କର ରୋଗକୁ ସମ୍ପୂର୍ଣ୍ଣ ସମାପ୍ତ କରି ଉଚିତ ପ୍ରଯତ୍ନ କରିବାର। ଜାତିପ୍ରଥାର ବିଲୋପ ସାଧନ ପାଇଁ ଦୁଇଟି ଅସ୍ତ୍ର ରହିଛି। ପ୍ରଥମଟି ଧାର୍ମିକ ଚିନ୍ତାଧାରାର ପରିବର୍ତ୍ତନ, ଦ୍ୱିତୀୟଟି ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ। ଏହି ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନାର ଆବଶ୍ୟକତା ରହିଛି।

ହିନ୍ଦୁ ସମାଜରେ ପୌରୋହିତ୍ୱବାଦକୁ ପ୍ରାଧାନ୍ୟ ଦେବା ଯୋଗୁଁ ଜାତିବ୍ୟବସ୍ଥା ପୂତିଗନ୍ଧମୟ ହୋଇପଡୁଥିବା ଅଭିଯୋଗ ହେଉଛି। ଏହାର ଉପଚାର ଧାର୍ମୀୟ ଭାବନାରୁ ମଣିଷକୁ ମୁକ୍ତ କରିବା ସହିତ ସମାନ। ଏହା ହୋଇପାରିଲେ ଜାତିବାଦରୁ ସମାଜ ମୁକ୍ତ ହେବ ଏବଂ ଏକ ସ୍ୱୟଂଚାଳିତ ମଣିଷ ସମାଜ ଗଠନ ହୋଇପାରିବ। କୁସଂସ୍କାର ଓ ଅନ୍ଧବିଶ୍ୱାସ ମୁକ୍ତି ମିଳିବ। ସମାଜରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ମାନବବାଦ, ଅନୁସନ୍ଧାନ ଓ ସଂସ୍କାର ଭାବନାର ଅଗ୍ରଗତି ହୋଇ ପାରିବ। ଜାତିବାଦର ମୂଳପୋଛ କରିବା ପାଇଁ ସୁଧାରବାଦୀ ସଂସ୍ଥାମାନଙ୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି। ମଧ୍ୟଯୁଗରେ ଶିଖ୍ ଧର୍ମଗୁରୁ ନାନକ, ସନ୍ଥ କବିର, ରାଜା ରାମମୋହନ ରାୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯେଉଁସବୁ ସାମାଜିକ ସଂସ୍ଥାମାନେ ଏ ଦିଗରେ କାମ କରିଛନ୍ତି ସେମାନଙ୍କ ମଧ୍ୟରେ ବ୍ରାହ୍ମ ସମାଜ, ଆର୍ଯ୍ୟ ସମାଜ, ଜାତି ପାତ ତୋଡକ ମଣ୍ଡଳ(ଯାହାକି ପରବର୍ତ୍ତି ସମୟରେ ଚାତୁର୍ବର୍ଣ୍ଣ ବିନାଶ ସଂସ୍ଥା ରଖାଯାଇଥିଲା) ଆଦି ପ୍ରମୁଖ। ବର୍ତ୍ତମାନ ଭାରତରେ ହେତୁବାଦୀ, ମାନବବାଦୀ ବିଜ୍ଞାନବାଦୀ, ସମ୍ବିଧାନବାଦୀ ନାମରେ ଅନେକ ସଂସ୍ଥା କାର୍ଯ୍ୟରତ। କେବଳ ଆଇନ ଦ୍ୱାରା ଜାତିପ୍ରଥା ଉଚ୍ଛେଦ ହୋଇପାରିବ ନାହିଁ। ଉପରୋକ୍ତ ସାମାଜିକ ସୁଧାରବାଦୀ ସଂସ୍ଥାମାନେ ସହୃଦୟତା ସହ ଯଦି କାର୍ଯ୍ୟ କରନ୍ତି, ତା'ହେଲେ ଯାଇ ଭାରତରେ ଜାତିପ୍ରଥା ପରି କଳଙ୍କିତ ବ୍ୟବସ୍ଥାର ସଂପୂର୍ଣ୍ଣ ଉଚ୍ଛେଦ ସମ୍ଭବ ହୋଇପାରିବ।

ଭୁବନେଶ୍ୱର, ମୋ: ୮୦୯୩୧୮୪୨୮

## ପଦ୍ମସମ୍ଭବଙ୍କ ତିବ୍ବତ ଯାତ୍ରା

**ପ୍ରବୀର କୁମାର ପଟ୍ଟନାୟକ**

### ଦ୍ୱିତୀୟ-ବୁଦ୍ଧ କଥା

ପଦ୍ମସମ୍ଭବ ତିବ୍ବତ ଯାତ୍ରା ପୂର୍ବରୁ ବିଭିନ୍ନ ପ୍ରଦେଶରେ ଦୀର୍ଘଯାତ୍ରା ଏବଂ ମନ୍ଦରଭାଙ୍କ ସହ ବିବାହ, ବିଭିନ୍ନ ଅଞ୍ଚଳର ଅଭିଜ୍ଞ ଗୁରୁମାନଙ୍କଠାରୁ ଭିନ୍ନଭିନ୍ନ ବିଦ୍ୟାଶିକ୍ଷା ଲାଭ କରି ଶେଷରେ ବୋଧଗୟାରେ ପହଞ୍ଚିଲେ। ସେଠାରେ ରହଣି ସମୟରେ କେନ୍ଦ୍ର-ଏସିଆର ପ୍ରମୁଖ ବୌଦ୍ଧକେନ୍ଦ୍ର ଖୋଟାନ ଏବଂ ନେପାଳ ଓ କୋଶଳ ଭ୍ରମଣ କରିଥିଲେ। ସେ ମଗଧର ବିଖ୍ୟାତ ଓଦନ୍ତପୁରୀରେ ଓଡ଼ିୟାନ ମହାବିହାରର ଅଧ୍ୟକ୍ଷ ପଦରେ ଅଧିଷ୍ଠିତ ହେବା ପରେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ତନ୍ତ୍ର ବିଭାଗର ଆଚାର୍ଯ୍ୟ ଭାବେ ଯୋଗ ଦେଇ ବହୁଖ୍ୟାତି ଅର୍ଜନ କରିଥିଲେ।



ଖ୍ରୀ ୬୧୭ରେ ଜନ୍ମିତ ତିବ୍ବତୀୟ ରାଜା ସ୍ରଙ୍ଗ-ଗାମ୍ପୋଙ୍କ ଶାସନ କାଳରେ ତିବ୍ବତରେ ପ୍ରଥମ କରି ଲିଖନ ପ୍ରଥା ପ୍ରଚଳିତ ହେଲା। ରାଜା ଏକ ବିଶାଳ ଓ ଶକ୍ତିଶାଳୀ ସୈନ୍ୟବାହିନୀ ଗଢ଼ିଥିଲେ, ଯାହାଦ୍ୱାରା ପ୍ରଥମେ ସେ ଚୀନ୍‌କୁ ପରାସ୍ତ କଲେ। ପଡ଼ୋଶୀ ଚୀନ୍ ଓ ନେପାଳ ସହ ଉତ୍ତମ ସମ୍ପର୍କ ସ୍ଥାପନ ନିମନ୍ତେ ସେ ଚୀନ୍ ରାଜକନ୍ୟା ୱେନ୍ ଚେଙ୍ଗ ଓ ନେପାଳ ରାଜକନ୍ୟା ଭୃକୁଟୀଙ୍କ ସହ ବିବାହ କଲେ। ନିଜ ନିଜ ଦେଶରେ ବୌଦ୍ଧଧର୍ମର ପ୍ରାଧାନ୍ୟ ହେତୁ ଉଭୟ ରାଜକନ୍ୟା ନିଷ୍ଠାପର ବୌଦ୍ଧ ଧର୍ମାବଲମ୍ବୀ ଥିଲେ। ଦୁଇ ରାଣୀଙ୍କ ପ୍ରଭାବକ୍ରମେ ରାଜା ବୌଦ୍ଧଧର୍ମର ଦୃଢ଼ ସପକ୍ଷବାଦୀ ହୋଇଗଲେ। ଭାରତର ସଂସ୍କୃତ ଭାଷା ଆୟତ୍ତ କରିବା ସହ ତିବ୍ବତୀୟ ଭାଷାରେ ଅନୁରୂପ ଲିପି ଓ ବ୍ୟାକରଣ ସୃଷ୍ଟି କରିବା ପାଇଁ ରାଜା ଇଚ୍ଛା କଲେ ଏବଂ ମନ୍ତ୍ରୀ ଥୋନ୍‌ମି ସମ୍ଭୋଟାଙ୍କ ନେତୃତ୍ୱରେ ଏକ ଷୋଳଜଣିଆ ପ୍ରତିନିଧି ଦଳକୁ ଭାରତ ପଠାଇଲେ। ଏହି ପ୍ରତିନିଧି ଦଳ ଭାରତର ଦେବନାଗରୀ ଲିପିର ଏକ ସଂସ୍କାରିତ ରୂପ ଲାଣ୍ଟ୍‌ସା ଲିପି ଅନୁକରଣରେ ତିବ୍ବତୀୟ ଲିପି ଓ ବ୍ୟାକରଣ ମଧ୍ୟ ପ୍ରସ୍ତୁତ କଲେ। ସେହି ଦଳ ତିବ୍ବତ ଫେରିବା ପରେ ସେଠାରେ ତତ୍‌କାଳ ସେହି ଲିପି ଓ ବ୍ୟାକରଣ ପ୍ରଚଳନ କରାଗଲା। ସେହି ଲିପିରେ ଐତିହାସିକ ଘଟଣା ଲିପିବଦ୍ଧ କରାଯିବା ସହ ପବିତ୍ର ବୌଦ୍ଧଗ୍ରନ୍ଥ ଅନୁବାଦ ଏବଂ ନୂତନ ଗ୍ରନ୍ଥମାନ ମଧ୍ୟ ପ୍ରସ୍ତୁତ ହେବାରେ ଲାଗିଲା।

ରାଜା ସ୍ରଙ୍ଗ ବୌଦ୍ଧ ଧର୍ମର ରୀତିନୀତି ଓ ଧର୍ମବାଣୀର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ ମଧ୍ୟ ତାଙ୍କ ଜୀବଦ୍ଦଶାରେ ତିବ୍ବତରେ ବୌଦ୍ଧଧର୍ମର ପ୍ରତିଷ୍ଠା ଓ ଉନ୍ନତି ରାଜାଙ୍କ ଆଶାନୁରୂପ ହୋଇପାରିଲା ନାହିଁ। ଏହାର ମୁଖ୍ୟ କାରଣ ଥିଲା ତିବ୍ବତର ସ୍ଥାନୀୟ ଲୋକଧର୍ମ 'ବନ୍'ର ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ବିରୋଧ ଓ ଅସହଯୋଗ। ତଥାପି ରାଜା କେତୋଟି ଛୋଟ ବୌଦ୍ଧମନ୍ଦିର ନିର୍ମାଣ କରିପାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାଜା ଖ୍ରୀ-ସ୍ତନ(ଶାସନକାଳଖ୍ରୀ୭୫୫-୭୯୫)ଙ୍କ ସମୟରେ ବୌଦ୍ଧଧର୍ମକୁ ତିବ୍ବତର ରାଜ୍ୟଧର୍ମ ଭାବରେ ଘୋଷଣା କରାଗଲା। ରାଜା ଖ୍ରୀ-ସ୍ତନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଅତ୍ୟନ୍ତ ଗୁଣୀଜ୍ଞାନୀ ବୌଦ୍ଧ ଆଚାର୍ଯ୍ୟଙ୍କୁ ତିବ୍ବତକୁ ଆସିବା ନିମନ୍ତେ ନିମନ୍ତ୍ରଣ ପଠାଇଲେ(କ୍ରମଶଃ)।

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# +୨ ରି-ଚେକିଂ ପାଇଁ ୩୦ରୁ ଆବେଦନ

ଭୁବନେଶ୍ୱର,୨୩।୫(ସମିସ): +୨ ପରୀକ୍ଷା ଫଳ ରି-ଚେକିଂ ପାଇଁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଯେଉଁ ପରୀକ୍ଷାର୍ଥୀମାନେ ପରୀକ୍ଷାରେ କପି କରି ଧରାପଡ଼ିଥିବେ ବା ଯାହାର ପରୀକ୍ଷା ଫଳ ପ୍ରକାଶିତ ହୋଇ ନ ଥିବ ବା ଅସିଦ୍ଧ ଘୋଷଣା କରାଯାଇଥିବ, ସେହି ପିଲାମାନେ ରି-ଚେକିଂ ଆବେଦନ କରିପାରିବେ। ଆସନ୍ତା ୩୦ ତାରିଖରୁ ଆବେଦନ ଆରମ୍ଭ ହେବ। ଜୁନ୍ ୧୩ ତାରିଖ ମଧ୍ୟରେ ଆଶାୟୀ ପରୀକ୍ଷାର୍ଥୀ ଆବେଦନ କରିପାରିବେ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବର୍ଗରେ ପ୍ରତି ବିଷୟରେ ରି-ଚେକିଂ କରିପାରିବେ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅପରପକ୍ଷରେ +୨ ଇନଷ୍ଟାଣ୍ଟ ପରୀକ୍ଷା ପାଇଁ ମଧ୍ୟ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୮ ତାରିଖରୁ ଜୁନ୍ ୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ଫର୍ମ ପୂରଣ କରିପାରିବେ। ପ୍ରାକ୍ଟିକାଲ୍ ନଥିବା ବିଷୟ ପାଇଁ ୫୨୦ଟଙ୍କା ଫି' ଧାର୍ଯ୍ୟ କରାଯାଇଥିବାବେଳେ ପ୍ରାକ୍ଟିକାଲ୍ ବା ପ୍ରୋଜେକ୍ଟ ଥିବା ବିଷୟ ପାଇଁ ୫୬୦ ଓ ଜୀବବିଜ୍ଞାନ ପାଇଁ ୬ଶହ ଟଙ୍କା ଫି' ରହିଛି। ଜୁନ୍ ୨୫ ଓ ୨୬ ତାରିଖରେ ଇନଷ୍ଟାଣ୍ଟ ପରୀକ୍ଷା ହେବ ବୋଲି ସିଏଚ୍‌ଏସ୍‌ଇ ପକ୍ଷରୁ କୁହାଯାଇଛି।

**ଜୁନ୍ ୨୫ ଓ ୨୬ରେ +୨ ଇନଷ୍ଟାଣ୍ଟ ପରୀକ୍ଷା**

# କରୋନାର ହେବ ଜିନମ୍ ସିକ୍ୱେସିଂ

## ପରୀକ୍ଷା ପାଇଁ ଗଲା ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍

ଭୁବନେଶ୍ୱର, ୨୩।୫(ସମିସ): ରାଜ୍ୟରେ ପୁଣିଥରେ ଜଣେ କରୋନା ସଂକ୍ରମିତ ଚିହ୍ନଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ତତ୍ପରତା ପ୍ରକାଶ ପାଇଛି। ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ଏହା କରୋନାର କେଉଁ ପ୍ରଜାତି, ତାହା ଜିନମ୍ ସିକ୍ୱେସିଂ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ। ବାସ୍ତବରେ ଏହା କୋଭିଡର ପୁରୁଣା ସବ୍ ଭାରିଆଣ୍ଟ ନା ଆଉ କିଛି ନୂଆ ତାହା ଜଣାପଡ଼ିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରୁ ଚିହ୍ନଟ ହୋଇ ସଂଗରୋଧରେ ଥିବା ଏହି ବୟସ୍କ ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ରହିଛି। ତାଙ୍କ ଘରେ କିମ୍ବା ଆଖପାଖରେ ଆଉ କାହା ପାଖରେ କରୋନାର କୌଣସି ଲକ୍ଷଣ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। କରୋନା ସଂକ୍ରମିତଙ୍କ ଟ୍ରାଭେଲ ଇତିହାସକୁ ଯାଞ୍ଚ କରାଯାଉଛି। ଏହାଦ୍ୱାରା ସେ କାହା କାହା ସଂସ୍ପର୍ଶରେ ଆସିଥିଲେ ଏବଂ କେଉଁ ଆଡେ ଯାଇଥିଲେ ତାହା ଜଣାପଡ଼ିବ। ସେହି ଲୋକମାନଙ୍କୁ ଚିହ୍ନଟ କରି ପରୀକ୍ଷା କରାଯିବ। ଏହାଦ୍ୱାରା ସଂକ୍ରମଣ ରୋକାଯାଇ ପାରିବ। ଅନ୍ୟପକ୍ଷରେ ସମ୍ଭାବ୍ୟ ସଂକ୍ରମଣର ମୁକାବିଲା ପାଇଁ ସବୁ ହସ୍ପିଟାଲର କୋଭିଡ୍ ବ୍ୟବସ୍ଥାକୁ ସମୀକ୍ଷା କରାଯାଉଛି। ଆଇସିୟୁ ଓ ପରୀକ୍ଷା ପାଇଁ ପ୍ରସ୍ତୁତି କରାଯାଉଛି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଲେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ଏ ସମ୍ପର୍କରେ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି, ଯେଉଁମାନେ ବହୁବିଧ ଜଟିଳ ରୋଗରେ ପୀଡ଼ିତ ଅଛନ୍ତି, ସେମାନେ ମାସ୍କ ପିନ୍ଧିବା ଆବଶ୍ୟକ। ଗର୍ଭବତୀ, ଛୋଟ ପିଲା ଓ ବୟସ୍କ ବ୍ୟକ୍ତି ସତର୍କ ରହିବା ଜରୁରୀ। ଶେଷ ଥର ପାଇଁ ୨୦୨୪ ଅକ୍ଟୋବରରେ ରାଜ୍ୟରେ ଜଣେ କୋଭିଡ୍ ରୋଗୀ ଚିହ୍ନଟ ହୋଇଥିଲେ। ସେହି ମାସରେ ରାଜ୍ୟରେ ମୋଟ ୩ ଜଣ ରୋଗୀ କରୋନା ପଜିଟିଭ ହୋଇଥିଲେ। ତେବେ ଏହା ପରଠାରୁ ରାଜ୍ୟରେ ଦୈନିକ ହାରାହାରି ୨୫୦ ଜଣ ଲୋକଙ୍କ କୋଭିଡ୍ ପରୀକ୍ଷା ହେଉଥିଲେ ମଧ୍ୟ କୌଣସି ନୂଆ କୋଭିଡ୍ ମାମଲା ସାମ୍ନାକୁ ଆସି ନାହିଁ। ଯଦି ରାଜ୍ୟରେ ଅଧିକ ରୋଗୀ ଚିହ୍ନଟ ହୁଅନ୍ତି, ତେବେ ଅଧିକରୁ ଅଧିକ ଟେଷ୍ଟିଂ ବଢ଼ାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସଜାଗ ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଅନ୍ୟପକ୍ଷରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟାନୁସାରେ, ଚଳିତ ମାସ ୧୨ ତାରିଖ ଠାରୁ ୧୯ ତାରିଖ ମଧ୍ୟରେ ସପ୍ତାହକ ମଧ୍ୟରେ ଦେଶରେ ୨୫୭ ଜଣ ସକ୍ରିୟ କୋଭିଡ୍ ରୋଗୀ ଚିହ୍ନଟ ହୋଇଛନ୍ତି। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଡାକ୍ତର ଦିଲ୍ଲୀପ କୁମାର ମିଶ୍ର କହିଛନ୍ତି, ଏହା ହେଉଛି ମହାମାରୀ ପରବର୍ତ୍ତୀ ଲହର। କୋଭିଡ୍ ଲକ୍ଷଣ ଦେଖାଦେଲେ ମେଡିସିନ୍ ଖାଇଲେ ଭଲ ହୋଇଯିବ। ଏହାକୁ ନେଇ ଜନସାଧାରଣ ଆଦୌ ବ୍ୟତିବ୍ୟସ୍ତ ହେବା ଉଚିତ ନୁହେଁ। କରୋନା ଏକ ସାଧାରଣ ରୋଗ। ତେଣୁ ଋତୁ ପରିବର୍ତ୍ତନ ସମୟରେ ସମସ୍ତେ ସତର୍କତା ଅବଲମ୍ବନ କରିବାକୁ ସେ କହିଛନ୍ତି।

# ଭିଜିଲାନ୍ସ ଜାଲରେ ବାରିପଦା ପୌର କିରାଣୀ

ବାରିପଦା,୨୩।୫(ସମିସ): ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବାରିପଦା ପୌରପରିଷଦର କିରାଣୀ ଗୋପାଳକୃଷ୍ଣ ପ୍ରଧାନ। ଶ୍ରୀ ପ୍ରଧାନ ଏଷ୍ଟାବ୍ଲିସମେଣ୍ଟ ବିଭାଗରେ ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସେ ଲାଞ୍ଚ ଟଙ୍କା ନେବା ବେଳେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ମାଡ଼ି ବସିଥିଲେ। ଶ୍ରୀ ପ୍ରଧାନ ପୌରପାଳିକା



ଦୋକାନ ଘର ଦାୟିତ୍ୱରେ ଥିବା ବେଳେ ଅଭିଯୋଗକାରୀଙ୍କ ଦୋକାନ ଘର ମାଲିକାନା କାଗଜପତ୍ର ପିତାଙ୍କ ନାମରୁ ପୁତ୍ର ନାମକୁ ପରିବର୍ତ୍ତନ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏହି ସମୟରେ ଭିଜିଲାନ୍ସ ବିଭାଗ ମାଡ଼ି ବସିଥିଲା। ବାରିପଦା ପୁରୁଣା ହାଟସାହିର ମହମ୍ମଦ ଜାଭିର୍‌ଙ୍କ ଟ୍ରାଫିକ୍ ମାର୍କେଟ୍ ନିକଟସ୍ଥ ପୌରପାଳିକା ମାର୍କେଟ୍ କମ୍ପ୍ଲେକ୍ସରେ ଏକ ଘଣ୍ଟା ଦୋକାନ ରହିଛି। କିନ୍ତୁ ଏହି ଦୋକାନଟି ଜାଭିର୍‌ଙ୍କ ବାପାଙ୍କ ନାମରେ ରହିଛି। ତେଣୁ ଦୋକାନଟିକୁ ଜାଭିର ନିଜ ନାମରେ କରିବା ପାଇଁ ୨ ବର୍ଷ ହେଲା ବାରମ୍ବାର ଆବେଦନ କରି କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ କାଗଜପତ୍ର ତାଙ୍କ ନାଁରେ ହୋଇପାରୁନଥିଲା। ଗତ ଜାନୁଆରୀରେ ସେ ପୁଣି ଆବେଦନ କରିଥିଲେ। ଆବେଦନ ଏଗ୍ରିମେଣ୍ଟ ପାଇଁ କିରାଣୀ ଶ୍ରୀ ପ୍ରଧାନ ତାଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ତେଣୁ ଜାଭିର୍ ଏନେଇ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ତାଙ୍କୁ ଧରିବା ପାଇଁ ଭିଜିଲାନ୍ସ ଜାଲ ବିଛାଇଥିଲା। ପୂର୍ବ ଯୋଜନା ମୁତାବକ କାର୍ଯ୍ୟାଳୟ ପରିସର ବାଥରୁମ ନିକଟରେ ଶ୍ରୀ ପ୍ରଧାନ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା। ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ କେଶ ନମ୍ବର ୫/୨୦୨୫ରେ ଏକ ମାମଲା ରୁଜୁ କରି ଶ୍ରୀ ପ୍ରଧାନଙ୍କୁ ଅଧିକ ପଚରାଉଚରା କରାଯାଉଛି।

# ସାରା ରାଜ୍ୟରେ ହେବ ବେଆଇନ ମାଦକଦ୍ରବ୍ୟ ବିରୋଧରେ ସଚେତନତା

ଭୁବନେଶ୍ୱର,୨୩।୫(ସମିସ): ଚଳିତ ମାସ ୩୧ରୁ ଜୁନ୍ ୨୬ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ରୋକିବାକୁ ଆରମ୍ଭ ହେବ ସଚେତନତା କାର୍ଯ୍ୟକ୍ରମ। ଏନେଇ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅଧ୍ୟକ୍ଷତା କରି କହିଛନ୍ତି ଯେ, ବେଆଇନ ମାଦକ ଦ୍ରବ୍ୟ ସେବନ ଓ କାରବାର ବିରୋଧରେ ସାରା ରାଜ୍ୟରେ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରତ୍ୟେକ ବିଭାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଦ୍ୟାଳୟ ସ୍ତରରୁ ଗ୍ରାମପଞ୍ଚାୟତ ପର୍ଯ୍ୟନ୍ତ ରାଜ୍ୟର କୋଣ ଅନୁକୋଣରେ ସଚେତନତାର ବାର୍ତ୍ତାକୁ ପହଞ୍ଚାଇବାକୁ ପଡ଼ିବ। ପାଲା, ଦାସକାଠିଆ, ଘୋଡ଼ାନାଚ ଆଦି ସହ ବିଭିନ୍ନ ହାଟବଜାର ଅଞ୍ଚଳରେ ପଥପ୍ରାନ୍ତ ନାଟକ ଜରିଆରେ ବେଆଇନ ନିଶା ସେବନ କାରବାରର କୁପରିଣତି ନେଇ ସଚେତନତା ସୃଷ୍ଟି ସହ ଜିଲ୍ଲା, ଉପଖଣ୍ଡ ଓ ବ୍ଲକ୍ ସ୍ତରରେ ସଚେତନତା ରଥ ଜରିଆରେ ସଚେତନ କରାଯିବା ନେଇ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେବା ସହ ପ୍ରତିଦିନର କାର୍ଯ୍ୟକ୍ରମର ତାଲିକା ପ୍ରସ୍ତୁତ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ଗ୍ରାମାଞ୍ଚଳରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସାମିଲ କରି ବିଦ୍ୟାଳୟ ସ୍ତରରେ ବେଆଇନ ନିଶା ସେବନ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରିବା ସହ ବେଆଇନ ମାଦକ ଦ୍ରବ୍ୟ କାରବାର ଓ ସେବନ ବିରୁଦ୍ଧରେ ନିୟମିତ ସଚେତନତା କରିବାକୁ ପରାମର୍ଶ ଦେଇଥିଲେ।

ଅବକାରୀ ବିଭାଗ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ଯୋଗଦେଇ ବିଭିନ୍ନ ବିଭାଗ ଜରିଆରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ "ସେ ୟେସ୍ ଟୁ ଲାଇଫ୍, ନୋ ଟୁ ଡ୍ରଗସ୍' ସଂକଳ୍ପ କାର୍ଯ୍ୟକ୍ରମ ଏବଂ ବେଆଇନ ନିଶା କାରବାରକୁ ରୋକିବା ଦିଗରେ ମାନସ ପୋର୍ଟାଲ ଏବଂ ୧୯୩୩ ହେଲପ୍‌ଲାଇନ୍ ନମ୍ବର ଉପଯୋଗ ବିଷୟରେ ଲୋକଙ୍କୁ ସଚେତନ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର୍. କେ. ଶର୍ମା, ପୁଲିସ ଡିଆଇଜି(ଏସ୍‌ଟିଏଫ୍) ପିନାକ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ବର୍ଷ ଜେଲ୍

ଅନୁଗୋଳ, ୨୩।୫ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଅଞ୍ଚଳରେ ଗତ ୨୦୨୦ ମସିହାରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ ଜଜ୍ (ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍) ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ଜେଲ୍ ଓ ୨୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଆସାମୀଜଣଙ୍କ ହେଲା, ବନ୍ତଳା ଥାନାଞ୍ଚଳର ସୁବ୍ରତ ସାହୁ (୨୦)। ସୁବ୍ରତ ଗତ ୨୦୨୦ ସେପ୍ଟେମ୍ବର ୮ ତାରିଖ ରାତିରେ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ଏପରିକି, ଘଟଣା ପ୍ରଘଟ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ତେବେ, ପୀଡ଼ିତାଜଣଙ୍କ ସାହସ ଜୁଟାଇ ଏ ସଂପର୍କରେ ବନ୍ତଳା ଥାନାରେ ଅଭିଯୋଗ କରିବାରୁ ପୁଲିସ୍ ପୋକ୍ସୋ ଆକ୍ଟରେ ଅଭିଯୁକ୍ତକୁ ଗିରଫ କରିଥିଲା।

**ମୁନିରଙ୍କୁ ଇମ୍ରାନଙ୍କ କଟାକ୍ଷ**

# ଫିଲ୍ଡ ମାର୍ଶାଲ ବଦଳରେ ରାଜା ଉପାଧି ମିଳିଥିଲେ ଭଲ ହୋଇଥାଆନ୍ତା

ଇସଲାମାବାଦ,୨୩।୫(ଏଜେନ୍ସି): ଭାରତର ଅପରେସନ ସିନ୍ଦୂର ପରେ ପାକିସ୍ତାନ ସରକାର ସେନାଧ୍ୟକ୍ଷ ଆସିମ ମୁନିରଙ୍କୁ ପଦୋନ୍ନତି ଦେବା ସହିତ ଫିଲ୍ଡ ମାର୍ଶାଲ ଭଳି ସର୍ବୋଚ୍ଚ ସେନା ଉପାଧିରେ ଭୂଷିତ କରିଥିଲେ। ଭାରତର ଆକ୍ରମଣକୁ ପ୍ରତିହତ କରିବା ଦିଗରେ ମୁନିର ବହୁ ସଫଳତା ହାସଲ କରିଥିବାରୁ ତାଙ୍କୁ ଶେହବାଜ ସରକାର ଏହି ପୁରସ୍କାର ଦେଇଥିଲେ। ପାକିସ୍ତାନ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ହୋଇଥିଲା ବେଳେ ଏବେ ପିଟିଆଇ ନେତା ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ମୁନିରଙ୍କୁ ଭର୍ତ୍ସନା କରିବା ସହିତ କଟାକ୍ଷ କରିଛନ୍ତି। ମୁନିରଙ୍କୁ ତାଙ୍କ ସଫଳତା ପାଇଁ ଫିଲ୍ଡ ମାର୍ଶାଲ ବଦଳରେ ରାଜା ଉପାଧି ଦିଆଯାଇଥିଲେ ଆହୁରି ଭଲ ହୋଇଥାଆନ୍ତା ବୋଲି ଇମ୍ରାନ 'ଏକ୍ସ'ରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ଶେହବାଜ ସରକାର ଗଣତନ୍ତ୍ରର ଦୁଇ ମୁଖ୍ୟ ସ୍ତମ୍ଭ ଆଇନ କାନୁନ ବ୍ୟବସ୍ଥା ଏବଂ ନୈତିକତାକୁ ଜଳାଞ୍ଜଳି ଦେଇ ସାରିଛନ୍ତି ବୋଲି ଇମ୍ରାନ କହିଛନ୍ତି।

# ଆଜିଠୁ +୨ନାମଲେଖା ଆବେଦନ

ଭୁବନେଶ୍ୱର,୨୩।୫(ସମିସ): +୨ ନାମଲେଖା ପାଇଁ ଆସନ୍ତାକାଲି ଅର୍ଥାତ୍ ଶନିବାରଠାରୁ କଳା, ବିଜ୍ଞାନ, ବାଣିଜ୍ୟ, ଉପଶାସ୍ତ୍ରୀ ଓ ଧନ୍ଦାମୂଳକ ଶିକ୍ଷା ପାଇଁ ଆବେଦନ ଆରମ୍ଭ ହେବ। ଏଥିପାଇଁ ଛାତ୍ରଛାତ୍ରୀମାନେ ସାମ୍‌ସ ପୋର୍ଟାଲ୍‌ରେ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଆବେଦନ କରିପାରିବେ। ପ୍ରଥମ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ଜୁଲାଇ ୭ତାରିଖରେ ପ୍ରକାଶ ପାଇବ। ମୋଟ୍ ୩ଟି ପର୍ଯ୍ୟାୟରେ ନାମଲେଖା ହେବ। ପ୍ରଥମ ପର୍ଯ୍ୟାୟ ପାଇଁ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୮ରୁ ୧୪ ତାରିଖ ପର୍ଯ୍ୟନ୍ତ ନାମ ଲେଖାଇ ପାରିବେ। ଜୁଲାଇ ୨୪ ତାରିଖରୁ +୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଦଶମ ପରୀକ୍ଷାରେ ରଖିଥିବା ନମ୍ବର ଅନୁଯାୟୀ ସମ୍ପୂର୍ଣ୍ଣ ମେଧା ତାଲିକା ଆଧାରରେ ନାମଲେଖା ହେବ। ନାମଲେଖା ପାଇଁ ୪ଟି ମାଧ୍ୟମରେ ପିଲାଙ୍କୁ ସୂଚିତ କରାଯିବ। ସାମସ୍ ପୋର୍ଟାଲ୍ ଇ-ସ୍ପେସ୍, ଏସ୍‌ଏମ୍‌ଏସ୍, ୱାଟସ୍‌ଆପ୍ ଓ ଚୟନ ହୋଇଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇ-ସ୍ପେସ୍‌ରୁ ସେମାନଙ୍କ ଜ୍ଞାପକ ପତ୍ର ବା ଇଣ୍ଟିମେସନ୍ ଲେଟର୍ ଡାଉନ୍‌ଲୋଡ କରିପାରିବେ। ନାମଲେଖା ସମୟରେ ସିଏଏଫ୍ ସହ ପ୍ରମାଣପତ୍ର ମଧ୍ୟ ଯାଞ୍ଚ କରାଯିବ। ନାମଲେଖା କ୍ଷେତ୍ରରେ ଅନୁସୂଚିତ ଜାତି ବର୍ଗର ପିଲାଙ୍କୁ ୧୬.୨୫% ସଂରକ୍ଷଣ ଦିଆଯାଇଥିବାବେଳେ ଅନୁସୂଚିତ ଜନଜାତି ବର୍ଗ ପାଇଁ ୨୨.୫% ସଂରକ୍ଷଣ ରହିଛି। ସାମାଜିକ ପଛୁଆ ବର୍ଗ (ଓବିସି) ବର୍ଗର ଛାତ୍ରଛାତ୍ରୀଙ୍କୁ କୌଣସି ସଂରକ୍ଷଣ ଦିଆଯାଇ ନାହିଁ।

**ଜୁଲାଇ ୮ ରୁ ୧୪ ପ୍ରଥମ ପର୍ଯ୍ୟାୟ ନାମଲେଖା**

**ଜୁଲାଇ ୨୪ରୁ +୨ ପ୍ରଥମ ବର୍ଷ ପାଠପଢ଼ା**

# ମେ ୨୬ ତାରିଖରେ 'ସାବିତ୍ରୀ' ଛୁଟି

ଭୁବନେଶ୍ୱର,୨୩।୫(ସମିସ): ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟିକୁ ମେ ୨୭ ତାରିଖ ପରିବର୍ତ୍ତେ୨୬ ତାରିଖରେ କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ପାଇଁ ସରକାରୀ ଛୁଟି ପୂର୍ବରୁ ମେ ମାସ ୨୭ ତାରିଖକୁ ସ୍ଥିରୀକୃତ ହୋଇଥିଲା। ତେବେ ପୁରୀ ମୁକ୍ତି ମଣ୍ଡପ ସହିତ ଅନ୍ୟାନ୍ୟ ଧାର୍ମିକ ଅନୁଷ୍ଠାନ ଓ ପଞ୍ଜିକା ଗଣନକାରୀ ଅନୁଷ୍ଠାନମାନଙ୍କ ସହିତ ଯୋଗାଯୋଗ ପରେ ୨୬ ତାରିଖରେ ସାବିତ୍ରି ବ୍ରତ ପାଳନ କରାଯାଉଥିବାରୁ ଛୁଟି ତାରିଖକୁ ପରିବର୍ତ୍ତନ କରାଯାଇଛି।

**ଆୟ ବହିର୍ଭୂତ ସମ୍ପତ୍ତି ଠୁଳ**

# ଭିଜିଲାନ୍ସ ଜାଲରେ ସହକାରୀ ଯନ୍ତ୍ରୀ

ନୂଆପଡ଼ା, ୨୩।୫ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୂଆପଡ଼ା ପୂର୍ତ୍ତ ଓ ଗୃହ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଜୟପୁର ଭିଜିଲାନ୍ସ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଗଠିତ ୯ଟି ଟିମ୍



ନୂଆପଡ଼ାସ୍ଥିତ ତାଙ୍କ ସରକାର ବାସଗୃହ, ସରକାରୀ କାର୍ଯ୍ୟାଳୟ ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରି କୋଟିକୋଟି ଟଙ୍କାର ସମ୍ପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ଦୁଇଗୋଟି ମୂଲ୍ୟବାନ କୋଠା, ଭିନ୍ନଭିନ୍ନ ଜାଗାରେ ବହୁ ମୂଲ୍ୟ ୯ଗୋଟି ପ୍ଲଟ୍, ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଜୀବନ ବୀମା ପଲିସି ରହିଛି। ଆଜିକୁ ତିନିବର୍ଷ ହେବ, ନୂଆପଡ଼ା ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସବ୍-ଡିଭିଜନ୍ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ଭାବେ ଶ୍ରୀ ସେଠୀ କାମ କରୁଥିଲେ। ଏଠାରେ କାମ କରୁଥିବା ସମୟରେ ଖୋଲାଖୋଲି ଠିକାଦାର, ବିଭାଗୀୟ କର୍ମଚାରୀଙ୍କଠାରୁ ଲାଞ୍ଚ କାରବାର କରୁଥିବା ଅଭିଯୋଗ ହୋଇଥିଲା। ଅନ୍ୟପଟେ ରାଜ୍ୟବ୍ୟାପୀ ବିଭିନ୍ନ ଜାଗାରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ମଧ୍ୟ ଅଭିଯୋଗ ହୋଇଥିଲା। ଉକ୍ତ ଅଭିଯୋଗକୁ ଭିତ୍ତି କରି ଜୟପୁର ଭିଜିଲାନ୍ସ ଟିମ୍ ଶୁକ୍ରବାର ପ୍ରଥମେ ତାଙ୍କ ସରକାରୀ ବାସଭବନ ଓ କାର୍ଯ୍ୟାଳୟରେ ଚଢ଼ଉ କରିଥିଲା। ପରେ ଭୁବନେଶ୍ୱରର ୩ଟି, ପିପିଲିର ୫ଟି ଓ ରାୟଗଡ଼ା ଗୋଟିଏ ସ୍ଥାନରେ ଚଢ଼ଉ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ଚଢ଼ଉ ଜାରି ରହିଥିବା ବେଳେ ଆକଳନ ପରେ ସମ୍ପତ୍ତିର ପରିମାଣର ସଠିକ ବିବରଣୀ ପ୍ରଦାନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ମିଳିଛି।

**ସରକାରୀ ବାସଗୃହ, କାର୍ଯ୍ୟାଳୟ ସମେତ ୯ ସ୍ଥାନରେ ଚଢ଼ଉ**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସାରା ରାଜ୍ୟରେ...

ଚଳିତ ବର୍ଷ ଏହା ୨୫ ତାରିଖ ସୁଦ୍ଧା କେରଳ ଛୁଉଁଥିବା ବେଳେ ଆସନ୍ତା ୨୭ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ମୌସୁମୀକୁ ଆହୁରି ସକ୍ରିୟ କରାଇବାରେ ସହାୟକ ହେବ। ଯାହାଦ୍ୱାରା ମୌସୁମୀ ବାୟୁ ମେ' ମାସ ଶେଷ କିମ୍ବା ଜୁନ୍ ପ୍ରଥମରୁ ଓଡ଼ିଶା ଛୁଇଁବା ପାଇଁ ପାଗ ଅନୁକୂଳ ରହିବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୭ତାରିଖ ବେଳକୁ ପଶ୍ଚିମ-କେନ୍ଦ୍ରୀୟ ଓ ତତ୍ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ଏହି ଲଘୁଚାପ ସୃଷ୍ଟି ହୋଇ ୨ ଦିନ ଭିତରେ ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ଓଡ଼ିଶାରେ ପ୍ରବଳ ବର୍ଷା ହେବ। ବିଶେଷକରି ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ। ଯାହାକୁ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଶନିବାର କେନ୍ଦୁଝର, ମୟୂରଭଞ୍ଜ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସହ ବଜ୍ରପାତ ଆଶଙ୍କା ରହିଥିବା ବେଳେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗିର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ୨୮ ତାରିଖ ବେଳକୁ ବର୍ଷାର ପ୍ରଭାବ ଆହୁରି ବୃଦ୍ଧି ହେବାର ସମ୍ଭାବନା ରହିଛି।

### ମସ୍କୋ ଆକାଶରେ...

ଉପରେ ଡ୍ରୋନ ଆକ୍ରମଣ କରିଥାଏ। ୟୁକ୍ରେନ ଜାଣିଶୁଣି ଏପରି କରେ ଏବଂ ଅନ୍ୟ ଦେଶର ପ୍ରତିନିଧିମାନେ ଯେଭଳି ରୁଷିଆ ନ ଆସିପାରନ୍ତି ତାହାକୁ ନେଇ କାର୍ଯ୍ୟ କରେ ବୋଲି ସେ କହିଥିଲେ। ଏହି ଘଟଣାକୁ ବିଚାର କଲେ ତାଙ୍କ କଥା ସତ ହୋଇଛି। ତେବେ ରୁଷିଆ ପକ୍ଷରୁ ଏହି ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇ ନାହିଁ।

### ଜେଜେବାପା-ନାତି...

ଦିବ୍ୟାଂଶୁ ଓ ତା'ର ବଡ଼ଭାଇକୁ ଧରି ବୈତରଣୀକୁ ଗାଧୋଇବାକୁ ଯାଇଥିଲେ। ବୁଡ଼ ପକାଇବା ବେଳେ ଦୁଇ ନାତି ଭାସି ଯାଇଥିଲେ। ସେମାନଙ୍କୁ ବଞ୍ଚାଇବାକୁ ପାଣିର ପ୍ରଖର ସ୍ରୋତକୁ ଡେଇଁପଡ଼ିଥିଲେ ବାସୁଦେବ। କିନ୍ତୁ, ନାତିଦ୍ୱୟଙ୍କୁ ବଞ୍ଚାଇବା ତ ଦୂରର କଥା, ଅକାତକାତ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ତେବେ ବଡ଼ନାତି ପହଁରିପହଁରି ଯାଇ ଏକ ପଥରରେ ଆଶ୍ରୟ ନେଇ ଲଟକି ରହିଥିଲା। ସ୍ଥାନୀୟ ଲୋକ ତାକୁ ଉଦ୍ଧାର କରିଥିଲେ। ସାନନାତିକୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ହେଁ ସେଠାରେ ମୃତ୍ୟୁ ଘଟିଥିଲା। ଘଟଣାକୁ ନେଇ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ପାଟଣା ମେଡିକାଲରେ ଜେଜେବାପାଙ୍କ ମୃତଦେହ ବ୍ୟବଚ୍ଛେଦ ହେବା ସହ କେନ୍ଦୁଝର ମେଡ଼ିକାଲରେ ନାତିର ଶବ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପାଟଣା ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏଏସ୍‌ଆଇ ଧନେଶ୍ୱର ପାତ୍ର ସୂଚନା ଦେଇଛନ୍ତି।

### ଅନୁଜ କୁମାର...

ପୋଷଣ ଓ ଏମ୍‌ଏମ୍ ପୋଷଣ ଯୋଜନାର ନୋଡାଲ ଅଧିକାରୀ ଭାବେ ବଦଳି କରାଯାଇଛି। ଟାଙ୍ଗୀ ପୂର୍ବତନ ତହସିଲ୍‌ଦାର ମିତାଲି ପାତ୍ରଙ୍କୁ ବାରିପଦା ସିଡିଏମ୍ ଓ ପିଏଚ୍‌ଓର ପ୍ରଶାସନିକ ଅଧିକାରୀ ଭାବେ ବଦଳି ହୋଇଛି। ଗୁଣୁପୁର ଆଇଟିଡିଏ ପିଏ ଥିବା ଅଜୟ କୁମାର ପ୍ରଧାନଙ୍କ ପୂର୍ବ ବଦଳି ନିର୍ଦ୍ଦେଶନାମାକୁ ବାତିଲ୍ କରି ଦିଆଯାଇଛି। ସେହିପରି ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କୁ ଇନ୍ଦିରା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଓ ଟେକ୍ନୋଲୋଜିର ରେଜିଷ୍ଟ୍ରାର୍ ଭାବେ ବଦଳି କରାଯାଇଛି।

ଏହାବ୍ୟତୀତ ପୁରୀ ରଥଯାତ୍ରା ପାଇଁ ପରିମଳ ବ୍ୟବସ୍ଥାର ତଦାରଖ ନିମନ୍ତେ ବିଭିନ୍ନ ପୌରାଞ୍ଚଳରେ କାର୍ଯ୍ୟ କରୁଥିବା ଏହି ୧୦ ଜଣ କାର୍ଯ୍ୟନିର୍ବାହୀ ଅଧିକାରୀ ଆସନ୍ତା ଜୁନ୍ ୧ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ପୁରୀରେ ରହି କାର୍ଯ୍ୟ କରିବେ। ଏହି ଅଧିକାରୀଙ୍କ ମଧ୍ୟରେ ଆଶୁତୋଷ ଗୌରଭ, ଆଭାସ ରଞ୍ଜନ ପାଣିଗ୍ରାହୀ, ସୁକାନ୍ତ ଚନ୍ଦ୍ର ବେଉରା, ଧନଞ୍ଜୟ ମହାନ୍ତି, ସରୋଜ କୁମାର ଆଚାର୍ଯ୍ୟ, ଜୁବୁଲି ଚରଣ ବେହେରା, ମୁରଲୀ କୃଷ୍ଣ ପଣ୍ଡା, ମାନସ ରଞ୍ଜନ ମଲ୍ଲିକ, ନିଗମାନନ୍ଦ ପଣ୍ଡା ଓ ଲୋକନାଥ ବେଜ୍ ପ୍ରମୁଖ ସାମିଲ୍ ରହିଛନ୍ତି।

### ଅସନ୍ତୁଷ୍ଟ ନେତାଙ୍କ...

ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବ୍ୟାପାର କମିଟି ବୈଠକରେ ପହଞ୍ଚି ଦଳ ଏକ୍ ବୋଲି ବାର୍ତ୍ତା ଦେବାକୁ ଚେଷ୍ଟା କରିଛନ୍ତି। ଗୁରୁବାର ଅନୁପସ୍ଥିତ ରହିଥିବା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ସମେତ ଏକାଧିକ ନେତା ସକାଳେ କଂଗ୍ରେସ ଭବନରେ ପହଞ୍ଚିଥିଲେ। ପ୍ରଥମେ ରାଜନୈତିକ ବ୍ୟାପାର କମିଟିରେ ସାମୟିକ ଆଲୋଚନା ପରେ ଏହି ନେତମାନେ ଧାରଣା ସ୍ଥଳକୁ ଆସିଥିଲେ ଓ ପରେ ଅପରାହ୍ନରେ ଏହି କମିଟି ବୈଠକରେ ଯୋଗ ଦେଇଥିଲେ। ବିଷଦ ଆଲୋଚନା ପରେ ପିସିସି ପକ୍ଷରୁ ୨ ଟି ନୂତନ କମିଟି ଗଠନ କରାଯିବା ନେଇ ନିଷ୍ପତ୍ତି ହୋଇଛି।

କଂଗ୍ରେସ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାମାଜିକ ନ୍ୟାୟ ସମ୍ପର୍କରେ ବିଷଦ ଆଲୋଚନା ହୋଇଛି ।ପିସିସି ଦଳ ପକ୍ଷରୁ 'ସାମାଜିକ ନ୍ୟାୟ ଡ୍ରାଫ୍ଟିଂ' କମିଟି ଓ 'ଚାର୍ଜସିଟ ଡ୍ରାଫ୍ଟିଂ' କମିଟି ଗଠନ କରାଯାଇଛି। ଆଗାମୀ ଦିନରେ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ କଂଗ୍ରେସର ଆଭିମୁଖ୍ୟ ସମ୍ପର୍କରେ ଏକ ଚିଠା ପ୍ରସ୍ତୁତ ପାଇଁ ରାଜ୍ୟସ୍ତରୀୟ ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟି ଗଠନ ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସେହିପରି ରାଜ୍ୟ ବିଜେପି ସରକାର କ୍ଷମତାକୁ ଆସିବା ପୂର୍ବରୁ ଦେଇଥିବା ପ୍ରତିଶ୍ରୁତିକୁ ପାଳନ କରିବାରେ ଅବହେଳା ସମ୍ପର୍କରେ ବିଷଦ ଆଲୋଚନା କରାଯାଇ ଚାର୍ଜସିଟି ଡ୍ରାଫ୍ଟିଂ କମିଟ ଗଠନ ନିମନ୍ତେ ନିଷ୍ପତ୍ତି ହୋଇଛି। ସାମାଜିକ ନ୍ୟାୟ ଡ୍ରାଫ୍ଟିଂ କମିଟିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅଧ୍ୟକ୍ଷ ରହିଥିବା ବେଳେ ପ୍ରସାଦ ହରିଚନ୍ଦନ ଆବାହକ ଭାବରେ ରହିଛନ୍ତି। ସେହିପରି ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା, ଜୟଦେବ ଜେନା, ନଗେନ୍ଦ୍ର ପ୍ରଧାନ, ଶରତ ରାଉତ, ଅମରନାଥ ପ୍ରଧାନ, ମହମ୍ମଦ ମୋକିମ, ସିଏସ ରାଜନ ଏକ୍କା, ବନ୍ଦିତା ପରିଡ଼ା ଏବଂ ସିପ୍ରା ମଲ୍ଲିକ ପ୍ରମୁଖ ସଦସ୍ୟ ଭାବରେ ରହିଛନ୍ତି। ଅନୁରୂପ ଭାବରେ ଚାର୍ଜସିଟି ଡ୍ରାଫ୍ଟିଂ କମିଟିରେ ପ୍ରସାଦ ହରିଚନ୍ଦନ ଅଧ୍ୟକ୍ଷ ରହଥିବା ବେଳେ ସଦସ୍ୟ ଭାବରେ ଜଗନ୍ନାଥ ପଟ୍ଟନାୟକ, ଅନନ୍ତ ପ୍ରସାଦ ସେଠୀ, ମହମ୍ମଦ ମୋକିମ, ବିଶ୍ୱରଞ୍ଜନ ମହାନ୍ତି, ସସ୍ମିତା ବେହେରା, ଉଦିତ ପ୍ରଧାନ, ରଜନୀ ମହାନ୍ତି ଏବଂ ଜୟଶ୍ରୀ ପାତ୍ର ପ୍ରମୁଖ ସ୍ଥାନ ପାଇଛନ୍ତି।

CAD-494 Email: itdagnp@nic.in

GOVERNMENT OF ODISHA
OFFICE OF THE PROJECT ADMINISTRATOR
INTEGRATED TRIBAL DEVELOPMENT AGENCY, GUNUPUR
***

E-Procurement Notice
Bid Identification No: ITDAGNP – Online – 03 / 2024-25

No: 1002 / VII-89/2025 Date: 20 .05.2025

1 Name of the Work : Construction of Building Works
2 Total No. of Works : 20 No.(Percentage rate tender)
3 Amount put to tender : As mentioned in Col. 3 of Annexure
4 Class of Contractor : As mentioned in Col. 5 of Annexure
5 Period of Completion : As mentioned in Col. 4 of Annexure
6 EMD : As mentioned in Col. 6 of Annexure
7 Paper Cost : As mentioned in Col. 7 of Annexure
8 Other details:

| Procurement Officer | Bid Identification No. | Availability of Tender online for Bidding | | Last date & time of seeking tender clarification | Date & Time of opening of tender | Financial Bid open |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | |
| Project Administrator, I.T.D.A, Gunupur | ITDAGNP Online-03/2024-25 | 23.05.2025 at 10.00 A.M. | 05.06.25 up to 5.00 P.M. | 05.06.2025 up to 5.00 P.M. | 06.06.2025 at 11.00 Hrs. | Will intimate later |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.
Further details can be seen from the website: www.tendersorissa.gov.in.

Project Administrator,
I.T.D.A., Gunupur.

OIPR-26072/11/0006/2526

**SALE**

Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

**ନ୍ୟୁ ଡାୱର ଜୁଏଲର୍ସ**
ଥାନା ଛକ, ମେନ୍ ରୋଡ଼, ବରଗଡ଼
ଷ୍ଟାଫ୍ ଆବଶ୍ୟକ
ସେଲ୍ସ ଏକ୍ସିକ୍ୟୁଟିଭ୍ ପାଇଁ ଅନୁଭବୀ ଏବଂ ଅଭିଜ୍ଞ କାର୍ଯ୍ୟକର୍ତ୍ତା ଆବଶ୍ୟକ। ଯୋଗ୍ୟତା: ଅତିକମରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ।
ଯୋଗାଯୋଗ: 9937453211

**LOST**
I, Pradeepta Kumar Chhotaray, aged about 49 years, S/o.: Basudev Chhotaray, resident of At/PO.: Gadamatiapada, PS.: Kanasa, Dist.: Puri, At Present Kharavel Complex, K.C-22, Aiginia, PS.: Khandagiri, Bhubaneswar, Dist.: Khurda, Odisha, PIN-751019, do hereby solemnly affirm and State that, while I was travelling from Baramunda to Aiginia by my Bullet Motor Cycle, on dtd. 19.05.2025 at about 5.00 P.M., I have lost a Sale Deed bearing No.: 11131314651 somewhere else. Inspite of my best efforts I could not traced it out. If anyone found the above sale deed please contact on my Mobile No.: 9337975665

**AFFIDAVIT**
I, Khurshida Bano, W/o- Jamaluddin Khan, resident of ward No.-20, Sankarpur, Ps-Purna Bazar, Po/Dist.-Bhadrak, Pin-756100, Odisha declare by this affidavit No-5261, dtd- 11/05/2025, that now onwards I shall be known as KHURSHIDA BANU for all future purposes.

**AFFIDAVIT**
By virtue of an affidavit before the Executive Magistrate, Sadar, Cuttack on 22.05.2025. I SRIDHARA PATI, resident of vill- Baulakuda, Po- Jhinkiria, Dist- Cuttack-754112 have changed my minor daughter's name from SMRUTIPRAGYANA PATI to SMRUTI PRAGYAN PATI as my minor daughter SMRUTIPRAGYANA PATI and SMRUTI PRAGYAN PATI is one & the same person. Henceforth she will be known as SMRUTI PRAGYAN PATI for all purposes.
Sd/- SRIDHARA PATI

**AFFIDAVIT**
By virtue of an affidavit sworn before the Executive Magistrate, Tangi, Dist- Khordha SL No: 762 dated 17/05/2025, I SANJAY PENTHEI, S/o Jogi Penthei resident of Village At - Badapokharipatna, Po- Kalupadaghat, Ps- Tangi, Dist- Khordha, Odisha Pin- 752022 declare that I have changed my minor daughter name from Chinu Penthei to Mamina Penthei. Henceforth, she shall be known as MAMINA PENTHEI for all purposes.
Sd- Sanjay Penthei

**AFFIDAVIT**
I Madhusmita Satpathy, W/o- Motilal Thakur, resident of Dream Villa - B36, Padasahi, Bhubaneswar - 751024, Dist: Khordha, Odisha, declare by this Affidavit No - 465 , Dt - 20.05.2025 that, now onwards, I shall be known as Madhusmita Thakur for all future purpose.

**AFFIDAVIT**
I, Shri Sami Dalei, S/o Samara Dalei, resident of Khajuriguda, PO- Kunduli, PS-Pottangi, Dist-Koraput, Odisha, do hereby declare that my son's Aadhar card bearing No. 2039 0003 6835 has erroneously recorded his name as Jana Dalei and his date of birth as 31/12/2009.That the correct name of my son is John Dalei and date of birth is 11/03/2010, as per his Birth Certificate (Regd. No. 327/2010). That Jana Dalei and John Dalei is one and the same person.

**AFFIDAVIT**
I Sri Gouranga Sahu S/O Late Binod Bihari Sahu my residential address AT- Nadpur, PO- Nuagaon, P.S –Baisinga, Dist. –Mayurbhanj, Odisha, Pin-757025.I swear this affidavit is to be produced before the Notary Public Betnoti Affidavit No. 24 Vol No 1 date-23.05.2025. My father name wrongly type from Binod Behari Sahu to Binod Bihari Sahu . That, the correct name of my father is Binod Bihari Sahu for all future purpose.
Gouranga Sahu

ସକାଳ THE SAKALA



● ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ପୌରନିର୍ବାହୀ ଅଧିକାରୀଙ୍କ ବିରୋଧରେ ଗିରଫ୍ ପରୱାନା

**ଭଦ୍ରକ,୨୩।୫(ସମିସ):** ଭଦ୍ରକଜିଲ୍ଲାଉପଭୋକ୍ତାବିବାଦ ସମାଧାନ ଆୟୋଗ ଏକ ଏକଜ୍ୟୁକୁସନ (ଡିଗ୍ରୀଜାରୀ) ମାମଲା ର ବିଚାର କରି ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ ଭଦ୍ରକ ପୌରପାଳିକା ପୌରନିର୍ବାହୀ ଅଧିକାରୀଙ୍କ ବିରୋଧରେ ଗିରଫ୍ ପରୱାନା ଜାରି କରିଛନ୍ତି।

ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ସହରାଞ୍ଚଳ ୩୦ନମ୍ବର ୱାର୍ଡ ଅଧୀନ ବାଲିପାଟଣା ଗାଁର ସ୍ୱର୍ଗତ ଶୁକଦେବ ନାୟକଙ୍କ ପୁଅ ଦେବଦତ୍ତ ନାୟକ ଜଣେ ଶିକ୍ଷିତ ବେକାର ଯୁବକ। ସେ ରୋଜଗାର କରି ସ୍ୱାବଲମ୍ବୀ ହେବାକୁ ଭଦ୍ରକ ପୌରପାଳିକାର ପ୍ରକାଶିତ ବିଜ୍ଞାପନ ମୁତାବକ ଦୋକାନଘର ନେବା ପାଇଁ ଗତ ୨୫-୧-୯୯ ତାରିଖରେ ୫ହଜାର ଟଙ୍କା ଓ ଗତ ୨୩-୭-୦୫ତାରିଖରେ ୧୧ହଜାର ଟଙ୍କାକୁ ମିଶାଇ ମୋଟ ୧୬ହଜାର ଟଙ୍କା ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ।ତେବେ ପୌରକର୍ତ୍ତୃପକ୍ଷ ଦେବଦତ୍ତଙ୍କୁ ଦୋକାନ ଘର ଦେବାକୁ ଅକ୍ଷମ ହୋଇଥିଲେ। ପରବର୍ତ୍ତୀ ସମୟରେ ସହରରେ ପୌରପାଳିକା ପକ୍ଷରୁ ବିଭିନ୍ନ ମାର୍କେଟ କଂପ୍ଲେକ୍ସ ନିର୍ମିତ ହୋଇଥିଲେ ବି ତାଙ୍କୁ ଦୋକାନ ଘରଟିଏ ଦିଆଯାଇନଥିଲା। ବିଭିନ୍ନ

**ଦୋକାନ ଘର ପାଇଁ ୨୫ବର୍ଷ ତଳେ ୧୬ ହଜାର ଟଙ୍କା ଦେଇଥିଲେ**

ଆଳରେ ପୌର କର୍ତ୍ତୃପକ୍ଷ ତାଙ୍କୁ ଗତ ୨୦୨୦ ଯାଏଁ ଭୁଆଁ ବୁଲାଇ ଦୋକାନ ଘରଟିଏ ଯୋଗାଇ ନଥିଲେ। ଶେଷରେ ଉପଭୋକ୍ତା ଦେବଦତ୍ତ ନିରାଶ ହୋଇ ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗରେ ଆଶ୍ରୟ ନେଇଥିଲେ। ତାଙ୍କ ଅଭିଯୋଗକ୍ରମେ ଏକ ମାମଲା ସିସି ନମ୍ବର-୧୪/୨୦୨୦ ରୁଜୁ ହୋଇଥିଲା ଓ ପୌର ନିର୍ବାହୀ ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଥିଲା। ଉକ୍ତ ମାମଲାରେ ପୌର ନିର୍ବାହୀ ଅଧିକାରୀ ହାଜର ହୋଇ ତାଙ୍କ ଜବାବରେ ପୌରପାଳିକାର ୯ଟି ଦୋକାନ ଘର ପାଇଁ ୨୪ଜଣ ଆବେଦନକାରୀ ଥିବାରୁ ଆବେଦନକାରୀ ଦେବଦତ୍ତଙ୍କୁ ଦୋକାନଘର ଦିଆଯାଇ ପାରିନଥିବା ଦର୍ଶାଇବା ସହ ତାଙ୍କୁ ଟଙ୍କା ଫେରସ୍ତ ଲାଗି ଜବାବରେ ସମ୍ମତି ପ୍ରକାଶ କରିଥିଲେ। ଏହି ମାମଲାର ବିଚାର କରି ସେତେବେଳେ ଭଦ୍ରକ ଉପଭୋକ୍ତା ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି ଓ ସଭ୍ୟା ମଧୁସ୍ମିତା ସ୍ୱାଇଁ ତାଙ୍କ ରାୟରେ ଭଦ୍ରକ ପୌରପାଳିକାର ପୌରନିର୍ବାହୀ ଅଧିକାରୀ ଉପଭୋକ୍ତା ଦେବଦତ ନାୟକଙ୍କୁ ମୂଳ ଜମା ଟଙ୍କା ୧୬ହଜାର ଟଙ୍କା ସହ ଗତ ୨୩-୭-୨୦ ତାରିଖରୁ ବାର୍ଷିକ ୬ପ୍ରତିଶତ ସୁଧ ବାବଦକୁ ୧୮ହଜାର ୩୬୦ଟଙ୍କାକୁ ମିଶାଇ ୩୪ ହଜାର ୩ଶହ ଟଙ୍କା ରାୟ ପ୍ରକାଶର ୩୦ଦିନ ମଧ୍ୟରେ ପ୍ରଦାନ କରିବାକୁ ଆଦେଶ ଦେଇଥିଲେ। ଅନ୍ୟପକ୍ଷରେ ଏହାର ଖିଲାପ ହେଲେ ଟଙ୍କା ପ୍ରଦାନ ଯାଏଁ ବାର୍ଷିକ ୯ପ୍ରତିଶତ ସୁଧ ସହ ଉକ୍ତ ଟଙ୍କା ପୈଠ କରିବାକୁ ମଧ୍ୟ ଆଦେଶ କରିଥିଲେ। ତେବେ ଏହି ଆଦେଶ ସତ୍ତ୍ୱେ ବି ପୌର ନିର୍ବାହୀ ଅଧିକାରୀ ଏହି ଆଦେଶ ପାଳନ କରିନଥିଲେ। ତେଣୁ ଉପଭୋକ୍ତା ଦେବଦତ୍ତଙ୍କ ପକ୍ଷରୁ ଆୟୋଗରେ ଏକ ଏକଜ୍ୟୁକୁସନ ବା ଡିଗ୍ରୀଜାରୀ ମାମଲା ନଂ-୩/୨୦୨୫ ରୁଜୁ ହୋଇଥିଲା। ଏହି ଡିଗ୍ରୀଜାରୀ ମାମଲାର ବିଚାର କରି ଭଦ୍ରକ ଉପଭୋକ୍ତା ବିବାଦ ସମାଧାନ ଆୟୋଗ ପୌର ନିର୍ବାହୀ ଅଧିକାରୀଙ୍କ ବିରୋଧରେ ଗିରଫ୍ ପରୱାନା ଜାରି କରିଛନ୍ତି। ଏହି ଗିରଫ୍ ପରୱାନାକୁ କାର୍ଯ୍ୟକାରୀ କରିବାକୁ ଆୟୋଗଙ୍କ ପକ୍ଷରୁ ଭଦ୍ରକ ଏସ୍‌ପିଙ୍କୁ ପତ୍ର ଲେଖାଯାଇଛି।

## ଶାରଦା ଦେବୀ ମହାବିଦ୍ୟାଳୟ ଟପ୍ପର ହେଲେ ପ୍ରଶାନ୍ତ



**ଅସୁରାଳି,୨୩।୫(ସମିସ):** ଚଳିତ ଯୁକ୍ତ ପରୀକ୍ଷା ଫଳରେ ମା' ଶାରଦା ଦେବୀ କଲେଜ କୋଠାରରେ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀ ବାଜିମାତ କରିଛନ୍ତି। ଏହି କଲେଜର ଛାତ୍ର ପ୍ରଶାନ୍ତ କୁମାର ନାଥ ୫୦୦ ନମ୍ବର ରଖି ବାଣିଜ୍ୟ ବିଭାଗରେ ଟପ୍ପର ହେବା ସହିତ କଲେଜ ଟପ୍ପର ହୋଇଛନ୍ତି। କାସିମପୁର ଗାଁର ଶଶଧର ନାଥ ଓ ଆରତୀ ନାଥଙ୍କ ପୁତ୍ର ପ୍ରଶାନ୍ତ ତାଙ୍କର ଏହି ସଫଳତାର ଶ୍ରେୟ ତାଙ୍କ ପିତା ମାତା, କଲେଜ ଅଧ୍ୟକ୍ଷା ପ୍ରାଧ୍ୟାପିକା ପୁଷ୍ପାଞ୍ଜଳି ରାଉତ, ଅଧ୍ୟାପକ ଶ୍ରୀଧର ସାହୁ, ନବଘନ ସାହୁ ପ୍ରମୁଖଙ୍କୁ ପ୍ରଦାନ କରିଛନ୍ତି। ପ୍ରକାଶ ଥାଉ କି ଏହି କଲେଜରେ ବାଣିଜ୍ୟ ବିଭାଗ ପରୀକ୍ଷା ଦେଇଥିବା ମୋଟ ୪୪ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୨ ଜଣ ପ୍ରଥମ ଶ୍ରେଣୀରେ, ୧୬ ଜଣ ୨ୟ ଶ୍ରେଣୀରେ ଓ ଅବଶିଷ୍ଟ ୧୨ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

## +୨ ପରୀକ୍ଷାର କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ,୨୩।୫(ସମିସ):** ଚଳିତ +୨ ପରୀକ୍ଷାରେ ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ବିଜ୍ଞାନରେ ୫୬୦ (୯୩.୩୩ ପ୍ରତିଶତ) ନମ୍ବର ହାସଲ କରି ସଫଳତା ଅର୍ଜନ କରିଥିବା କୃତୀ ଛାତ୍ର କେନ୍ଦୁଆପଦା ଗ୍ରାମର ଆର୍ଯ୍ୟମାନ ଦାସଙ୍କୁ କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶଶିଶେଖର କରଶର୍ମା ଶୁକ୍ରବାର ସମ୍ବର୍ଦ୍ଧିତ କରିଛନ୍ତି। ବଡଭାଇ ଅଂଶୁମାନ, ପିତା ପ୍ରଦୀପ କୁମାର ଦାସ ଓ ମା' ଜ୍ୟୋତ୍ସ୍ନାକୁମାରୀ ବାରିକଙ୍କ ମାର୍ଗଦର୍ଶନରେ ଅନୁପ୍ରାଣିତ ହୋଇ ଶ୍ରୀମାନ ଦାସଏହି ସଫଳତା ଲାଭ କରିପାରିଛନ୍ତି। ଆର୍ଯ୍ୟମାନ ଡାକ୍ତରୀ ପଢିବାକୁ ଲକ୍ଷ୍ୟ ରଖିଛନ୍ତି।



## ଟ୍ରକ୍ ଦୁର୍ଘଟଣାରେ ଚାଳକ ଗୁରୁତର

**ବାରିକପୁର,୨୩/୫(ସମିସ):** ଭଣ୍ଡାରିପୋଖରୀ ଥାନା ଛତାବର ଟୋଲ ପ୍ଲାଜା ନିକଟରେ ଏକ ମାଲବାହୀ ଟ୍ରକ ଦୁର୍ଘଟଣାଗ୍ରସ୍ତ ହେବାରୁ ଏହାର ଚାଳକ ଗୁରୁତର ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ମୁତାବକ ଟ୍ରକଟି ଭଦ୍ରକ ପଟୁ କଟକ ଅଭିମୁଖେ ଯାଉଥିବା ବେଳେ ଢାବା ନିକଟରେ ଠିଆ ହୋଇଥିବା ଏକ ଟ୍ରଲର ପଛପଟୁ ଏହା ଧକ୍କା ଦେଇଥିଲା।ଟୋଲଗେଟ କର୍ମଚାରୀ ମାନେ ତତକ୍ଷଣାତ୍ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଚାଳକକୁ ଉଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଏଠାରେ ସୂଚିତ ଛତାବର ଟୋଲ ପ୍ଲାଜା ନିକଟରେ ଅନେକ ବେଆଇନ ଢାବା ଓ ହୋଟେଲ ଗଢି ଉଠିଛି। ତେଣୁ ରାଜପଥ ଉପରେ ଯାଉଥିବା ଯାନବାହାନ ଗୁଡିକ ପ୍ରତ୍ୟେକ ହୋଟେଲ ସାମ୍ନାରେ ଘଣ୍ଟା ଘଣ୍ଟା ଧରି ବେଆଇନ ପାର୍କିଂ କରୁଛନ୍ତି। ଫଳରେ ଏଥିପାଇଁ ଅନେକ ସମୟରେ ଦୁର୍ଘଟଣା ମାନ ଘଟୁଛି ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି।

## ବାଲି ଟ୍ରକ୍ ଜବତ

**ବାରିକପୁର,୨୩।୫(ସମିସ):** ଯାଜପୁର ଜିଲ୍ଲା ଷଠିପୁର ପଟୁ ବାଲି ବୋଝେଇ କରି ଭଦ୍ରକ ଅଭିମୁଖେ ଆସୁଥିବା ୨ଟି ଟ୍ରକ୍‌କୁ ଭଣ୍ଡାରିପୋଖରୀ ପୁଲିସ୍ ପକ୍ଷରୁ ଜବତ କରାଯାଇଛି। ଏସଆଇ ସୁଦର୍ଶନ ସେନ ଓ କର୍ମଚାରୀମାନେ ଟ୍ରକକୁ ଜାତୀୟ ରାଜପଥର ଛତାବର ଓ ଆଖୁଆପଦା ମଧ୍ୟରେ ଜବତ କରିଥିଲେ। ଦୁଇ ଗାଡିର ଚାଳକ ମଧ୍ୟ ଥାନାରେ ଅଟକ ଥିବା ଜଣାପଡିଛି। ବୈତରଣୀ ନଦୀର ଭଣ୍ଡାରିପୋଖରୀ ପାର୍ଶ୍ୱରୁ ବେଆଇନ ବାଲି ପରିବହନ ଟିକିଏ ଥମିଯିବା ପରେ ଅପରପାର୍ଶ୍ୱରୁ ରୀତିମତ ବାଲି ଚାଲାଣ ଲାଗି ରହିଛି।

## ବିନା ଉପନିବନ୍ଧକଙ୍କ ଚାଲିଛି ଧୂଷୁରୀ କାର୍ଯ୍ୟାଳୟ

**ଅସୁରାଳି,୨୩।୫(ସମିସ):** ଧୂଷୁରୀରେ ଅଛି ଉପନିବନ୍ଧକଙ୍କ କାର୍ଯ୍ୟାଳୟ। କିନ୍ତୁ ଉପନିବନ୍ଧକଙ୍କ ଦେଖାଦର୍ଶନ ନାହିଁ। ମାମୁଘର ବୁଲିବା ପରି କେତେବେଳେ କେମିତି କାର୍ଯ୍ୟାଳୟ ବୁଲି ଆସନ୍ତି। ପୁଣି ଯେଉଁ କେତେଦିନ ଆସନ୍ତି ନିଜର ପକେଟ ଗରମ କରି ଯାଆନ୍ତି। କବଲା କରିବା ପାଇଁ ଲୋକଙ୍କୁ କାଠିଏ ପାଣି ପିଆନ୍ତି। କିଛି କିଛି ଲୋକ ହାତ ଗୁଞ୍ଜା ଦେଇ ନ ପାରିଲେ ତାଙ୍କ କାମ ସେମିତି ପଡ଼ି ରହିଥାଏ ଯୁଗ ଯୁଗ ଧରି। ସ୍ଥାନୀୟ ଲୋକେ ଏଥିପାଇଁ ବହୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରଥମତଃ ବହୁ କମ୍ ଦିନ ତାଙ୍କର କାର୍ଯ୍ୟାଳୟରେ ପାଦ ପଡେ। ପୁଣି ବର୍ତ୍ତମାନ ଦିନ ମାନଙ୍କରେ ଯେଉଁ ଦିନ ଆସନ୍ତି ସକାଳୁଆ ଅଫିସ ହୋଇ ଥିଲେ ମଧ୍ୟ ୮ .୩୦ ନହେଲା ଯାଏଁ ବାବୁଙ୍କ ଦେଖା ମିଳେନାହିଁ। ବାବୁଙ୍କ କାର୍ଯ୍ୟ କଳାପ ବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ସଚେତନ କରାଯାଇଥିଲେ ମଧ୍ୟ ସବୁ ଶୁନ ଫଳ ପରି ଲାଗୁଚି। ବାରମ୍ବାର ଅଭିଯୋଗ କରାଯାଇଛି। କିନ୍ତୁ କୌଣସି ପ୍ରକାରର କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯାଇ ଥିବାରୁ "ଅନୁକମ୍ପା' ମହିଳା ସଂଗଠନ ପକ୍ଷରୁ ସ୍ୱର୍ ଉତ୍ତୋଳନ କରିଛନ୍ତି। ଏହି ପରିପ୍ରେକ୍ଷୀରେ "ଅନୁକମ୍ପା' ମହିଳା ସଂଗଠନର ସଭାପତି କବିତା ସାହୁ, ସମ୍ପାଦିକା ଅଞ୍ଜନା ମହାକୁଡ, ଉପ ସଭାପତି ବିମଳା ନାଥ, ଉପଦେଷ୍ଟା ଦୀପ୍ତି ରଞ୍ଜନ ନାୟକ, ଉପଦେଷ୍ଟା ସନ୍ତୋଷ ଦାସ, ଉପଦେଷ୍ଟା ରତିକାନ୍ତ ନାୟକ ପ୍ରମୁଖ ସ୍ଥାୟୀ ଉପନିବନ୍ଧକ ପାଇଁ ଦାବି କରିଥିବା ବେଳେ ଖୁବ୍‌ଶୀଘ୍ର ଉକ୍ତ ସମସ୍ୟାର ସମାଧାନ ନ ହେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ସାପ୍ ସଙ୍ଗଠନ ପକ୍ଷରୁ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଭଣ୍ଡାରିପୋଖରୀ,୨୩।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ଜଗନ୍ନାଥପୁର ଗ୍ରାମର କୃତୀଛାତ୍ରୀ ସ୍ନେହଲତା ପଣ୍ଡାଙ୍କୁ 'ସାପ୍' ସଙ୍ଗଠନ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ସଙ୍ଗଠନର ସଦସ୍ୟ ସରପଞ୍ଚ ଅମୂଲ୍ୟ କୁମାର ନାୟକ, ସମାଜସେବୀ ବିଜୟ ଖିଲାର, ସୌମ୍ୟରଞ୍ଜନ ଜେନା, ଆକାଶ ନାୟକ, ସଞ୍ଜିବ ରାଉତ, ବିରଞ୍ଚି ବେହେରା, ଶରତ ପଲାଇ ପ୍ରମୁଖ ପିତା ଲକ୍ଷ୍ମୀଧର ପଣ୍ଡାଙ୍କ ଉପସ୍ଥିତିରେ ସ୍ନେହଲତାଙ୍କୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ପ୍ରୋତ୍ସାହନ ଅର୍ଥ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଭଦ୍ରକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ +୨ କଳା ପାଠ୍ୟକ୍ରମରେ ସ୍ନେହଲତା ଅଧ୍ୟୟନ କରି ଚଳିତ ବର୍ଷ +୨ କଳାରେ ୫୪୫(୯୦.୮୪ ପ୍ରତିଶତ) ନମ୍ବର ହାସଲ କରି ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତାର ଶ୍ରେୟ ଅଧ୍ୟାପକ, ଅଧ୍ୟାପିକାଙ୍କ ଶିକ୍ଷାଦାନ ଓ ପିତାମାତାଙ୍କ ପ୍ରେରଣାକୁ ଦେଇଛନ୍ତି। ଭବିଷ୍ୟତରେ ଅଧ୍ୟାପିକା ହେବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

## ବିନାୟକ ଆବାସିକ ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା




**ଭଦ୍ରକ,୨୩।୫(ସମିସ):** ଯୁକ୍ତ ଦୁଇ ବିଜ୍ଞାନ, ବାଣିଜ୍ୟ ଓ କଳା ପରୀକ୍ଷାରେ ବିନାୟକ ଆବାସିକ ମହାବିଦ୍ୟାଳୟର କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅଧ୍ୟକ୍ଷ ପ୍ରଭାତ ପ୍ରଭାକର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜର ଦୁଇ ନିର୍ଦ୍ଦେଶକ ମନୋଜ କୁମାର ପାଢୀ ଓ ଜୀବନାନନ୍ଦ ପାଣିଗ୍ରାହୀ ଯୋଗଦେଇଥିଲେ। ଚଳିତ ବର୍ଷ ଉକ୍ତ ମହାବିଦ୍ୟାଳୟରେ ବିଜ୍ଞାନରେ ମୋଟ ୩୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ତନ୍ମଧ୍ୟରୁ ୨୨୬ ଜଣ ପ୍ରଥମ ଶ୍ରେଣୀରେ, ୭୫ଜଣ ୨ୟ ଶ୍ରେଣୀରେ ଓ ୨ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ବିଜ୍ଞାନରେ ଶୁକ୍ରମ ଦାସ ୫୪୧ ନମ୍ବର ରଖି ପ୍ରଥମ ସ୍ଥାନ ଓ ଆୟୁଷ ଧଳ ୫୪୦ ନମ୍ବର ରଖି ୨ୟ ସ୍ଥାନ ଅଧିକାର କରିଛନ୍ତି। ବାଣିଜ୍ୟରେ ମୋଟ ୫୦ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୬ ଜଣ ପ୍ରଥମ ଶ୍ରେଣୀ, ୧୦ଜଣ ୨ୟ ଶ୍ରେଣୀ ଓ ୪ ଜଣ ତୃତୀୟ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି। ବାଣିଜ୍ୟରେ ସ୍ୱସ୍ତିକ କୁମାର ସ୍ୱାଇଁ ୫୪୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେଇଭଳି କଳାରେ ମୋଟ ୫୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୧ ଜଣ ପ୍ରଥମ ଶ୍ରେଣୀରେ, ୧୦ ଜଣ ୨ୟ ଶ୍ରେଣୀରେ ଓ ୬ ଜଣ ଛାତ୍ର ଛାତ୍ରୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳାରେ ମୋନିକା ଦେବୀ ପାତ୍ର ୫୩୨ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଜିର ସଭାରେ ୨ ସହ ନିର୍ଦ୍ଦେଶକ ଶୁଭଙ୍କର ପଣ୍ଡା ଓ ସବ୍ୟସାଚୀ ପାଢୀ, ଅନ୍ୟ ଆଧାପକ, ଅଧାୟିକା ଓ ଅଣଶିକ୍ଷକ କର୍ମଚାରୀ ଯୋଗଦେଇଥିଲେ।

## ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ଭଦ୍ରକ,୨୩।୫(ସମିସ):** ଭଦ୍ରକ ଜିଲ୍ଲାର ପିଏମ୍‌ଶ୍ରୀ ବିନ୍ଦୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟ ପରିସରରେ ଖେଲୋ ଇଣ୍ଡିଆ ସେଣ୍ଟର ଆନୁକୂଲ୍ୟରେ କୋଚ୍ ରାଜେସ୍ କୁମାର ନାୟକ ତତ୍ତ୍ୱାବଧାନରେ ଟେନିକଏଟ୍ ଖେଳର ଏକ ଗ୍ରୀଷ୍ମ କାଳୀନ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଅତିରିକ୍ତ ଉପ ଜିଲ୍ଲାପାଳ ତଥା ଜିଲ୍ଲା କ୍ରୀଡା ଅଧିକାରୀ ଶ୍ୟାମଳ କୁମାର ରାଏ ଯୋଗଦେଇଥିଲେ। ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୪୦ରୁ ଊର୍ଦ୍ଧ୍ୱ ବାଳକ ଓ ବାଳିକାମାନେ ଏଥିରେ ଭାଗନେଇଛନ୍ତି। ଏହି ପ୍ରଶିକ୍ଷଣ ଶିବିରଟି ୫ ଦିନ ଧରି ସକାଳ ୬ଟାରୁ ୮ଟା ଯାଏଁ ଅନୁଷ୍ଠିତ ହେବ। ଏହି ପ୍ରଶିକ୍ଷଣ ଶିବିର ଅନ୍ୟତମ ଅତିଥି ରୂପେ ଅଫିସର୍ ଇନ୍ ସ୍ପେସାଲ ଡ୍ୟୁଟି (କ୍ରୀଡା ଅଧିକାରୀ) ରମେଶ କୁମାର ମହାନ୍ତି, ଗୋଲକ ନାୟକ (ସଭାପତି ଭଦ୍ରକ ଜିଲ୍ଲା ଟେନିକ ଏଟ୍ ସଂଘ), ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ, ମନୋଜ କୁମାର ସାହୁ (ସଂପାଦକ ଭଦ୍ରକ ଜିଲ୍ଲା ଟେନିକଏଟ ସଂଘ) ଓ କ୍ରୀଡା ଶିକ୍ଷକ ତପନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଚୋରା ମଦ କାରବାରକୁ ବୃଦ୍ଧି



**ଭଦ୍ରକ,୨୩।୫(ସମିସ):** ଭଦ୍ରକ ଜିଲ୍ଲା ତିହିଡି ଓ ପୀରହାଟ ଥାନା ଇଲାକାରେ ଚୋରା ଦେଶୀ ଓ ବିଦେଶୀ ମଦ କାରବାର ବ୍ୟାପକ ଭାବେ ଚାଲିଛି। ତେବେ ଏଥିନେଇ ବାରମ୍ବାର ଅଭିଯୋଗ କରାଯିବା ସତ୍ତ୍ୱେ ବି କାର୍ଯ୍ୟାନୁଷ୍ଠାନ ଶୂନ। ଯାହାକୁ ନେଇ ଜନ ଅସନ୍ତୋଷ ତେଜିବାରେ ଲାଗିଛି। ଚୋରା ମଦର ବ୍ୟାପକ କାରବାର ହେତୁ ସ୍ଥାନୀୟ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ସାଙ୍ଗକୁ ସାମାଜିକ ପରିବେଶ ନଷ୍ଟ ହେବାରେ ଲାଗିଛି। ଅନ୍ୟପକ୍ଷେ ବିଗତ ଦିନରେ ଘଟି ଯାଇଥିବା ମଦ ମୃତ୍ୟୁର ପୁନରାବୃତ୍ତି ଘଟିବାର ସମ୍ଭାବନା ବି ସୃଷ୍ଟି ହୋଇଛି।

ସୂଚନା ଅନୁସାରେ ତିହିଡି ଓ ପୀରହାଟ ଥାନା ଇଲାକାରେ ବିଭିନ୍ନ ସ୍ଥାନରେ ଏପରିକି କେତେକ ନିର୍ଦ୍ଦିଷ୍ଟ ଚା' ଓ ପାନ ଦୋକାନ ମାନଙ୍କରେ ଖୋଲାଖୋଲି ଭାବେ ଚୋରା ମଦ କାରବାର ଚାଲିଛି। ଏଭଳି ଚୋରା ମଦ କାରବାରକୁ ରୋକିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସେବା ସଙ୍ଗଠନ, ମହିଳା ଗୋଷ୍ଠୀ ଓ ବୁଦ୍ଧିଜୀବୀ ମାନେ ପ୍ରଶାସନକୁ ନିବେଦନ କରିଥିଲେ ବି ପ୍ରଶାସନ ଚୋରା ମଦ କ୍ଷେତ୍ରରେ ସ୍ଥାଣୁ ଅବସ୍ଥାରେ ଥିବାରୁ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଏ ନେଇ ସୂଚନା କର୍ମୀ ନିର୍ମଳ ସେନାପତିଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ପ୍ରତିନିଧି ଗତ ୨୭-୮-୨୪ରେ ତିହିଡିରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣିରେ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏଥିନେଇ ଜିଲ୍ଲା ଅବକାରୀ ଅଧିକାରୀଙ୍କ ସହ ଦୁଇ ଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଲାଗି ଆଦେଶ ଦେଇଥିଲେ। ମାତ୍ର ଏଥିରୁ କୌଣସି ସୁଫଳ ନ ମିଳିବାରୁ ପୁନଶ୍ଚ ଶ୍ରୀ ସେନାପତି ଗତ ୩୦-୧୨-୨୪ରେ ଅନୁଷ୍ଠିତ ଯୁଗ୍ମ ଜନ ଶୁଣାଣିରେ ତିହିଡି ଓ ପୀରହାଟ ଥାନା ଅଧିକାରୀ ଓ ତିହିଡି ଅବକାରୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଆଗତ କରିଥିଲେ। ଦରଖାସ୍ତ ସଂଖ୍ୟା ୭୨/୪୩୮୯ ମୂଳେ ନିଜେ ଆରକ୍ଷୀ ଅଧିକ୍ଷକ ଏହାର ତଦନ୍ତ ଭାର ହାତକୁ ନେଇଥିଲେ। ମାତ୍ର ବିଡମ୍ବନା ଏହିକି ଯଥା ସମୟରେ ଦରଖାସ୍ତ ଜିଲ୍ଲାପାଳଙ୍କ ଅଫିସରୁ ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚି ଥିଲେ ବି ଦୀର୍ଘ ୫ ମାସ ମଧ୍ୟରେ ଦରଖାସ୍ତ ଏସ୍‌ପିଙ୍କ ଟେବୁଲ ଉପରକୁ ଆସିପାରିଲା ନାହିଁ। ସବୁଠୁ ବଡକଥା ହେଉଛି ସରକାରୀ ଲାଇସେନ୍ସ ପ୍ରାପ୍ତ ମଦ ଦୋକାନରେ ଯେତିକି ମଦ ବିକ୍ରି ହେଉଛି ତା'ର ଚାରି ଗୁଣା ମଦ ଗାଁ ଠାରୁ ପୁଣି ସହର ବଜାରରେ ଚୋରାରେ ବିକ୍ରି ହେଉଛି। ପୁଲିସ ଓ ଅବକାରୀ ବିଭାଗର ପ୍ରତ୍ୟକ୍ଷ ସହଯୋଗରେ ମଦ ମାଫିଆ ମାଲେମାଲ ହେଉଥିବା ବେଳେ ସରକାର ବାର୍ଷିକ କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି।

## ବାସୁଦେବପୁର ନିର୍ବାଚନ ମଣ୍ଡଳୀ ବିକାଶ ବୈଠକ

**ବାସୁଦେବପୁର,୨୩।୫(ସମିସ):** ବାସୁଦେବପୁର ବ୍ଲକ ସମ୍ମିଳନୀ କକ୍ଷରେ ବାସୁଦେବପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟିର ବୈଠକ ଅନୁଷ୍ଠିତ ହୋଇ ଯାଇଅଛି । ଆୟୋଜିତ ସଭାର ବିଧାୟକ ଅଶୋକ କୁମାର ଦାସ ସଭାପତିତ୍ୱ କରିଥିଲେ। ବାସୁଦେବପୁର ଓ ତିହିଡି ବ୍ଲକର ବିଡିଓଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଏହି ବୈଠକରେ ଯୋଗଦେଇ ଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାମରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ଉନ୍ନୟନ କାମର ନିର୍ମାଣ ଅବଧି ତିରିଖ ଶେଷ ହୋଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ କାହିଁକି ସରିନାହିଁ ବୋଲି ବିଧାୟକ ପ୍ରଶ୍ନ କରିଥିଲେ। ଯେଉଁ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବିଭାଗ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ପଡି ରହିଛି ତୁରନ୍ତ ୨ବିଭାଗର ଅଧିକାରୀ ବସି ସମାଧାନ କରି ବିକାଶ ମୂଳକ କାମକୁ ଆଗେଇ ନେବାକୁ ପରମର୍ଶ ଦେଇଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାମ କରି ଜବକାର୍ଡଧାରୀ ଟଙ୍କା ପାଇଥିବାର ବିଳମ୍ବ ହେଉଥିବାରୁ ଗରିବ ଲୋକ ବାରମ୍ବାର ବ୍ଲକକୁ ଦୌଡି ନିରାଶ ହେବାକୁ ପଡୁଛି। ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ କୁମାର ସାମଲ, ତିହିଡି ବ୍ଲକର ଅଧ୍ୟକ୍ଷା ଅବନ୍ତୀ ଦାସ, ବାସୁଦେବପୁର ବ୍ଲକ ବିଡିଓ ତନ୍ମିତା କର, ତିହିଡି ବିଡିଓ ନିରଞ୍ଜନ ବାରିକ, ଏପିଡି ଦେବଦତ ରଣା, ବାସୁଦେବପୁର ପୌରପାଳିକାର ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସ୍ୱାଇଁ ସମେତ ବହୁ ଅଧିକାରୀ ଯୋଗ ଦେଇ ଆଲୋଚନାର ଅଂଶ ଗ୍ରହଣ କରିଥିଲେ।

## ଭେଙ୍କେଟେଶ୍ୱର ସ୍କୁଲ ଛାତ୍ରଛାତ୍ରୀଙ୍କ ସଫଳତା



**ଚାନ୍ଦବାଲି,୨୩।୫(ସମିସ):** ଚାନ୍ଦବାଲି ଭେଙ୍କେଟେଶ୍ୱର ସ୍କୁଲର ବହୁ ଛାତ୍ର, ଛାତ୍ରୀମାନେ ଦଶମ ବୋର୍ଡ଼ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରିଛନ୍ତି। ସ୍କୁଲରେ ପଢୁଥିବା ୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରୁଦ୍ରପ୍ରଶନ୍ନ ମହାରଣା ସର୍ବାଧିକ ୯୬ ପ୍ରତିଶତ ମାର୍କ ହାସଲ କରିଥିବା ବେଳେ ଐଶ୍ୱରୀୟା ପ୍ରିୟଦର୍ଶିନୀ ରାଉତ ୯୫.୪ ପ୍ରତିଶତ, ସୈଫୁଲା ଖାନ ୯୫.୨ ପ୍ରତିଶତ, ସୋନମ ମହାନ୍ତି ୯୪. ୪ ପ୍ରତିଶତ, ଆଦିତ୍ୟ ପ୍ରସାଦ ମହାନ୍ତି ୯୪.୨ପ୍ରତିଶତ, ବିଶ୍ୱଜିତ ରାଉତ ଓ ସୁଶ୍ରୀ ସଙ୍ଗୀତା ରାଉତ ଯଥା କ୍ରମେ ୯୩. ୪ ପ୍ରତିଶତ, ମାରଲିନ ସାହୁ ୯୧.୬ପ୍ରତିଶତ, ଭିସେକ କୁମାର ପାତ୍ର ଓ ଅନ୍ୱେଷା ଜେନା ଉଭୟ ୯୧.୪ପ୍ରତିଶତ, ସୋନାକ୍ଷୀ ବିଶ୍ୱାଳ ୯୧.୨ ପ୍ରତିଶତ ଏବଂ ସେହିପରି ରୀସା ମଲ୍ଲିକ ଓ ପ୍ରତିଭା ଘଡ଼ାଇ ଉଭୟ ଯଥା କ୍ରମେ ୯୦ ପ୍ରତିଶତ ମାର୍କ ହାସଲ କରି ପାରିଛନ୍ତି। ଏତ୍‌ତବ୍ୟତୀତ ମୋଟ ୪୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪ ଜଣ ୮୦ ପ୍ରତିଶତ ରୁ ଅଧିକ ମାର୍କ ରଖିଥିବାବେଳେ ସ୍କୁଲର ଶତ ପ୍ରତିଶତ ଛାତ୍ର, ଛାତ୍ରୀ ସଫଳତାର ସହ ପାସ କରିଛନ୍ତି। ଏହି ଅବସରରେ ଭେଙ୍କେଟେଶ୍ୱର ସ୍କୁଲର ଚେୟାରମ୍ୟାନ ସୁଧୀର ମହାନ୍ତିଙ୍କ ଅଧକ୍ଷତାରେ ଏକ ସମର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ଏଥିରେ ନିର୍ଦ୍ଦେଶକ ବ୍ରଜକିଶୋର ପଣ୍ଡା, ଅଧ୍ୟକ୍ଷ ସେଖ ମହମ୍ମଦ ଏର୍ସାଦ, ମେଣ୍ଟର ପ୍ରାଧ୍ୟାପକ ସୁବାସ ନାୟକ, ଶିକ୍ଷୟତ୍ରୀ ସୁପ୍ରତୀ ନାୟକ, ମତୋ +୨ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରସନ୍ନ ମହାରଣା, କାର୍ଯ୍ୟାଳୟ ସହାୟକ ମିଳନ ମହାନ୍ତି ପ୍ରମୁଖ ଯୋଗଦେଇ ୯୦ ପ୍ରତିଶତ ଏବଂ ତତ୍‌ଉର୍ଦ୍ଧ୍ୱ ମାର୍କ ହାସଲ କରିଥିବା ୧୩ ଜଣ ଛାତ୍ରଛାତ୍ରୀଙ୍କୁ ପୁଷ୍ପ ଗୁଚ୍ଛ ଓ ମିଠା ଖୁଆଇ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ।

**ରୋଗୀ କଲ୍ୟାଣ ସମିତି ବୈଠକ**

# ନୂତନ ଡିଏଚ୍‌ଏଚ୍ ସ୍ଥାନାନ୍ତର ନେଇ ଆଲୋଚନା

**ଭଦ୍ରକ,୨୩।୫(ସମିସ)**




ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ରୋଗୀ କଲ୍ୟାଣ ସମିତି ଗଭର୍ଣ୍ଣିଂ ବୈଠକ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ଭଦ୍ରକ ବିଧାୟକ ସୀତାଂଶୁଶେଖର ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲ୍ଲାପାଳ ଦିଲୀପ ରାଉତରାଏ, ଭଦ୍ରକ ପୌରାଧ୍ୟକ୍ଷା ଗୁଲମକୀ ଦଲାୱାଜି ହବିବ, ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଅଶୋକ ବଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧାଂଶୁ ଶେଖର ବଳ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗତ ବର୍ଷକ ତଳୁ ନିର୍ମିତ ହୋଇ କାର୍ଯ୍ୟକ୍ଷମ ହୋଇନଥିବା ଗେଲପୁର ସ୍ଥିତ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିବା ନେଇ ଆଲୋଚନା ହୋଇଥିଲା । ରୋଗୀଙ୍କୁ ଉତମ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ମିତ ହୋଇ ରହିଥିବା ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ନେଇ ପୂର୍ବରୁ ବହୁବାର ଦାବି କରି ଆସୁଥିବା ଭଣ୍ଡାରିପୋଖରୀ ବିଧାୟକ ଶ୍ରୀ ମଲ୍ଲିକ ଉକ୍ତ ପ୍ରସଙ୍ଗକୁ ଉପସ୍ଥାପନ କରି ତୁରନ୍ତ ସ୍ଥାନାନ୍ତର ପାଇଁ ଦାବି ରଖିଥିଲେ। ସେହିଭଳି ଜିଲ୍ଲା

**ଡାକ୍ତର ଅଭାବ ଓ ଡାଇଲେସିସ୍ ବେଡ୍ ବୃଦ୍ଧି ପ୍ରମୁଖ ସମସ୍ୟା**

ମୁଖ୍ୟ ଚିକିତ୍ସାଳୟରେ କିଡ୍‌ନୀ ରୋଗୀଙ୍କ ଡାଇଲିସିସ୍ ବେଡ ୧୧ଥିବା ବେଳେ ଏହି ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ବିଧାୟକ ଶ୍ରୀ ମଲ୍ଲିକ ଦାବି କରିଥିଲେ। ସେହଭଳି ନୂତନ ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ଲାଗି ଜୁନ୍ ମାସ ମାସ ପ୍ରଥମ ସପ୍ତାହ ସୁଦ୍ଧା ସମସ୍ତ ମେଡିକାଲ ଉପକରଣ ଗୁଡିକ ସ୍ଥାନାନ୍ତର କରିବାକୁ ଆଲୋଚନା ହୋଇଥିଲା। ବିଶେଷ କରି ନୂତନ ଡିଏଚ୍‌ଏଚ୍ କାର୍ଯ୍ୟକ୍ଷମ ଲାଗି ଅତ୍ୟାବଶ୍ୟକ ପରିବେଶ ମଞ୍ଜୁରୀ ଓ ଅଗ୍ନି ନିରାପତା ପ୍ରମାଣପତ୍ର ହାସଲ ନେଇ ଆଲୋଚନା ହୋଇଥିଲା। ନୂତନ ଡିଏଚ୍‌ଏଚ୍ କ୍ୟାମ୍ପସରେ ଏକ ଔଷଧୀୟ ବଗିଚା(ହାର୍ବଲ ଗାର୍ଡେନ), ଶିଶୁରୋଗୀଙ୍କ ଲାଗି ପ୍ଲେ ଏରିଆ ସ୍ଥାପନ କରିବାକୁ ମଧ୍ୟ ନିଷ୍ପତି ହୋଇଥିଲା। ସେହିଭଳି ଜିଲ୍ଲାରେ ସରକାରୀ ଡାକ୍ତର ଅଭାବ ସମସ୍ୟା ସହ ନୂତନ ଡିଏଚ୍‌ଏଚ୍‌ରେ ଆଇସିୟୁ ପାଇଁ ଟ୍ରେଣ୍ଡ ଡାକ୍ତର ନିଯୁକ୍ତି ପାଇଁ ସରକାରଙ୍କୁ ପତ୍ର ଲେଖିବାକୁ ସାଂସଦ ଶ୍ରୀ ସେଠୀ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ବରିଷ୍ଠ ଚିକିତ୍ସକ ଡାକ୍ତର ରବିନ୍ଦ୍ରକୁମାର ନାୟକ, ଡିଏମଓ ଡାକ୍ତର ମୀନକେତନ ମହାନ୍ତି, ସଭ୍ୟ ତଥା ଡିଇଓ ଡ.ଜଗବନ୍ଧୁ ସାହୁ, ଏନଏଚ୍‌ଏମ ଡିପିଏମ ବନବିହାରୀ ମିଶ୍ର, ଆସିଷ୍ଟାଣ୍ଟ ଇଂଜିନିୟର ଜନ୍ମଜୟ ଜେନା, ହସ୍ପିଟାଲ ମ୍ୟାନେଜର ସମୀରରଂଜନ ମହାପାତ୍ର ଓ ନିବେଦିତା ନନ୍ଦଙ୍କ ସମେତ ବିଭିନ୍ନ ଲାଇନ୍ ଡିପାଟମେଂଟର ଅଧିକାରୀ ତଥା ସ୍ୱାସ୍ଥ୍ୟ ବିଭାଗ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ରେନ୍‌ଷ୍ଟ୍ରୋକ୍‌ରେ ଛାରଖାର ଲକ୍ଷ୍ମଣଙ୍କ ପରିବାର

# ମୁଣ୍ଡ ଗୁଞ୍ଜିବାକୁ ଛପର; ପଥ୍ୟ ପାଇଁ ନାହିଁ ଅର୍ଥ

**ଯଖପୁରା, ୨୩।୫(ସମିସ)**



ଦୁଃଖ ପରେ ସୁଖ ନିଶ୍ଚୟ ଆସିଥାଏ। ଏହା ସମସ୍ତଙ୍କ କ୍ଷେତ୍ରରେ ଘଟୁଥିଲେ ମଧ୍ୟ ଲକ୍ଷ୍ମଣ କ୍ଷେତ୍ରରେ କେବଳ ଦୁଃଖ ହିଁ ଦୁଃଖ। ଦିନମଜୁରିଆ ଭାବେ ଯାହା କିଛି ରୋଜଗାର କରି ଆଣିଥାନ୍ତି, ତାହା ୯ ପ୍ରାଣୀ କୁଟୁମ୍ବକୁ ବହୁ କଷ୍ଟରେ ଚଳାଇ ଆଣୁଥିବା ଲକ୍ଷ୍ମଣ ଏବେ ସମ୍ପୂର୍ଣ୍ଣ ଭାବେ ପର ଉପରେ ନିର୍ଭର କରୁଛନ୍ତି। ସାତ ଜଣ ଝିଅଙ୍କୁ ନେଇ ଚଳିବା ଲକ୍ଷ୍ମଣ ପାଇଁ ବହୁ କଷ୍ଟ ହେଉଥିଲେ ମଧ୍ୟ କୌଣସି ଦିନ ପର ଆଗରେ ହାତ ପାତି ନଥିଲେ।

ଦିନ ମଜୁରିଆ ଲକ୍ଷ୍ମଣ ଜେନା (୬୧) ପରିବାରର ୯ଜଣଙ୍କ ମୁହଁରେ ଦାନା ଦେବା ପାଇଁ ପ୍ରତିଦିନ ମୂଲମଜୁରି କରି ପରିବାର ପ୍ରତିପୋଷଣ କରିଥାଏ। ସ୍ତ୍ରୀ ସଖି (୫୭) ଓ ସାତୋଟି ଝିଅଙ୍କୁ ନେଇ ଅଳ୍ପ ବହୁତେ ଚଳି ଆସିଥିଲେ। ତେବେ ଗତ ୬ ବର୍ଷ ତଳେ ଲକ୍ଷ୍ମଣ ବ୍ରେନଷ୍ଟ୍ରୋକର ଶିକାର ହୋଇଥିଲା। ସେହିଦିନଠାରୁ ଲକ୍ଷ୍ମଣର ପରିବାର ଉପରେ ଦୁଃଖ ଦାଉ ସାଧିଲା। ସାତ ଝିଅଙ୍କ ମଧ୍ୟରୁ ଚାରି ଜଣଙ୍କ ବିଭାଘର ହୋଇସାରିଥିବା ବେଳେ ଏବେ ଆଉ ତିନୋଟି ଝିଅ ଏହି ବେରୋଜଗରିଆ ବାପ ମୁଣ୍ଡରେ ବୋଝ ହୋଇ ରହିଛନ୍ତି। ନିଜର ଭୋକ ମେଣ୍ଟେଇବାକୁ ଅସମର୍ଥ ଲକ୍ଷ୍ମଣ ଆଉ ତିନି ଝିଅଙ୍କୁ କେମିତି ପୋଷିବ। ସେଥିପାଇଁ ରହିଯାଇଥିବା ତିନି ଝିଅଙ୍କ ମଧ୍ୟରୁ ମାମା (୧୮)କୁ ମାମୁଁ ଘରେ, ତା ତଳ ଝିଅ ପୂର୍ଣ୍ଣିମା (୧୩)କୁ ପିଉସୀ ଘରେ ଓ ସାନ ଝିଅ (୧୦)କୁ ନିଜ ପାଖରେ ରଖିଛନ୍ତି।

ଲକ୍ଷ୍ମଣଙ୍କ ପେଟ ଭୋକ ଠାରୁ ମୁଣ୍ଡ ଗୋଞ୍ଜିବା ପାଇଁ ଘରଟିଏ ନଥିବାର ଦୁଃଖ ବଳି ପଡ଼ିଛି। ସାଇପଡ଼ିଶା ଠାରୁ ମାଗି ଚଳୁଥିବା ଲକ୍ଷ୍ମଣ ଏବେ ମୁଣ୍ଡ ଉପରେ ଛପର ନ ଥିବାରୁ ସ୍ତ୍ରୀ ଓ ସାନ ଝିଅକୁ ଧରି ଠାକୁର ଘର ବାରଣ୍ଡାରେ ରାତି କାଟୁଛି। ନିଜର ଦୁଇ ବଖରା ମାଟି ଘରର ଛପର ଉଠିଯାଇଥିବାରୁ ଗତବର୍ଷ ମାଗି କରି ତା' ଉପରେ ପ୍ଲାଷ୍ଟିକ ପାଲଟିଏ ପକାଇଥିଲେ। ଯାହା ଏବେ ସମ୍ପୂର୍ଣ୍ଣ ଭାବେ ଖୋଲାପଡ଼ିଛି। ଏବେ ଲକ୍ଷ୍ମଣଙ୍କ ପରିବାରରେ ଥିବା ସଦସ୍ୟଙ୍କ ସଂଖ୍ୟା ୫ଜଣ ଥିବା ବେଳେ, ସାନ ଝିଅର ରାସନ କଟିଯାଇଛି। ଏହା ବ୍ୟତୀତ ଲକ୍ଷ୍ମଣ ଆଉ କୌଣସି ସରକାରୀ ସୁବିଧା ସୁଯୋଗ ପାଇପାରିନାହାନ୍ତି। ଲକ୍ଷ୍ମଣ ଶରୀର ଅସୁସ୍ଥ ହେବା ଦିନଠାରୁ ପ୍ରତିମାସରେ ଔଷଧ ପାଇଁ ଅର୍ଥ ଆବଶ୍ୟକ ପଡୁଛି। କେଉଁ ମାସରେ ଔଷଧ ଆଣୁଛନ୍ତି ତ କେଉଁ ମାସରେ ଅର୍ଥ ଅଭାବରୁ ଔଷଧ ଆଣି ପରୁନାହାନ୍ତି। ୬ ବର୍ଷ ପୂର୍ବରୁ ଲକ୍ଷ୍ମଣଙ୍କୁ ବେନଷ୍ଟ୍ରୋକ ହେବା ଦିନଠାରୁ ସେ ମାନସିକ ଓ ଶାରିରୀକ ଅକ୍ଷମ ହୋଇପଡ଼ିଛନ୍ତି। ଉଜୁଡି ଯାଉଥିବା ପରିବାରକୁ ପ୍ରଶାସନ ପକ୍ଷରୁ କୌଣସି ପ୍ରକାରର ସାହାଯ୍ୟ ମିଳୁନାହିଁ। ପ୍ରଶାସନ ପକ୍ଷରୁ ତୁରନ୍ତ ଲକ୍ଷ୍ମଣଙ୍କ ପରିବାରକୁ ମୁଣ୍ଡ ଗୋଞ୍ଜିବା ପାଇଁ ଘର ସହ ଉଜୁଡ଼ି ଯାଉଥିବା ପରିବାରଟିକୁ ଆର୍ଥିକ ଅନୁଦାନର ବ୍ୟବସ୍ଥା କରାଇବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

## ପାରିବାରିକ କଳହର କରୁଣ ପରିଣତି

# ଜନ୍ମକଲା ପୁଅକୁ ବିକି ଦେଇଛି ମାଆ

**ଯାଜପୁର, ୨୩।୫(ସମିସ):** ପାରିବାରିକ କଳହର କରୁଣ ପରିଣତି ଯୋଗୁଁ ନିଜ ଜନ୍ମକଲା ଛୁଆକୁ ବିକି ଦେଇଛି ମାଆ। ଏଭଳି ସଂଗୀନ ଅଭିଯୋଗ ଆସିବା ପରେ ସମଗ୍ର ଯାଜପୁର ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଯାଜପୁର ବ୍ଲକ ବଡ ସୁଆରଗାଁର ପ୍ରଶାନ୍ତ ପରିଡ଼ା ନିଜ ପତ୍ନୀ ପୂଜାଙ୍କ ମଧ୍ୟରେ ମନମାଳିନ୍ୟ ରହିଥିଲା। ଗତ ୪ ବର୍ଷ ତଳେ ଉଭୟଙ୍କ ମଧ୍ୟରେ ବିବାଦ ଯୋଗୁଁ ଅଲଗା ହୋଇଯାଇଥିଲେ। ତେବେ ପୂଜା ନିଜ ପୁଅକୁ ଅଠର ହଜାର ଟଙ୍କାରେ ବିକ୍ରି କରିଦେଇଥିବା ବାପା ପ୍ରଶାନ୍ତ ଅଭିଯୋଗ କରିଛନ୍ତି। ଏହି ଘଟଣା ଏବେ ଜଣାପଡ଼ିବା ପରେ ଶିଶୁ ପୁତ୍ରକୁ ଫେରାଇ ଆଣିବାକୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଛି। ସେପଟେ ଅଭିଯୋଗକୁ ସ୍ୱୀକାର କରିଛନ୍ତି ମା' ପୂଜା। ଏ ନେଇ ପରିବାର ଲୋକ ଯାଜପୁର ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କଲାପରେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ କରିବାକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତିକୁ ନିର୍ଦ୍ଦେଶ ଦେବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ସମୟରେ ପାରିବାରିକ ବିବାଦ ଓ ଅଭାବ ଅନଟନ ଯୋଗୁଁ ଏଭଳି ପିଲା ବିକ୍ରି ହୋଇଥିବା ଜଣାପଡ଼ିଛି। ତେବେ ନିଖୋଜ ପିଲାକୁ ଉଦ୍ଧାର କରିବା ପ୍ରଶାସନ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି।

# ନକଲି ମୃଦୁ ପାନୀୟ କାରବାର ବୃଦ୍ଧି

**କଁୟାଗୋଲା, ୨୩।୫(ସମିସ):** ଜିଲ୍ଲାର ପ୍ରାୟ ସମସ୍ତ ଗ୍ରାମାଞ୍ଚଳରୁ ସହର ପର୍ଯ୍ୟନ୍ତ ମୃଦୁ୍ୟ ପାନୀୟ କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଯାହା ନାମୀଦାମୀ କମ୍ପାନୀ ସହ ନକଲି କମ୍ପାନୀର ମୃଦୁ୍ୟ ପାନୀୟ ବିଭିନ୍ନ ସ୍ଥାନରେ ମିଳୁଛି। ବ୍ରାଣ୍ଡ କମ୍ପାନୀର ମୃଦୁ୍ୟ ପାନୀୟ ଠାରୁ ନନ୍‌ବ୍ରାଣ୍ଡ କମ୍ପାନୀ ମୃଦୁ୍ୟ ପାନୀୟ କମ୍ ଦାମରେ ମିଳୁଥିବା ତଥା ମନଲୋଭା ପ୍ୟାକିଂ ପାଇଁ ଗ୍ରାହକ ମାନେ ଅଧିକ ପସନ୍ଦ କରୁଛନ୍ତି। ନନ୍ ବ୍ରାଣ୍ଡ ପାନୀୟ ସର୍ବାଧିକ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଖାଦ୍ୟ ସୁରକ୍ଷା ଅଧିକାରୀମାନେ ମାନ ଯାଞ୍ଚ ନିମନ୍ତେ ବଜାରକୁ ଆସୁ ନ ଥିବାରୁ ଦିନକୁ ଦିନ ଏହି ନକଲି ମୃଦୁ ପାନୀୟ ଏହାର ବ୍ୟବସାୟ କାୟା ବିସ୍ତାର କରିସାରିଛି। ଗ୍ରୀଷ୍ମ ପ୍ରବାହରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଶୋଷ ମେଣ୍ଟାଇବା ପାଇଁ ବଜାରରେ ମିଳୁଥିବା ପାଣି ପାଉଚ ଓ ପାଣି ବୋତଲ ସହ ନନ୍ ବ୍ରାଣ୍ଡର ମୃଦୁ୍ୟ ପାନୀୟ ମାଧମ ସାଜିଛି। ଏଗୁଡିକ କେତେ ବିଶୁଦ୍ଧ ତାହା କେହି ଜାଣି ନାହାଁନ୍ତି। ଆବାଳବୃଦ୍ଧ ବନିତା ଏହି ମୃଦୁ୍ୟ ପାନୀୟ ପିଇ ଅଜାଣତରେ ନାନା ରୋଗରେ ପୀଡ଼ିତ ହେଉଛନ୍ତି। ଜନସାଧାରଣ ପାଣି ପାଉଚ ଓ ପାଣି ବୋତଲ ବା ମୃଦୁ୍ୟ ପାନୀୟ କିଣିବା ବେଳେ ଏହାର ପ୍ୟାକିଙ୍ଗ୍ ତାରିଖ ଓ ଏକ୍ସପ୍ୟାରି ତାରିଖ କୁ ନଜର କରି ନଥାଆନ୍ତି। ବାସ୍ତବ ପକ୍ଷେ ଉପଯୁକ୍ତ ଯାଞ୍ଚ ସହ ଗୁଣବତ୍ତା ପରୀକ୍ଷା କରାଯାଉ ନ ଥିବାରୁ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଏହା ପିଇବା ଯୋଗ୍ୟ କି ନୁହେଁ ତାହାର ମାନ ଯାଞ୍ଚ କରାଯାଉ ନାହିଁ। କୌଣସି ବ୍ୟବସାୟ ପ୍ରତିଷ୍ଠାନରେ ଖାଦ୍ୟ ପାନୀୟ ଯାଞ୍ଚ ଅଧିକାରୀମାନେ ଯାଞ୍ଚ କରାଯାଉ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। କେବଳ ମୃଦୁ୍ୟ ପାନୀୟ କାହିଁକି ନିମ୍ନମାନର ପାଣି ପାଉଚ୍ ଓ ପାଣି ବୋତଲ ଜୋର୍ ସୋର୍ ବିକ୍ରି ହେଉଛି। ଏହାକୁ ପିଇ ପରୋକ୍ଷ ଭାବେ ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବେନିୟମରେ ପାନୀୟଜଳ ବ୍ୟବସାୟୀଙ୍କ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ତ୍ରିରଙ୍ଗା ଯାତ୍ରାରେ ପଦାରେ ପଡ଼ିଲା ଦଳୀୟ କନ୍ଦଳ



**ବରୀ, ୨୩।୫(ସମିସ):** ଶୁକ୍ରବାର ବିଜେପି ନେତା ଉମେଶ ଜେନାଙ୍କ ନେତୃତ୍ୱରେ ବରୀ ମାଉଣ୍ଟ ଠାରୁ ମାତୃମଙ୍ଗଳ କେନ୍ଦ୍ର ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କିନ୍ତୁ ଏହି କାର୍ଯ୍ୟକ୍ରମରେ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା ପ୍ରାକ୍ତନ ବିଧାୟିକା ସୁନନ୍ଦା ଦାସ, ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ସମ୍ପାଦକ ବିବେକାନନ୍ଦ ଜେନାଙ୍କ ସମେତ ବିଜେପି ସମର୍ଥିତ ବହୁ ସରପଞ୍ଚ ଓ ସମିତି ସଭ୍ୟ ଯୋଗ ଦେଇନଥିବାରୁ ଦଳୀୟ କନ୍ଦଳ ପଦାରେ ପଡ଼ିଛି ବୋଲି ସାଧାରଣରେ ଆଲୋଚନା ହେଉଛି। କାର୍ଯ୍ୟକ୍ରମରେ ବରୀ ବିଜେପିର ଆଗ ଧାଡ଼ିର ନେତାମାନେ ଯୋଗ ନ ଦେବା ଘଟଣା ଆଗାମୀ ଦିନରେ ବିଜେପି ପାଇଁ କ୍ଷତିକାରକ ହେବ ବୋଲି ରାଜନୈତିକ ସମୀକ୍ଷକ ମାନେ ମତ ବ୍ୟକ୍ତ କରିଛନ୍ତି।

# ରବି ଧାନ କ୍ରୟ ନିମନ୍ତେ ଗଡ଼ିଲା ରଥ



**ଯାଜପୁର, ୨୩।୫(ସମିସ):** ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ରବିଧାନ ସଂଗ୍ରହ ନିମନ୍ତେ ନିୟନ୍ତ୍ରିତ ବଜାର କମିଟି, ଯାଜପୁର ଆନୁକୂଲ୍ୟରେ ଜିଲ୍ଲାର ଚାଷୀମାନଙ୍କ ସଚେତନତା ନିମନ୍ତେ ପ୍ରଚାର ରଥକୁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁ ପତାକା ଦେଖାଇ ଶୁଭ ଉଦଘାଟନ କରିଛନ୍ତି। ଜିଲ୍ଲାରେ ରବି ଧାନ କ୍ରୟ ନିମନ୍ତେ ୨୬ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୧୩ଟି ମହିଳା ସ୍?ୟଂ ସହାୟକ ଗୋଷ୍ଠୀ ନିୟୋଜିତ ହୋଇଛନ୍ତି। ରବିଧାନ ବିକ୍ରୟ ପାଇଁ ଜିଲ୍ଲାରେ ୫୬୪୦ ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ଆସନ୍ତା ୨୮ ତାରିଖରୁ ଜୁନ ମାସ ୩୦ ତାରିଖ ପର୍ଯ୍ୟନ୍ତ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯିବ। ଏହି କାର୍ଯ୍ୟକ୍ରମରେ ନିୟନ୍ତ୍ରିତ ବଜାର କମିଟି ସେକ୍ରେଟାରୀ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଭୂଅର୍ଜନ ଅଧିକାରୀ ସାହେବରାମ ବାସ୍କେ, ନିୟନ୍ତ୍ରିତ ବଜାର କମିଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ଝିଅ ମୃତ; ବାପା ଗୁରୁତର

**ସୁକିନ୍ଦା, ୨୩।୫(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଗ୍ରାମରେ ସାପ କାମୁଡାରେ ଝିଅର ମୃତ୍ୟୁ ଘଟିଥିବା ବେଳେ ବାପା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମରେ ବାପ ବୃନ୍ଦାବନ ବେହେରା(୪୬) ଓ ତାଙ୍କ ଝିଅ ପ୍ରଭାସିନୀ ବେହେରା (୧୭) ଗୁରୁବାର ବିଳମ୍ବିତ ରାତିରେ ଘରେ ଶୋଇଥିବା ସମୟରେ ସାପ କାମୁଡି ଦେଇଥିଲା। ଉଭୟଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଉଭୟଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଶୁକ୍ରବାର ଦିନ ସକାଳୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ପ୍ରଭାସିନୀର ମୃତ୍ୟୁ ଘଟିଥିବା ବେଳେ ବାପା ବୃନ୍ଦାବନ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ସିଂହପୁର, ୨୩।୫(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ନଛିପୁର ଗ୍ରାମର ଶିକ୍ଷକ ମନୋରଞ୍ଜନ ସାହୁଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ସ୍ମୃତିଚାରଣ ସଭା ଓ ସ୍ମରଣିକା ପୁସ୍ତକେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପଦ୍ମାକର ଗୁରୁଙ୍କ ସଭାପତତ୍ୱରେ ଶିକ୍ଷାବିତ୍ ବିଜୟ କୁମାର ନାୟକ, ଅନ୍ନଦା ପ୍ରସାଦ ରଣା, ପୁରୁଷୋତ୍ତମ ବେହେରା, ବାଦଲ ରାୟ, ପ୍ରମୋଦ କୁମାର ସାମଲ, ରବି ନାରାୟଣ ମହାନ୍ତି, ନିରଞ୍ଜନ ଦାସ, ନାରାୟଣ ଚନ୍ଦ୍ର ଦାସ, ରମାକାନ୍ତ ନାୟକ, ବସନ୍ତ ସାହୁ, ରବୀନ୍ଦ୍ର ପଣ୍ଡା, ମେଘନଥ ମହାଳିକ, ଅର୍ଜୁନ ଚରଣ ଦାସ, ସୁଲୋଚନା ରାୟ, ସରୋଜ କୁମାର ମଲ୍ଲିକ, ରତ୍ନାକର ସାହୁ, ଅଜୟ କୁମାର ସେଠୀ, ଭାରତ ଭୁଷଣ ମଲ୍ଲିକ, ପ୍ରତିଜ୍ଞା ସାହୁ, ଭାଗ୍ୟଶ୍ରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସହକର୍ମୀ ମନୋଜ କୁମାର ମହାଳିକ, ଯୁଗଳ କିଶୋର ନାୟକ, ତ୍ରିଲୋଚନ ଓଝା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିକ୍ଷକ ମନୋଜ ମହାଳିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଅସୁରକ୍ଷିତ କୁଆଖିଆ-ଯାବରା ରୋଡ଼

**କୁଆଖିଆ, ୨୩।୫(ସମିସ):** ଲଘୁ ଖଣିଜ ସମ୍ପଦ ଲୁଟ୍‌ରେ ଲଗାମ୍ ନଥିବା ବେଳେ ମାଫିଆମାନେ ସକ୍ରିୟହେଇଥିବା ଦେଖାଦେଇଛି। ଯାହାଫଳରେ ସାଧାରଣ ଲୋକଙ୍କ ଜୀବନଯାତ୍ରାରେ ସଙ୍କଟ ଦେଖାଦେଇଛି। ଏହାର ଉଦାହରଣ ଦେଖିବାକୁ ମିଳୁଛି କୁଆଖିଆ-ଯାବରାରୋଡ୍‌ରେ ବୁହାଯାଉଥିବା ଶହଶହ ଟ୍ରିପ୍ ବାଲି ଚାଲାଣରୁ। ଏହି ରାସ୍ତାଟି ଏକ ଜନବହୁଳ ଓ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ବେଳେ ପ୍ରତ୍ୟେକ ଦିନ ସକାଳରୁ ରାତି ପାହିବା ଯାଏ ଓଭରଲୋଡିଂ ହାଇୱା ଏବଂ ଟ୍ରକ୍ ଯୋଗେ ବାଲିବୁହା ଚାଲିଛି। ସୂଚନାନୁଯାୟୀ, ରସୁଲପୁର ତହସିଲ ଅଧୀନ ଯାବରା, ନୁଆହାଟ, କଣ୍ଠିଆକଣ, ଟିକରପଡ଼ା, କୁଜିବରଜ ପରି ଅନେକ ବେନିଲାମ୍ ବାଲି ଖାଦାନମାନଙ୍କରୁ ବାଲି ମାଫିଆ ମାନେ ମେସିନ ସହାୟତାରେ ବାଲି ଉତ୍ତୋଳନ କରି ବାହାରକୁ ଚାଲାଣ କରୁଥିବା ଦେଖାଯାଉଛି। ବର୍ତ୍ତମାନ ଉକ୍ତ ରାସ୍ତାର ସମ୍ପ୍ରସାରଣ କାମ ଚାଲୁଥିବା ବେଳେ ବାଲି ଗାଡ଼ିଗୁଡ଼ିକ ରାସ୍ତା ପ୍ରତି ବିପଦ ସଂକେତ ସୃଷ୍ଟି କରୁଛି। ଏପରିକି ମେଡିକାଲ, ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ଲୋକଙ୍କ ଗମନାଗମନରେ ବାଧାପ୍ରାପ୍ତ ହେଉଥିବା ଦେଖାଦେଇଛି। ରାସ୍ତା ନିର୍ମାଣ ସକାଶେ ଗାଡ଼ି ଗୁଡ଼ିକ ମୁଖ୍ୟ ରାସ୍ତାରେ ନଯାଇ ମଧୁବନ ରୋଡ଼ ବାଇପାସ୍‌ରେ ଯାଉଥିଲେ ହେଁ ଓଭରଲୋଡ୍ ହାଇୱା ଗଡ଼ଡିକ ଯାତାୟାତ ଯୋଗୁଁ କଂକ୍ରିଟ୍ ରାସ୍ତା ଫାଟିଯିବା ଦେଖାଦେଇଛି। ତେବେ ଏହି ବେଆଇନ ବାଲି ଚାଲାଣକୁ ରୋକିବା ପାଇଁ ବୁଦ୍ଧିଜୀବୀ ଓ ସାଧାରଣରେ ଦୃଢ଼ ଦାବି ହୋଇଛି।



# ସୁକିନ୍ଦାକୁ ଅଶାନ୍ତ କରୁଛି ନକଲି ଫେସ୍‌ବୁକ୍ ଆଇଡି

**କୁହିକା, ୨୩।୫(ସମିସ):** ଗତ ସାଧାରଣ ନିର୍ବାଚନ ପରଠାରୁ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ରାଜନୈତିକ ମାହୋଲ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ପ୍ରତ୍ୟେକ ରାଜନୈତିକ ଦଳ ଅନ୍ୟ ରାଜନୈତିକ ଦଳକୁ ଆକ୍ଷେପ ଓ ପ୍ରତି ଆକ୍ଷେପ କରିବାରେ ଲାଗିଛନ୍ତି। ବିଶେଷ କରି ସାମାଜିକ ଗଣମାଧ୍ୟମରେ ଆକ୍ରମଣ ଓ ପ୍ରତିଆକ୍ରମଣ ଜାରି ରଖିଛନ୍ତି। ଏଥିପାଇଁ ପ୍ରତ୍ୟେକ ଗୋଷ୍ଠୀ ନକଲି ଆଇଡି ସହାୟତା ନେଇଥିବା ଦେଖିବାକୁ ମିଳିଛି। ଏହି ଆଇଡି ମାଧ୍ୟମରେ ଗାଳିଗୁଲଜ ଏବଂ ପରବର୍ତ୍ତି ସମୟରେ ଏହାକୁ ନେଇ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହେଉଛି। ସାମାଜିକ ଗଣମାଧ୍ୟମରେ ଫେକ୍ ଆଇଡି ଜରିଆରେ ଅନ୍ୟର ଚରିତ୍ର ସଂହାର ହେଉଛି। ବାଦ ବିବାଦ, ତର୍କ, ବିତର୍କ ମଧ୍ୟରେ ଶାନ୍ତି ପ୍ରିୟ ମାଟିକୁ କିଛି ବ୍ୟକ୍ତି ଫେକ୍ ଆଇଡି ଜରିଆରେ ଅଶାନ୍ତ ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। କୁହିକା ଅଞ୍ଚଳର ଜନୈକ ଯୁବକ କିଛି ସହଯୋଗୀ ସାଥିଙ୍କ ଜରିଆରେ ଏକାଧିକ ଫେକ୍ ଆଇଡି ଖୋଲି ସାମାଜିକ ଗଣମାଧ୍ୟମ (ଫେସବୁକ)ରେ ଅନ୍ୟର ଚରିତ୍ର ସଂହାର କରୁଥିବା ଅଭିଯୋଗ ହେଉଛି। କିଛି ବ୍ୟକ୍ତି ନିଜର ରାଜନୈତିକ ଅଭିସନ୍ଧିକୁ ଚରିତାର୍ଥ କରିବାକୁ ଏଭଳି ଫେକ୍ ଆଇଡି ଖୋଲି ପ୍ରତ୍ୟେକ ରାଜନୈତିକ ଦଳର ମୁଖ୍ୟ ଏବଂ ସେମାନଙ୍କ ପ୍ରମୁଖ ସହଯୋଗୀମାନଙ୍କ ବିରୋଧରେ ଚରିତ୍ର ସଂହାର କରିଛନ୍ତି। ଏପରିକି ଏହି ଗୋଷ୍ଠୀ ସମ୍ମାନହାନି ହେବା ଭଳି ପୋଷ୍ଟ ମଧ୍ୟ କରୁଛନ୍ତି। ବାଦ ବିବାଦ ସୃଷ୍ଟି କରି ଗୋଷ୍ଠୀ ସଂଘର୍ଷ ପାଇଁ ଉସୁକାଇବା ଭଳି ବିବାଦୀୟ ପୋଷ୍ଟ କରି ଆସୁଛନ୍ତି। ଏଥିପ୍ରତି ସ୍ଥାନୀୟ ପୁଲିସ, ପୁଲିସ ପ୍ରଶାସନ, ସାଇବର ଅପରାଧ ନିୟନ୍ତ୍ରଣ କର୍ତ୍ତୃପକ୍ଷ, ପୁଲିସ ମହାନିର୍ଦ୍ଦେଶକ, ରାଜ୍ୟ ଗୃହ ବିଭାଗ ସଚିବ, ରାଜ୍ୟ ଆଇନ ଓ ଗୃହ ବିଭାଗ ମନ୍ତ୍ରୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଅବିଳମ୍ବେ ହସ୍ତକ୍ଷେପ କରି ଫେକ୍ ଆଇଡି ଚାଳକଙ୍କୁ ଚିହ୍ନଟ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି ହୋଇଛି।

# ମୋବାଇଲ୍ ଭ୍ୟାନ୍‌ରେ ଆଇନ୍ ସେବା ପ୍ରଦାନ

**ଭଦ୍ରକ, ୨୩।୫(ସମିସ):** ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ତରଫରୁ ନିୟୋଜିତ ହୋଇଥିବା ମୋବାଇଲ୍ ଭ୍ୟାନ୍‌କୁ ପୁଣ୍ୟ ଶ୍ଲୋକ ରଥ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ଗତ ୨୨ତାରିଖରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ପରିପ୍ରେକ୍ଷୀରେ ଆଇନ୍‌ଜୀବିଙ୍କ ସମେତ ପିଏଲ୍‌ଭି ଏଲ୍ଏ ଡିଏସଏସର କର୍ମକର୍ତ୍ତା ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର କର୍ମଚାରୀଗଣ ଉପସ୍ଥିତ ରହିଥିଲେ। ଏହି ମୋବାଇଲ ଭ୍ୟାନ୍‌ଟି ଭଦ୍ରକ ଜିଲ୍ଲାରେ ଚୁନିଦା, ଅର୍ଣ୍ଣପାଳ, ଅସୁରାଳି, ସହିଦନଗର ସମେତ ଚାନ୍ଦବାଲିରେ କିଛି ଅଞ୍ଚଳ ଯଥା ଉଗ୍ରତାରା, ଦିଗଛିଆ, ଜଳେଶ୍ୱରପୁର, ଜସିପୁର ଏବଂ ଧାମରା ଇତ୍ୟାଦି ସ୍ଥାନମାନଙ୍କୁ ବୁଲି ଲୋକମାନଙ୍କ ଭିତରେ ଆଇନ୍ ସଚେତନତା ସୃଷ୍ଟି କରିବା ସହ ଆଇନ୍ ପ୍ରାଧିକରଣର ଭୂମିକା ସମ୍ପର୍କରେ ଅବଗତ କରାଇଥିଲେ।

# ରୋଟାରୀ କ୍ଲବ ତରଫରୁ ତ୍ରିରଙ୍ଗା ରାଲି




**ଯାଜପୁର ଟାଉନ, ୨୩।୫(ସମିସ):** ଅପରେସନ ସିନ୍ଦୁରର ପ୍ରଚାର ପ୍ରସାର ପାଇଁ ଏବଂ ଭାରତର ବୀର ସୈନିକ ମାନଙ୍କୁ ସମ୍ମାନ ଜଣାଇ ଏକ ବିଶାଳ ତ୍ରିରଙ୍ଗା ରାଲି ର ଆୟୋଜନ କରାଯାଇଥିଲା। ଏହି ରାଲି ଯାଜପୁର ଜଗନ୍ନାଥ ମନ୍ଦିର ଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଚାଲିଥିଲା। ଏହି ରାଲିରେ ସହରର ବହୁ ଜନସାଧାରଣ, ବୁଦ୍ଧିଜୀବୀ, ଛାତ୍ର ନେତା, ସାମ୍ବାଦିକ ଏବଂ ଯାଜପୁର ରୋଟାରୀ କ୍ଲବ ବହୁ ସଦସ୍ୟ ଭାଗ ନେଇଥିଲେ। ରୋଟାରୀ କ୍ଲବ ପକ୍ଷରୁ ଡ. ଉଦୟନାଥ ମାଝୀ, ସୁଶାନ୍ତ ସାମଲ, ବଳରାମ ମହାନ୍ତି, ନନ୍ଦ କିଶୋର ସାହୁ, ଶରତ ରାୟ, ପ୍ରଶାନ୍ତ ଦାସ, ଅନିଲ କୁ ମହାନ୍ତି, ସୁରେଶ ଦାସ ଏବଂ ସୂର୍ଯ୍ୟମଣି ରାଉତ ପ୍ରଭୃତି ତ୍ରିରଙ୍ଗା ଧରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

# ସଂଗ୍ରାମୀ ଦାୟଦଙ୍କ ପରଲୋକ

**ବାରିକପୁର, ୨୩।୫(ସମିସ) :**ଭଣ୍ଡାରିପୋଖରୀ ବ୍ଲକ ପରିପୁର ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଫକୀର ଜେନାଙ୍କ ପୁତ୍ରବଧୂ କୁସୁମ ଜେନାଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ଜଣେ ପରୋପକାରୀ, ଧର୍ମପରାୟଣ, ମିଷ୍ଟଭାଷୀ ମହିଳା ଥିଲେ। ସେ ମଧ୍ୟ ସଂଗ୍ରାମୀ କମିଟିର ଆଜୀବନ ସଦସ୍ୟା ଥିଲେ। ତାଙ୍କ ମୃତ୍ୟୁରେ ବୋହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦ ତଥା ବିଶିଷ୍ଟ ବ୍ୟକ୍ତି ମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଗାଁ ମଶାଣିରେ ପାର୍ଥିବ ଶରୀର ଶେଷ କୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତ୍ର କୈଳାସ ଜେନା ମୁଖାଗ୍ନି ଦେଇଛନ୍ତି।

## କାଣି ନଦୀବନ୍ଧ ପଥର ପ୍ୟାକିଂରେ ଅନିୟମିତତା

# ବିନା ଫଳକରେ ଚାଲଛି ପ୍ରକଳ୍ପ

**ପ୍ରିତିପୁର, ୨୩।୫(ସମିସ)**



ବିଞ୍ଝାରପୁର ବ୍ଲକ ସଂଲଗ୍ନ ତଥା ବରୀ ବ୍ଲକର ଅଗାଲୋ ପଞ୍ଚାୟତ ଅନ୍ତର୍ଗତ ଅରିଲୋ ଗ୍ରାମ ଦେଇ ପ୍ରବାହିତ ହେଉଥିବା କାଣୀ ନଦୀବନ୍ଧର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ଦ୍ୱାରା ଏକ ପ୍ରକଳ୍ପ କାର୍ଯ୍ୟ କରାଯାଉଛି। ହେଉଥିବା ନଦୀବନ୍ଧ ସମ୍ପ୍ରସାରଣ ଓ ପଥର ପ୍ୟାକିଂକୁ ନେଇ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଆଳି ଜଳସମ୍ପଦ ଡିଭିଜନ ଅଧୀନ ମଧୁସୂଦନପୁର ଠାରେ ଥିବା ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପଟିର କାର୍ଯ୍ୟ କରାଯାଉଛି। ଏହାର ଠିକାଦାର ଭାବରେ ସମ୍ବିତ ତ୍ରିପାଠୀ ରହିଥିବା କଥା ଅଫିସିଆଲ କାଗଜପତ୍ରରେ ଜଣା ଯାଇଥିବା ବେଳେ ଏହାକୁ ଏକାଧିକ ଯୁବକ ସବ୍‌ଲେଟ ଭାବରେ ନେଇ କାମ କରୁଛନ୍ତି। ପ୍ରକଳ୍ପଟିର ଅଟକଳ ମୂଲ୍ୟ ୧କୋଟି ୯୮ଲକ୍ଷ ୫୬ହଜାର ୭୯୨ଟଙ୍କା ବୋଲି ଜଣାଯାଇଛି। ତେବେ ସୂଚନା ଫଳକରେ ନଦୀ ବନ୍ଧର ସମ୍ପ୍ରସାରଣ ଓ ନଦୀତଟର ସୁରକ୍ଷା ନିମନ୍ତେ ନିର୍ମାଣର ସ୍ତର (କନଷ୍ଟ୍ରକସନ ଡିଟେଲ୍ସ) ସମ୍ପର୍କରେ କୌଣସି ସୂଚନା ସର୍ବସାଧାରଣ କରାଯାଇନାହିଁ। ଭାରପ୍ରାପ୍ତ କନିଷ୍ଠ ଯନ୍ତ୍ରୀଙ୍କ ସୂଚନା ମତେ ଫଳକଟି ପ୍ରକଳ୍ପର ଜିରୋପଏଣ୍ଟରେ ଲଗାଯାଇଥିଲା। ବିନା ଫଳକରେ କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ଭାରପ୍ରାପ୍ତ ଜେଇଙ୍କୁ ପ୍ରଶ୍ନକରିବାରୁ ଆଜି ତରବରିଆ ଭାବରେ ଏହାକୁ ପୂର୍ବରୁ ପୋତାଯାଇଥିବା ସ୍ଥାନରୁ ଅପସାରିତ କରାଯାଇ ଅନ୍ୟ ଏକ ସ୍ଥାନରେ ଲଗାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଘଟଣା ସମ୍ପର୍କରେ ମଧୁସୂଦନପୁର ଜଳସମ୍ପଦ ସେକ୍ସନର ଜେଇ. ଇଂ. ଚିତ୍ତରଞ୍ଜନ ପଣ୍ଡାଙ୍କୁ ପ୍ରକଳ୍ପ ସମ୍ପର୍କରେ ପଚାରିବାରୁ ସେ ପ୍ରକଳ୍ପଟିରେ କୌଣସି ଅନିୟମିତତା ହୋଇ ନଥିବା କଥା କହିଛନ୍ତି।

# ମଙ୍ଗଳପୁରରେ ତ୍ରିରଙ୍ଗା ଶୋଭାଯାତ୍ରା

**ମଙ୍ଗଳପୁର, ୨୩।୫(ସମିସ):** ଭାରତୀୟ ସେନାର ଅପରେସନ ସିନ୍ଦୁରର ଐତିହାସିକ ସଫଳତା ପାଇବା ପରେ ଆଜି ଦଶରଥପୁର ବ୍ଲକ ବିଜେପି ପକ୍ଷରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜନସାଧାରଣ କନିକାପଡ଼ା ପଞ୍ଚାୟତ ଅଫିସ ନିକଟରୁ ଶୋଭାଯାତ୍ରାରେ ବାହାରି ମଙ୍ଗଳପୁର ବଜାର ପରିକ୍ରମା କରି ଥାଲକୁଡ଼ି ଡାକବଙ୍ଗଳା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ଯାଇଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଗୌତମ ରାୟ, ବିଞ୍ଝାରପୁରର ନାରୀନେତ୍ରୀ ବବିତା ମଲ୍ଲିକ, ଦଶରଥପୁର ବ୍ଲକର ବରିଷ୍ଠ ବିଜେପି ନେତା ସୁବାସ ମହାନ୍ତି, ମଙ୍ଗଳପୁର ପଞ୍ଚାୟତର ସମିତିସଭ୍ୟା ସରିତା ପଣ୍ଡା, ୬ ନମ୍ବର ଜୋନର ପୂର୍ବତନ ମଣ୍ଡଳ ସଭାପତି ଶଶଧର ବେହୁରିଆ, ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ, ୬ନମ୍ବର ଜୋନ୍ ବିଜେପି ମଣ୍ଡଳ ସଭାପତି ପତିତପାବନ ମହାନ୍ତି, ବରିଷ୍ଠ ନେତା ଅଭିମନ୍ୟୁ ମହାନ୍ତି, ପ୍ରମୋଦ କୁମାର ପଣ୍ଡା, ଚିତ୍ତରଞ୍ଜନ ସାମଲ ସମେତ ମହିଳା ସ୍ୱୟଂସହାୟିକା ଗୋଷ୍ଠୀର ମା' ଓ ଭଉଣୀ, ମଙ୍ଗଳପୁର ଅବସରପ୍ରାପ୍ତ ସେନା କର୍ମଚାରୀ ସଂଘର ଯବାନ, ମଙ୍ଗଳପୁର ବଜାର କମିଟି, ମଙ୍ଗଳପୁର ମହତାବ ହାଇସ୍କୁଲର ଏନ୍‌ସିସି ଛାତ୍ରଛାତ୍ରୀ ପ୍ରମୁଖ ହାତରେ ଜାତୀୟ ପତାକା ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଶେଷରେ ଅବସରପ୍ରାପ୍ତ ସେନା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିନା ପର୍‌ମିଟ୍ ଘରୋଇ ବସ୍; ଆର୍‌ଟିଓ ପକ୍ଷରୁ ଜରିମାନା

ରାମଚନ୍ଦ୍ରପୁର, ୨୩।୫(ସମିସ): ବିନା ପରମିଟ୍‌ରେ ଦୀର୍ଘଦିନ ହେଲା ଚାଲୁଛି ଘରୋଇ ବସ। ଲୋକଙ୍କ ଜୀବନ ସହ ଖେଳୁଛି ଖେଳ। ଓଡି୦୨ସି ୦୦୪୫ ନମ୍ବର ଥିବା 'ନାୟକ' ନାମକ ଏକ ଘରୋଇ ବସ ଭୁବନରୁ କରଞ୍ଜିଆ ରରୁଆଁ ପର୍ଯ୍ୟନ୍ତ ପରମିଟ୍ ଥିବା ସତ୍ତ୍ୱେ ଏହାକୁ




ଅବମାନନା କରି ଉକ୍ତ ଘରୋଇ ବସଟି ଦୈନିକ ଭୁବନେଶ୍ୱରରୁ ଭାୟା ଆନନ୍ଦପୁର ଠାକୁରମୁଣ୍ଡା ଦେଇ ରରୁଆଁ କରଞ୍ଜିଆ ପର୍ଯ୍ୟନ୍ତ ବେଆଇନ ଭାବେ ଯିବା ଆସିବା କରୁଛି। କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଟ୍ରାଫିକ୍ ଇନ୍ସପେକ୍ଟର ସୁକୁମାର ସୋରେନ ଶୁକ୍ରବାର ହସନପୁର ଟୋଲପ୍ଲାଜା ନିକଟରେ ବସଟିକୁ ଅଟକାଇ ତା'ର ପରମିଟ୍ ଯାଞ୍ଚ କରିଥିଲେ। ବସର କର୍ମଚାରୀ ଏବଂ ଯାତ୍ରୀଙ୍କୁ ପଚରାଉଚରା କରିବା ପରେ ଘରୋଇ ବସଟି ବିନା ପରମିଟରେ ନିଜ ଗନ୍ତବ୍ୟସ୍ଥଳରୁ ନବାହାରି ବେଆଇନ ଭାବେ ଅନ୍ୟତ୍ର ଯିବା ଆସିବା କରୁଥିବା ନେଇ ଜଣାପଡ଼ିବା ପରେ ବସରେ ଥିବା ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଅନ୍ୟ ଏକ ବସ ଯୋଗେ ପଠାଇ ଉକ୍ତ ବସଟିକୁ ସ୍ଥାନୀୟ ସାଇଁକୁଳ ଫାଣ୍ଡିର ଜିମା ଦେଇଛନ୍ତି। ଉକ୍ତ ଘରୋଇ ବସଟି ଦୀର୍ଘ ଦିନ ହେଲା ଯାତ୍ରୀଙ୍କ ଜୀବନ ସହ ଖେଳି ଜାତୀୟ ରାଜପଥରେ ବିନା ପରମିଟରେ ଯିବା ଆସିବା କରି ପୂର୍ବରୁ ୩ ଥର ଜରିମାନା ମଧ୍ୟ ଦେଇଥିବା ଜଣାପଡ଼ିଛି। ୫ଦିନ ତଳେ ଉକ୍ତ ବସ କରଞ୍ଜିଆ ଥାନାରେ ଭିସିଆରରେ ରହିଥିବା ମଧ୍ୟ ଜଣାପଡ଼ିଛି। ବର୍ତ୍ତମାନ ସାଇଁକୁଳ ଫାଣ୍ଡିରେ ବସଟି ରହିଥିବା ଦେଖିବାକୁ ମିଳିଛି।

ଚମ୍ପୁଆ ଏନ୍‌ଏସି

# ଶୁଖିଲା ବୈତରଣୀ; ଜଳକଷ୍ଟ ଭୋଗୁଛନ୍ତି ଏନ୍‌ଏସିବାସୀ








ଚମ୍ପୁଆ, ୨୩।୫(ସମିସ): ବୈତରଣୀ ନଦୀ ଶୁଖିଲା ପଡ଼ିଥିବାରୁ ଚମ୍ପୁଆ ଏନ୍‌ଏସିରେ ପାନୀୟଜଳ ସମସ୍ୟା ଆରମ୍ଭ ହୋଇଗଲାଣି। ପୂର୍ବରୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ଓମ୍‌ବାଡସି ପକ୍ଷରୁ ଗୋଧୂଳି ମୌଜାରେ ୨୦୨୨ ମସିହାରେ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ସମୃଦ୍ଧି ବିକାଶ ପକ୍ଷରୁ ଚମ୍ପୁଆ ବିଜ୍ଞପିତ ଅଞ୍ଚଳ ପରିଷଦରେ ଜଳଯୋଗାଣର ଉନ୍ନତିକରଣ କେନ୍ଦୁଝର ଜନସ୍ୱାସ୍ଥ୍ୟ ଖଣ୍ଡ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ୮୦୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇ ୧୦ ହଜାର ୩୧୧ ଜନସଂଖ୍ୟା ବିଶିଷ୍ଟ ୧୩ଟି ୱାର୍ଡକୁ ନେଇ ଗଠିତ ଚମ୍ପୁଆ ଏନ୍‌ଏସିବାସୀଙ୍କୁ ପାନୀୟଜଳ ଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ଚମ୍ପୁଆ ଏନ୍‌ଏସିବାସୀଙ୍କ ନିମନ୍ତେ ପ୍ରତ୍ୟେକ ଦିନ ୪ ଏମଏଲଡି ପାନୀୟଜଳର ଆବଶ୍ୟକତା ରହୁଥିବା ବେଳେ ଶୁଖିଲା ବୈତରଣୀ ପାଇଁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ନଦୀ ମଧ୍ୟରେ ଥିବା ଇନ୍‌ଟେକ ୱେଲରେ ପାଣି ଅଭାବଜନିତ କାରଣରୁ ଏହି ସମସ୍ୟା ଦେଖାଦେଇଛି। ବିଭାଗ ପକ୍ଷରୁ ନଦୀ ମଧ୍ୟରେ ଥିବା ବିଭିନ୍ନ ଗଭୀର ଜାଗାରେ ଥିବା ଜଳକୁ ବାଲି ବସ୍ତା ପକାଇ ଅଟକାଇବା ସହିତ ପାଇପ ଯୋଗେ ଜେନେରେଟର ମାଧ୍ୟମରେ ଜଳ ସଂଗ୍ରହ କରାଯାଇ ଇନଟେକ ୱେଲରେ ପାଣି ଭର୍ତ୍ତି କରାଯିବା ପରେ ମାତ୍ର ୨ ଏମଏଲଡି ପାଣି ଏନ୍‌ଏସିବାସୀଙ୍କୁ ଯୋଗାଇ ଦିଆଯାଉଛି। ଏଥିପାଇଁ ପ୍ରତ୍ୟେକ ଦିନ ୧୦୦ ଲିଟରରୁ ଊର୍ଦ୍ଧ୍ୱ ଡିଜେଲ ଖର୍ଚ୍ଚ କରାଯାଇ ୧୮-୨୦ ଘଣ୍ଟା ଜେନେରେଟର ବ୍ୟବହାର କରାଯାଉଛି। ବର୍ତ୍ତମାନ ସୁଦ୍ଧା ଚମ୍ପୁଆ ଏନ୍‌ଏସିରେ ୪୨୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ପାଇପ ଯୋଗେ ପାନୀୟଜଳ ସଂଯୋଗର ବ୍ୟବସ୍ଥା କରାଯାଇଛି। ହେଲେ ୨ ଓଳି ପାଣି ଦିଆଯାଇ ପାରୁନାହିଁ। ଅନ୍ୟପକ୍ଷରେ ବିଭିନ୍ନ କାରଣ ଯୋଗୁଁ ବିଦ୍ୟୁତ କାଟ ସମସ୍ୟା ପାଇଁ ୫ଟି ଡିଜି ବ୍ୟବହାର କରାଯାଉଛି। ଆଗାମୀ ୧୫ ଦିନ ମଧ୍ୟରେ ବର୍ଷା ନହେଲେ ଅଥବା ନଦୀ ଜଳ ପ୍ରବାହିତ ନହେଲେ ଏନ୍‌ଏସିବାସୀଙ୍କୁ ପାନୀୟଜଳ ପ୍ରଦାନ କରିବାରେ ବହୁ ସମସ୍ୟା ଦେଖାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ହୃଷୀକେଶ ମହାନ୍ତ ସୂଚନା ଦେଇଛନ୍ତି।

ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ

# ଲାଗିବ ୩୦ ହଜାର ତାଳ ଚାରା

ଚମ୍ପୁଆ, ୨୩।୫(ସମିସ): ରାଜ୍ୟରେ ବଢୁଥିବା ବଜ୍ରପାତଜନିତ ପ୍ରାକୃତିକ ବିପର୍ଯ୍ୟୟକୁ ଏଡ଼ାଇବା ପାଇଁ ସରକାର ତାଳ ଗଛ ରୋପଣ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଯେଉଁ ଗଛ ଦିନେ ଲୋକଙ୍କୁ ଖାଦ୍ୟ ଓ ବାସଗୃହ ଉପକରଣ ଯୋଗାଉଥିଲା ତାହା ଆଜି ବଜ୍ରପାତ ସମସ୍ୟାକୁ ସମାଧାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ତାଳ ଗଛ ଲଗାଇବା ପାଇଁ ସରକାରଙ୍କ ପକ୍ଷରୁ ବନବିଭାଗକୁ ନିର୍ଦ୍ଦେଶ ରହିଛି। ତାଳ ଗଛ ଦ୍ୱାରା କିଛି ପରିମାଣରେ ବଜ୍ରପାତଜନିତ ଦୁର୍ଘଟଣାକୁ ପ୍ରଶମିତ କରାଯିବାକୁ ନେଇ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଚଳିତବର୍ଷ ଚମ୍ପୁଆ ରେଞ୍ଜର ଉଖୁଣ୍ଡା, ବାମେବାରୀ, ଚମ୍ପୁଆ, ବାଲିବନ୍ଧ, ଯୋଡା ସେକ୍ସନରେ ୩୦ ହଜାର ତାଳ ମଞ୍ଜି ଲଗାଯିବ ବୋଲି ଏସିଏଫ୍ ତଥା ଅକ୍ଷୟ ଛତ୍ରିୟା ସୂଚନା ଦେଇଛନ୍ତି। ଏହି ତାଳ ମଞ୍ଜି ତାଳଚେର, ଯାଜପୁର ଓ ଅନୁଗୁଳ ଅଞ୍ଚଳରୁ ସଂଗ୍ରହ କରାଯାଇ ଉକ୍ତ ୫ଟି ସେକ୍ସନରେ ଥିବା ବିଭିନ୍ନ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ରୋପଣ କରାଯିବ। ବନବିଭାଗ କର୍ମଚାରୀ ୱାଚରଙ୍କ ଦ୍ୱାରା ଏହି କାର୍ଯ୍ୟ ଜୁଲାଇ ଓ ଅଗଷ୍ଟରେ କରାଯିବ ବୋଲି ଶ୍ରୀ ଛତ୍ରିୟା ସୂଚନା ଦେଇଛନ୍ତି।

ପୂର୍ବ ବର୍ଷ ଚମ୍ପୁଆ ସେକ୍ସନରେ ୫୦ ହଜାର ତାଳ ମଞ୍ଜି ରୋପଣ କରାଯାଇଥିଲା। ବଜ୍ରପାତ ସାଧାରଣତଃ



ଉଚ୍ଚା ଗଛରେ ପ୍ରଭାବ ପକାଉଥିବା ବେଳେ ଏହି ତାଳ ଗଛଗୁଡିକ ପ୍ରାୟତଃ ୧୩ ଫୁଟରୁ ୫୯ ଫୁଟ ପର୍ଯ୍ୟନ୍ତ ହୋଇଥାଏ। ଯେ କୌଣସି ସ୍ଥାନରେ ଅନାୟସରେ ଏହା ବଢ଼ି ଚାଲୁଥିବା ବେଳେ ଏହି ଗଛକୁ ବର୍ତ୍ତମାନ ପରିସ୍ଥିତିରେ ବଜ୍ରପାତ କ୍ଷୟକ୍ଷତିକୁ ଏଡ଼ାଇବା ପାଇଁ ଉପଯୋଗ କରାଯାଇପାରୁଛି।

## ସୁରକ୍ଷା ସମ୍ପର୍କିତ ଜନସଚେତନତା

କେନ୍ଦୁଝର, ୨୩।୫(ସମିସ): କେନ୍ଦୁଝର ଜିଲ୍ଲାରେ ଘଟୁଥିବା ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା ହ୍ରାସ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ବିଭିନ୍ନ ମାଧ୍ୟମରେ ନିରନ୍ତର ପ୍ରୟାସ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବଜ୍ରପାତଠାରୁ ରକ୍ଷା ପାଇବା ନିମନ୍ତେ ଜନସାଧାରଣଙ୍କୁ ସଠିକ ସୂଚନା ପ୍ରଦାନ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ପଥପ୍ରାନ୍ତ ନାଟକ ଆୟୋଜନ କରାଯାଉଛି। ଅଭିଜ୍ଞ କଳାକାରମାନେ ମନୋରଞ୍ଜନ ଧର୍ମୀ ନାଟକ ମାଧ୍ୟମରେ ବଜ୍ରପାତ ସମୟରେ କଣ କରିବା ଓ କଣ ନ କରିବା ଉଚିତ ସେସବୁ ବଜ୍ରପାତ ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କୁ ବୁଝାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ପ୍ରଥମେ ଶୁଭାରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଇଜାଜ ଇକବାଲ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପାଟଣା ବଜାରରୁ ଜବରଦଖଲ ଉଚ୍ଛେଦ; ପାତରଅନ୍ତର ଅଭିଯୋଗ

ତୁରୁମୁଙ୍ଗା, ୨୩।୫(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ପ୍ରଶସ୍ତୀକରଣ ପାଇଁ ଶୁକ୍ରବାର ପାଟଣା ବଜାରରେ ଜବରଦଖଲ ଉଚ୍ଛେଦ ହୋଇଛି। ୨ଟି ଜେସିବି ସାହାଯ୍ୟରେ ବଜାରରେ ସରକାରୀ ଜାଗାରେ ବେଆଇନ ନିର୍ମାଣ କରାଯାଇଥିବା ଦୋକାନ ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଇଛି। ମାଜିଷ୍ଟ୍ରେଟ ଭାବରେ ସାହାରପଡ଼ା ତହସିଲଦାର ପରମାନନ୍ଦ ଖଣ୍ଡେଇ ଉପସ୍ଥିତ ରହି ଜବର ଦଖଲ ଉଚ୍ଛେଦ କରିଥିବା ବେଳେ ପାଟଣା ତହସିଲଦାର ଲୀଳାବତୀ ନାୟକ, ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ଥାନାଧିକାରୀ ମାନସ କୁମାର ମହାକୁଡ଼ ଉପସ୍ଥିତ ଥିଲେ। ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପାଖରୁ ଆରମ୍ଭ



ହୋଇ ବଜାରର ୨ ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ହୋଇଛି। ଏଥିପାଇଁ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହୋଇଛନ୍ତି। କିଛି ବ୍ୟବସାୟୀ ନିଜ ଦୋକାନର ବେଆଇନ ନିର୍ମାଣକୁ ନିଜ ଆଡୁ ଭାଙ୍ଗି ଥିବାବେଳେ ଅମାନିଆ ଦୋକାନୀଙ୍କ ଦୋକାନକୁ ଜେସିବି ମେସିନ ସାହାଯ୍ୟରେ ପ୍ରଶାସନ ଭାଙ୍ଗି ଦେଇଛି। ତେବେ ପଞ୍ଚାୟତ ପକ୍ଷରୁ ମାର୍କେଟ କମ୍ପ୍ଲେକ୍ସକୁ ପାଟଣା ବଜାର ଉପରେ ଭଡା ସୂତ୍ରରେ ଦିଆଯାଇ ଥିବା ଘରକୁ ସରପଞ୍ଚଙ୍କୁ କୌଣସି ନୋଟିସ ନଦେଇ ଭାଙ୍ଗିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହୋଇଛି। ଭଡା ସୂତ୍ରରେ ନେଇଥିବା ଦୋକାନୀ ଭାଙ୍ଗିବାକୁ ବିରୋଧ କରି ଅଭିଯୋଗ ଆଣିବା ପରେ ବିବାଦ ସୃଷ୍ଟି ହୋଇଥିଲା। ବଡ଼ ପାଟଣା ସରପଞ୍ଚ ବିନତି ବାନାରା ହସ୍ତକ୍ଷେପ କରିବା ପରେ ପ୍ରଶାସନ ଉକ୍ତ ଘରକୁ ନ ଭାଙ୍ଗି ଅନ୍ୟ ଦୋକାନକୁ ଭାଙ୍ଗିଛି। ଏନେଇ ସରପଞ୍ଚ ବିନତି ବାନାରା କହିଛନ୍ତି ଆମ ପୂର୍ବରୁ ପଞ୍ଚାୟତକୁ କୌଣସି ନୋଟିସ ଦେଇ ନଥିବା ବେଳେ ଏନେଇ ତହସିଲଦାରଙ୍କୁ ଜଣାଇବେ। ଏ ସମ୍ପର୍କରେ ମାଜିଷ୍ଟ୍ରେଟ ଦାୟିତ୍ୱ ରେ ଥିବା ସାହାରପଡ଼ା ତହସିଲଦାର ପରମାନନ୍ଦ ଖଣ୍ଡେଇ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।

## ହାତପାଆନ୍ତାରେ ବିଦ୍ୟୁତ ତାର

ବେଲବାହାଲି, ୨୩।୫(ସମିସ): ଆନନ୍ଦପୁର ବ୍ଲକ ବାରିଗାଁସ୍ଥିତ ୨୦ ନଂ ଜାତୀୟ ରାଜପଥ କଡ଼ରେ ଥିବା ସାଇ ମନ୍ଦିର ପରିସରରେ ବିପଦପୂର୍ଣ୍ଣ ଭାବରେ ଝୁଲି ରହିଛି ବିଦ୍ୟୁତ୍ ତାର। ଏନେଇ ଶ୍ରଦ୍ଧାଳୁ ମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଉକ୍ତ ସମସ୍ୟାକୁ ନେଇ ବାରମ୍ବାର ସାଇ ମନ୍ଦିରର ସଦସ୍ୟ ମାନେ ଲିଖିତ ଅଭିଯୋଗ ସତ୍ତ୍ୱେ ବିଦ୍ୟୁତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଗତ କିଛି ଦିନ ତଳେ ରାମଚନ୍ଦ୍ରପୁର ଥାନା ବଡପଦନା ଗ୍ରାମର ଶୁଭମ ସାହୁଙ୍କ ଛାତ ଉପରେ ବିପଦପୂର୍ଣ୍ଣ ୧୧ କେଭି ବିଦ୍ୟୁତ ତାର ସପର୍ଶରେ ଆସି ମୃତ୍ୟୁ ହୋଇଥିଲା। ସେଥିପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କ ବିଦ୍ୟୁତ ଆଘାତରେ ଜୀବନ ନଯାଉ ବୋଲି ବାରିଗାଁ ସାଇମନ୍ଦିରର ସଦସ୍ୟ ରାମଚନ୍ଦ୍ର ସାହୁ, ନରେନ୍ଦ୍ର କୁମାର ସାହୁ, ଶିବପ୍ରସାଦ ସାହୁ, ପ୍ରମୋଦ କୁମାର ଜେନା, ପ୍ରିୟବ୍ରତ ସାହୁ, ଇଶ୍ୱର ଚନ୍ଦ୍ର ସାହୁ, ସରୋଜ କୁମାର ସାହୁ ପ୍ରମୁଖ ବିଦ୍ୟୁତ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଦାବି ଜଣାଇଛନ୍ତି।

# ଘାଟିତଳସାହିକୁ ବିକାଶ ଅପହଞ୍ଚ: ମରାମତି ହେଉନି ରାସ୍ତା



କେନ୍ଦୁଝର, ୨୩।୫(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବରଦାପାଳ ପଞ୍ଚାୟତ ତଳକୁସୁମିତା ଘାଟିତଳ ସାହି ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଦୀର୍ଘବର୍ଷରୁ ଖୁଣ୍ଟାପଡ଼ା ପିଚୁ ରାସ୍ତାଠାରୁ ଦେଢ଼ କିଲୋମିଟର ପର୍ଯ୍ୟନ୍ତ ରାସ୍ତା ଅତି ଶୋଚନୀୟ ହୋଇ ପଡ଼ିଛି। ଫଳରେ ଯାତାୟାତରେ ଲୋକେ ସମସ୍ୟା ଭୋଗୁଛନ୍ତି। ଅଣଓସାରିଆ ଥିବାରୁ ଦୁର୍ଘଟଣା ଘଟୁଛି। ଏଠାରେ ୧୬ ପରିବାରର ୪୦ ପାଖାପାଖି ଜନସାଧାରଣ ବସବାସ କରୁଛନ୍ତି। ସ୍କୁଲ କଲେଜ ଛାତ୍ରଛାତ୍ରୀ ବର୍ଷାଦିନେ ଭାରି ହଇରାଣ ହେଉଛନ୍ତି। ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବା ଯୋଗୁଁ କାର୍ ବାଇକ୍ ଧରି ଯିବା ଆସିବା କଷ୍ଟକର ହୋଇ ପଡୁଛି। ଦେହ ଖରାପ କିମ୍ବା ଗର୍ଭବତୀ ମହିଳାଙ୍କୁ ମେଡିକାଲ ନେବାକୁ ହେଲେ ୧୦୮ ଆମ୍ବୁଲାନ୍ସ ଡାକିଲେ ସାହି ଭିତରକୁ ଗାଡି ପଶିପାରୁନି। ଘଞ୍ଚ ବଣଜଙ୍ଗଲ ତଳେ କୁସୁମିତା ଘଟିତଳସାହି ରହିଛି। ତେବେ ସାହିରେ ବିଦ୍ୟୁତ୍ ସଂଯୋଗ ହୋଇଥିଲେ ହେଁ ରାତ୍ରିକାଳୀନ ପାଇଁ ସୌରଚାଳିତ ଲାଇଟ୍ ବସି ନଥିବାରୁ ସଞ୍ଜ ହେଲେ ରାସ୍ତାଘାଟ କିଟିମିଟି ଅନ୍ଧାର ହୋଇଯାଉଛି। ଫଳରେ ସଞ୍ଜ ନଇଁଲେ ଲୋକେ ଯାତାୟାତ କରିବାକୁ ଭୟଭୀତ ହେଉଛନ୍ତି। ନିକଟରେ ଘଞ୍ଚ ଜଙ୍ଗଲ ଥିବାରୁ ହାତୀ, ଭାଲୁ, ହେଟା ବାଘ, ଶିଆଳ ଆଦି ବନ୍ୟଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେଉଛନ୍ତି। ପଶୁ-ମଣିଷ ମୁହାଁମୁହିଁ ହେଉଛନ୍ତି। ଅଭିଯୋଗ ହୋଇ ଆସୁଥିଲେ ହେଁ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ନିତ୍ୟାନନ୍ଦ ପ୍ରଧାନ, ମଦନ ମୋହନ ପ୍ରଧାନ, ବିଜୟ କୁମାର ନାଏକ, ଦୁଃଖବନ୍ଧୁ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ନାଏକ, ସନ୍ତୋଷ କୁମାର ନାଏକ, ରଞ୍ଜିତ କୁମାର ନାଏକ, ପୂର୍ଣ୍ଣଚନ୍ଦ୍ର ନାଏକ ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

# ଶରଧା ଗ୍ରାମରେ ଉତ୍ତେଜନା; ୩ ଜଣଙ୍କ ନାମରେ ମାମଲା ରୁଜୁ


କରଞ୍ଜିଆ, ୨୩।୫(ସମିସ): କରଞ୍ଜିଆ ଥାନା ଶରଧା ଗ୍ରାମରେ ଏକ ସଂଖ୍ୟାଲଘୁ ସମ୍ପ୍ରଦାୟ ତରଫରୁ ଭାରତ ବିରୋଧୀ, ହିନ୍ଦୁ ଦେବାଦେବୀଙ୍କୁ ଗାଳି ଦେବା ନେଇ ଉତ୍ତେଜନା ପ୍ରକାଶ ପାଇଛି। ଥାନାରେ ଏ ନେଇ ଲିଖିତ ଅଭିଯୋଗ ହେବାରୁ ଧର୍ମପ୍ରଚାର କରୁଥିବା ୩ ଜଣଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ଅଭିଯୁକ୍ତମାନେ ହେଲେ ପାଣ୍ଡୁର ପାତ୍ରସ ଗୁଣୁଆ, ବାବୁଲି ମୁଣ୍ଡା, ପ୍ରଦୀପ ମୁଣ୍ଡା। ଏମାନଙ୍କ ନାମରେ କରଞ୍ଜିଆ ଥାନାର କେସ ନମ୍ବର ୧୭୧, ଭାରତୀୟ ନ୍ୟାୟ ସଂହିତା ଧାରା ୨୯୯, ୩ (୫) ଅନୁଯାଇ ମୋକଦ୍ଦମା ରୁଜୁ ହୋଇଛି। କରଞ୍ଜିଆ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ଶରଧା ଗ୍ରାମରେ ଏକ ଚର୍ଚ୍ଚ ପ୍ରତିଷ୍ଠା ହେବାପରେ ସେଠାରେ ଧର୍ମୀୟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ସମୟରେ ପ୍ରଚାର କରିବା ଅବସରରେ କାଶ୍ମୀର ପହଲଗାମଠାରେ ଆତଙ୍କବାଦୀ ନରସଂହାର ହୋଇଥିବା ଘଟଣାରେ ଭାରତ ଏଥିପାଇଁ ଦାୟୀ। ଏହାଛଡା ହିନ୍ଦୁ ଦେବାଦେବୀଙ୍କ ପ୍ରତି ଅଶାଳୀନ ଶବ୍ଦ ପ୍ରୟୋଗ କରାଯାଇଥିବାରୁ ଉତ୍ତେଜନା ଦେଖାଦେଇଥିଲା। ନିଜ ଧର୍ମ ଏକ ମାତ୍ର ସତ୍ୟ ଧର୍ମ ବୋଲି ପ୍ରଚାରକମାନେ ଘୋଷଣା କରିଥିବା ଅଭିଯୋଗ ହୋଇଛି। ଏହି ଅଞ୍ଚଳରେ ଗରିବଙ୍କୁ ପ୍ରଲୋଭିତ କରି ଧର୍ମ ପ୍ରଚାର କରାଯାଉଥିବାରୁ ଆଗାମୀ ଦିନରେ ପୁଣି ଉତ୍ତେଜନା ଦେଖାଦେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

## କୁଶଳଦା ଲ୍ୟାମ୍ପ୍ସରେ ମଣ୍ଡି ଉଦ୍‌ଘାଟିତ



କୁଆମରା, ୨୩।୫(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ଲ୍ୟାମ୍ପସରେ ଶୁକ୍ରବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ମଣ୍ଡିକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଏସ୍‌ସିଏସ୍‌ଓ ରୀନାରାଣୀ ମହାପାତ୍ର, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ କପ୍ତିପଦା ମଣ୍ଡଳ ମୁଖ୍ୟ ଶାସ୍ୱତୀ ମହାନ୍ତି, ଆରଏମ୍‌ସିର ସମ୍ପାଦକ ସୁକରାମ ସିଂ, ଲ୍ୟାମ୍ପସ ସଭାପତି ଚୌଧୁରୀ ସିଂ, ଲ୍ୟାମ୍ପସର ପରିଚାଳନା ନିର୍ଦ୍ଦେଶକ ସୁମନ ସୌରଭ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ତେବେ ଚଳିତ ରବି ଋତୁରେ ୬ ଜଣ ଚାଷୀଙ୍କଠାରୁ ମୋଟ ୨୪୯ କ୍ୱିଣ୍ଟାଲ ଧାନ କିଣା ଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ପଶୁଦା ଲ୍ୟାମ୍ପସରେ ୭ ଜଣ ଚାଷୀଙ୍କଠାରୁ ୨୧୦ କ୍ୱିଣ୍ଟାଲ ଧାନ କିଣାଯିବ ବୋଲି ପରିଚାଳନା ନିର୍ଦ୍ଦେଶକ ନିର୍ମଳ ଚନ୍ଦ୍ର ସେନ୍ ସୂଚନା ଦେଇଛନ୍ତି।

## ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ



କୁଆମରା, ୨୩।୫(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତ ଗୋହିରାଡିହା ଗ୍ରାମର ଚାରି ଦିନ ଧରି ଚାଲିଥିବା ନୂତନ ମନ୍ଦିର ଓ ଜଗନ୍ନାଥ, ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ ହୋଇଛି। ଏହି ଅବସରରେ ନାଲୁହା ନଦୀରୁ ମହିଳାମାନେ କଳସ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ମୁଖ୍ୟ ପୁରୋହିତ ରତିକାନ୍ତ ମିଶ୍ରଙ୍କ ତତ୍ତ୍ୱାବଧାନରେ ରଶ୍ମିରଞ୍ଜନ ହୋତା, ଜଗଦୀଶ ମହାପାତ୍ର, ଅନନ୍ତ ବାସୁଦେବ ଶତପଥୀ, ବିରଞ୍ଚି ନାରାୟଣ ମିଶ୍ର, ଦୁର୍ଗାଚରଣ ଦ୍ୱିବେଦୀ ପ୍ରମୁଖ ପ୍ରତିଷ୍ଠା ସମ୍ପନ୍ନ କରିଥିଲେ। କର୍ତ୍ତା ଭାବେ ହରେନ୍ଦ୍ର ପାତ୍ର, ଅଜୟ ଦେ, ଦେବେନ୍ଦ୍ର ସାହୁ, ଗୌରହରି ପତି, ପ୍ରଫୁଲ୍ଲ ଭଦ୍ର ତଥା ତାଙ୍କର ଧର୍ମ ପତ୍ନୀମାନେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଅଙ୍କୁରାପଣ, ମଙ୍ଗଳ ଆଳତି, ସୂର୍ଯ୍ୟ ପୂଜା, ରୁଦ୍ରାଭିଷେକ, ଷୋଡ଼ଶ ଉପଚାର ଆଦି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଭିକ୍ଷା କରିବା ସହ ପ୍ରସାଦ ସେବନ କରିଥିଲେ।

# ଇକୋ କ୍ଲବ୍ ପକ୍ଷରୁ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ

ବାରିପଦା, ୨୩।୫(ସମିସ)

ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ଉପଲକ୍ଷେ ଜିଲ୍ଲା ଇକୋ କ୍ଲବ ପକ୍ଷରୁ 'ପ୍ରକୃତି ସହିତ ସମନ୍ୱୟ ଓ ସ୍ଥାୟୀ ବିକାଶ' ପ୍ରସଙ୍ଗରେ ଏକ ଆଲୋଚନାଚକ୍ର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜିଲ୍ଲା ସମଗ୍ର ଶିକ୍ଷା ପ୍ରକଳ୍ପ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ସବୁଜ ବାହିନୀ(ଇକୋ କ୍ଲବ)ର ମାଷ୍ଟର ଟ୍ରେନର ତଥା ଜିଲ୍ଲା ସଂଯୋଜକ ଡ଼କ୍ଟର ରମାକାନ୍ତ ମହାନ୍ତ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ବିଶିଷ୍ଟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶଶୀଧର ସିଂହ, ମୁଖ୍ୟବକ୍ତା




ଭାବରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଯୋଗଦାନ କରି ବିଶ୍ୱ ଜୈବ ବିବିଧତା ଦିବସ ପାଳନର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ଉପାଦେୟତା ପ୍ରସଙ୍ଗରେ ଆଲୋଚନା କରିଥିଲେ। ଜୈବ ବିବିଧତା ଆମକୁ ପୋଷଣ, ଗୃହ ଉପକରଣ, ଇନ୍ଧନ, ଔଷଧୀୟ ଗୁଳ୍ମ, ପରିସଂସ୍ଥୀୟ ନିଃଶୁଳ୍କ ସେବା ଯୋଗାଇ ଦେଉଛି। ତେଣୁ ଗୋଟିଏ ସ୍ଥାନରେ ଥିବା ବିବିଧ ପ୍ରକାର ଉଦ୍ଭିଦ, ପ୍ରାଣୀ, ଅଣୁଜୀବଙ୍କ ସାମଗ୍ରିକ ବିକାଶରେ ଯୋଗଦାନର ମହତ୍ତ୍ୱକୁ ହୃଦୟଙ୍ଗମ କରିବା ପାଇଁ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଦେବା ଆବଶ୍ୟକ। ମୟୂରଭଞ୍ଜ ଜିଲ୍ଲାରେ ଥିବା ସମସ୍ତ ଇକୋ କ୍ଲବ, ଶକ୍ତି କ୍ଲବ ଏବଂ ଜୁନିଅର ରେଡ଼କ୍ରସର ଭାରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ମନରେ ଜୈବ ବିବିଧତାର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଡ଼କ୍ଟର ମହାନ୍ତ କହିଲେ ଯେ ମୟୂରଭଞ୍ଜ ଜିଲ୍ଲାରେ ଥିବା ଜୈବ ବିବିଧତାରେ ପରିପୂର୍ଣ୍ଣ 'ଶିମିଳିପାଳ ଜୈବ ମଣ୍ଡଳ'ର ସୁରକ୍ଷା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ଚେତନା ଜାଗ୍ରତ କରିବା ଆବଶ୍ୟକ। ସୁବ୍ରତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ବାରିପଦା, ୨୩।୫(ସମିସ): ବାଲି ଚୋରା ଚାଲାଣ ବେଳେ ବାରିପଦା ଟାଉନ ଥାନା ପୁଲିସ ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଚାଳକଙ୍କୁ ଗିରଫ କରିଛି। ଚାଳକ ଜଣକ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ମହୁଲିଆ ଗ୍ରାମର ଗୌରୀ କୁମାର ସିଂ(୩୪)। ପୁଲିସ ପକ୍ଷରୁ ତକତପୁର ଅଞ୍ଚଳରେ ପେଟ୍ରୋଲିଂ ସମୟରେ ଗାଡିକୁ ଜବତ କରାଯାଇଥିଲା। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଆର୍ଥିକ ସ୍ଥିତି ଭଲ ରହିବ । ବନ୍ଧୁଙ୍କ ସହାୟତା ମିଳିବ । ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ । ନକାରାତ୍ମକ ଚିନ୍ତା ଦୂର ହେବ ।

**ବୃଷ:** ଯାତ୍ରା ଯୋଗ ଅଛି । ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ । ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ ।

**ମିଥୁନ:** ଯାନବାହନ କିଣିବେ । ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ । ମନ ପ୍ରସନ୍ନ ରହିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ । ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ । ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ । ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ । ବିବାହରେ ସମସ୍ୟା ଆସିବ । ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ ।

**ସିଂହ:** ଚାକିରିରେ ସଫଳତା ମିଳିବ । ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ । ଜୀବନସାଥୀଙ୍କ ସହଯୋଗ ମିଳିବ । ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ । ପାରିବାରିକ ଜୀବନ ସୁଖମୟ ହେବ । ଘରେ ପୂଜାପାଠ ଆୟୋଜନ କରିବେ । ଅଟକିଥିବା କାର୍ଯ୍ୟ ପୂରା ହେବ । ଆୟର ନୂଆ ଅବସର ପ୍ରାପ୍ତ ହେବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଆର୍ଥିକ ସ୍ଥିତି ମଜଭୁତ୍ ହେବ । ବିବାହ ପ୍ରସ୍ତାବ ଆସିବ । ରାଜନୀତିରେ ସଫଳତା ମିଳିବ । ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ବୈବାହିକ ଜୀବନ ସୁଖଶାନ୍ତିରେ କଟିବ । ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ । ସ୍ୱାସ୍ଥ୍ୟରେ ସୁଧାର ଆସିବ । ଆୟ ତୁଳନାରେ ବ୍ୟୟ ଅଧିକ ହେବ । କଥାରେ ମଧୁରତା ରକ୍ଷା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ । ବ୍ୟବସାୟରେ ଲାଭ ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ପୈତୃକ ସମ୍ପତ୍ତିକୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ସୁଖମୟ ହେବ ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ । ନିବେଶରୁ ଦୂରେଇ ରୁହନ୍ତୁ । ଘରେ ପୂଜାପାଠ ଆୟୋଜନ ହେବ । ବିବାହ ସମସ୍ୟା ସମାଧାନ ହେବ । ଯାନବାହନ କ୍ରୟର ଯୋଗ ଅଛି ।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ । ଭାବିଚିନ୍ତି ନିବେଶ କରନ୍ତୁ । ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ । ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ । ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

## ଆଜିର ଇତିହାସ

- ୧୯୩୧- ପ୍ରଥମ ବାତାନୁକୂଳିତ ଟ୍ରେନ୍ ଆମେରିକାର ୱାଲଟ୍‌ମୋର୍ ଓ ଓହିଓ ମାର୍ଗରେ ଚଳାଗଲା ।
- ୧୯୮୪- ମାଉଣ୍ଟ ଏଭରେଷ୍ଟ ଚଢ଼ିଥିବା ପ୍ରଥମ ଭାରତୀୟ ମହିଳା ହେଲେ ବଚେନ୍ଦ୍ରୀ ପାଲ୍ ।
- ୧୯୮୫- ବାଂଲାଦେଶରେ ତୋଫାନ କାରଣରୁ ଦଶ ହଜାର ଲୋକଙ୍କ ମୃତ୍ୟୁ ।
- ୨୦୦୪- ଉତ୍ତର କୋରିଆ ମୋବାଇଲ୍ ଫୋନ୍ ଉପରେ ପ୍ରତିବନ୍ଧକ ଲଗାଇଲା ।

# ରାଗ ଶାନ୍ତ କରିବାକୁ ଲୋକଙ୍କ ସହ ଧକ୍କା ହୁଅନ୍ତି



ରାସ୍ତାରେ ଯାତାୟାତ ସମୟରେ ପରସ୍ପର ସହ ଧକ୍କା ହୋଇଯିବା ସାଧାରଣ କଥା । ହେଲେ ଅନେକ ସମୟରେ କିଛି ଲୋକ ଅନ୍ୟମାନଙ୍କୁ ହଇରାଣ କରିବା ଉଦ୍ଦେଶ୍ୟରେ ଧକ୍କା ଦେଇଥାନ୍ତି । ଏମିତି ଏକ ଘଟଣା ଲଣ୍ଡନ ରାଜରାସ୍ତାରେ ଦେଖିବାକୁ ମିଳୁଛି । ଏଠାରେ ଜାପାନର ଏକ ଗ୍ୟାଙ୍ଗ ମଜା ନେବା ଉଦ୍ଦେଶ୍ୟରେ ସାଧାରଣ ଲୋକଙ୍କୁ ଧକ୍କା ଦେଇଥାନ୍ତି । ଏହି ଗ୍ୟାଙ୍ଗ୍‌ର ନାଁ ହେଉଛି 'ଦ ବମ୍ପିଂ ଗ୍ୟାଙ୍ଗ' । ଉକ୍ତ ଗ୍ୟାଙ୍ଗରେ କେବଳ ପୁରୁଷମାନେ ଥାଆନ୍ତି । ମହିଳା, ବୟସ୍କ ଏବଂ ଛୋଟ ପିଲାମାନଙ୍କୁ ଏମାନେ ଟାର୍ଗେଟ୍ କରିଥାନ୍ତି । କିଛି ରିପୋର୍ଟରେ କୁହାଯାଇଛି, ଏହି ଗ୍ୟାଙ୍ଗର ଆରମ୍ଭ ଜାପାନରୁ ହୋଇଥିଲା । ଗ୍ୟାଙ୍ଗ୍‌ରେ ଥିବା ପୁରୁଷମାନଙ୍କର ପାରିବାରିକ ସମ୍ପର୍କ ଛିନ୍ନ ହୋଇଛି । ତେଣୁ ସେମାନେ ଚିଡ଼ଚିଡ଼ା ସ୍ୱଭାବର ହୋଇଯାଇଛନ୍ତି । ନିଜର ଦୁଃଖକୁ ପରିପ୍ରକାଶ କରିବା ତଥା କ୍ରୋଧକୁ ଶାନ୍ତ କରିବାକୁ ଜାଣିଶୁଣି ସେମାନେ ଲୋକଙ୍କ ସହ ଧକ୍କା ହୁଅନ୍ତି । ଏଥିପାଇଁ ଏହି ଗ୍ୟାଙ୍ଗର ସଦସ୍ୟମାନେ ବଜାର, ରେଳ ଷ୍ଟେସନ, ସଡ଼କ ଭଳି ଭିଡ଼ ସ୍ଥାନକୁ ବାଛିଥାନ୍ତି । ଏହାଦ୍ୱାରା ଗହଳିର ସୁବିଧା ନେଇ ତାଙ୍କୁ ଖସି ଯିବାକୁ ସୁବିଧା ହୁଏ । ସେମାନେ ଲୋକଙ୍କୁ ଧକ୍କା ଦେବା ପରେ ତୁରନ୍ତ ସେହି ସ୍ଥାନ ଛାଡ଼ି ଚାଲିଯାନ୍ତି । ଏହି ଗ୍ୟାଙ୍ଗ୍ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଏବେ ସ୍ଥାନୀୟ ଲୋକେ ଦାବି କରୁଛନ୍ତି । ଏହି ଗ୍ୟାଙ୍ଗକୁ ନେଇ ଅନେକ ଇନ୍‌ଫ୍ଲୁଏନ୍ସର ସାମାଜିକ ଗଣମାଧ୍ୟମରେ ପୋଷ୍ଟ ମଧ୍ୟ କରିଛନ୍ତି । ଆୟଲାମେଲେକ ନାମକ ଟିକ୍‌ଟକ୍‌ରଙ୍କୁ ଅଚାନକ ଜଣେ ଲମ୍ବା ଚଉଡ଼ା ବ୍ୟକ୍ତି ଜାଣିଶୁଣି ଧକ୍କା ମାରିଥିଲେ । ସେ ଚଟାଣରେ ପଡ଼ିଯାଇଥିଲେ ବୋଲି ସାମାଜିକ ଗଣମାଧ୍ୟମରେ ସେୟାର କରିଥିଲେ । ସେହିପରି ସେଲି ୱିଣ୍ଟର ନାମକ ଜଣେ ଇନ୍‌ଫ୍ଲୁଏନ୍ସରଙ୍କୁ ବମ୍ପିଂ ଗ୍ୟାଙ୍ଗର ଜଣେ ସଦସ୍ୟ ଟ୍ରେନ୍‌ର ଝରକା କାଚରେ ପିଟିଦେବାରୁ ସେ ମଧ୍ୟ ପୁଲିସରେ ଅଭିଯୋଗ କରିଥିଲେ । ତାଙ୍କୁ ପିଟିଥିବା ବ୍ୟକ୍ତି ଜଣକ ପୂର୍ବରୁ ମଧ୍ୟ ଜଣେ ପିଲାକୁ ଲାତ ମାରି ଗିରଫ ହୋଇଥିବା ଜଣାପଡ଼ିଥିଲା । ୨୦୨୦ ମସିହାରେ ଜାପାନ ପୁଲିସ ଡାଇସୁକେ ନାଗାଟା ନାମକ ଜଣେ ବ୍ୟକ୍ତିଙ୍କୁ ଧରିଥିଲେ । ଉକ୍ତ ବ୍ୟକ୍ତି ଜଣକ ବାରମ୍ବାର ମହିଳାଙ୍କୁ ଧକ୍କା ଦେଉଥିଲା । ନାଗାଟା ପୁଲିସ୍ ପାଖରେ କହିଥିଲା, ଥରେ ଟ୍ରେନ୍‌ରୁ ଓହ୍ଲାଇବା ସମୟରେ ତାଙ୍କ ହାତ ଜଣେ ମହିଳାଙ୍କ ଶରୀରରେ ବାଜିଯାଇଥିଲା । ଏମିତି କରି ତାଙ୍କୁ ଖୁସି ମିଳିବାରୁ ସେବେଠୁ ସେ ମହିଳାମାନଙ୍କୁ ଧକ୍କା ଦେବା ଆରମ୍ଭ କଲା ।

# ଶାଢ଼ିରେ 'ଅପରେସନ୍ ସିନ୍ଦୂର'

ଅପ୍ରେଲ ୨୨ ତାରିଖରେ ଜମ୍ମୁକାଶ୍ମୀରର ପହଲଗାମରେ ଆତଙ୍କବାଦୀ ରଚିଥିଲେ ବର୍ବରକାଣ୍ଡ । ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା । ଏହାର ପ୍ରତିଶୋଧ ନେବାକୁ ଭାରତ ପକ୍ଷରୁ ଆରମ୍ଭ କରାଯାଇଥିଲା ଅପରେସନ ସିନ୍ଦୂର । ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଆଡ୍ଡା ଉପରେ ଭାରତୀୟ ସେନା ଅପରେସନ୍ ସିନ୍ଦୂର ଜରିଆରେ ପ୍ରତିଶୋଧ ନେଇଥିଲା । ଏବେ ବାରଣାସୀର ବୁଣାକାରମାନେ 'ଅପରେସନ୍ ସିନ୍ଦୂର' ଥିମ୍‌ର ଏକ ଶାଢ଼ି ପ୍ରସ୍ତୁତ କରିଛନ୍ତି । ଭାରତୀୟ ସେନାର ଶୌର୍ଯ୍ୟ ଓ ବୀରତାକୁ ସମ୍ମାନ ଜଣାଇ ସେମାନେ ଏହାକୁ ପ୍ରସ୍ତୁତ କରିଛନ୍ତି । ନୀଳ ରଙ୍ଗର ଏହି ବନାରସୀ ଶାଢ଼ିରେ ଏସ୍-୪୦୦ ଡିଫେନ୍ସ ସିଷ୍ଟମ, ବ୍ରହ୍ମୋସ୍ ମିସାଇଲ, ଯୁଦ୍ଧପୋତ ଆଦି ପ୍ରଦର୍ଶନ କରାଯାଇଛି । ଏଭଳି ଏକ ଶାଢ଼ି ପ୍ରସ୍ତୁତି ପାଇଁ ପରିକଳ୍ପନା କରିଥିବା ବ୍ୟବସାୟୀ ତଥା ବୁଣାକାର ବିକାଶଙ୍କ କହିବା କଥା, 'ଏହି ଶାଢ଼ି 'ଅପରେସନ୍ ସିନ୍ଦୂର'ରୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି । ପୂରା ଦେଶ ଭାରତୀୟ ଯବାନଙ୍କ ସହ ଅଛି ବୋଲି ଆମେ ଏହା ମାଧ୍ୟମରେ ବାର୍ତ୍ତା ଦେବାକୁ ଚାହୁଁଛୁ ।' ତେବେ ଏହି ଶାଢ଼ିକୁ ପ୍ରସ୍ତୁତ କରିବା ପାଇଁ ବିକାଶଙ୍କୁ ଦଶଦିନ ସମୟ ଲାଗିଥିଲା । ସେ ଏହି ଶାଢ଼ିକୁ କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ୱିଙ୍ଗ କମାଣ୍ଡର ବ୍ୟୋମିକା ସିଂହଙ୍କୁ ଉପହାରରେ ଦେବାକୁ ଇଚ୍ଛା କରିଛନ୍ତି । ଏଯାବତ୍ ସେ ଏଭଳି ୧୦-୧୫ଟି ଶାଢ଼ି ପ୍ରସ୍ତୁତ କରିଛନ୍ତି । ଚାହିଦା ବଢ଼ିଲେ ଏଭଳି ଆହୁରି ଅଧିକ ଶାଢ଼ି ସେ ପ୍ରସ୍ତୁତ କରିବେ ବୋଲି କହିଛନ୍ତି । ବିକାଶଙ୍କ ଏହି ଶାଢ଼ି ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି ।



# ଏକତାଙ୍କ ଫିଲ୍ମକୁ ଶ୍ରଦ୍ଧାଙ୍କ ନା





୨୦୧୩ରେ ଆସିଥିବା ଫିଲ୍ମ 'ଆଶିକୀ-୨'ରୁ ରାତାରାତି ଷ୍ଟାର୍ ପାଲଟି ଯାଇଥିବା ଅଭିନେତ୍ରୀ ଶ୍ରଦ୍ଧା କପୁର ଏବେ ବଲିଉଡ୍‌ର ଜଣେ ଆଗଧାଡ଼ିର ଅଭିନେତ୍ରୀ ଭାବେ ଜଣାଯାଉଛନ୍ତି । ଶେଷଥର ପାଇଁ ସେ 'ସ୍ତ୍ରୀ-୨' ଫିଲ୍ମରେ ନଜର ଆସିଥିଲେ । ଫିଲ୍ମରେ ଶ୍ରଦ୍ଧାଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ । ତେବେ ଏହି ଫିଲ୍ମର ସଫଳତା ପରେ ଶ୍ରଦ୍ଧା ତାଙ୍କ ପାରିଶ୍ରମିକ ବଢ଼ାଇ ଦେଇଥିବା ଚର୍ଚ୍ଚା ହେଉଛି । ଏହାସହ ଭଲ କାହାଣୀ ଦେଖି ସେ ଫିଲ୍ମ ସାଇନ୍ କରୁଥିବା କୁହାଯାଉଛି । ଇତିମଧ୍ୟରେ ଏକତା କପୁରଙ୍କ ଏକ ବଡ଼ ବଜେଟ୍‌ର ଫିଲ୍ମକୁ ଶ୍ରଦ୍ଧା ପ୍ରତ୍ୟାଖ୍ୟାନ କରିଥିବା ଚର୍ଚ୍ଚା ହେଉଛି । ଅନେକ ରିପୋର୍ଟରେ ପ୍ରକାଶ ପାଇଛି ଯେ, 'ଶ୍ରଦ୍ଧା ଏହି ଫିଲ୍ମ ପାଇଁ ୧୭ କୋଟି ଟଙ୍କା ପାରିଶ୍ରମିକ ଦାବି କରୁଥିଲେ । ଅପରପକ୍ଷରେ ଏକତା ଫିମେଲ୍ ଲିଡ୍ ପାଇଁ ଏତେ ପାରିଶ୍ରମିକ ଦେବା ପାଇଁ ଇଚ୍ଛା କରୁନାହାନ୍ତି । ଏହା ଫିଲ୍ମର ବଜେଟ୍ ଉପରେ ପ୍ରଭାବ ପକାଇବ ବୋଲି ସେ ଭାବୁଛନ୍ତି । ଶ୍ରଦ୍ଧା, ଏକତାଙ୍କ କଥାରେ ସହମତ ନ ହୋଇ ଫିଲ୍ମରୁ ଓହରି ଯାଇଥିବା ଜଣାପଡ଼ିଛି । ତେବେ ସେ ଏହି ଫିଲ୍ମ ଛାଡ଼ିବା ପରେ ପ୍ରଡକ୍ସନ୍ ହାଉସ୍ ପକ୍ଷରୁ ନୂଆ ନାୟିକା ଖୋଜା ଚାଲିଛି । ଶ୍ରଦ୍ଧା ଏବେ ନୂଆ ଫିଲ୍ମ ପାଇଁ ଦିନେଶ ବିଜାନ, ବୋନି କପୁର, ଭୂଷଣ କୁମାରଙ୍କ ସହ କଥାବାର୍ତ୍ତା ଚଳାଇଛନ୍ତି । ଆସନ୍ତା ଦୁଇ ମାସ ବିଷୟରେ ସେ ତାଙ୍କ ନୂଆ ଫିଲ୍ମ ସମ୍ପର୍କରେ ସୂଚନା ଦେବେ ବୋଲି ଆଶା କରାଯାଉଛି ।

## ସୁମନ

### ସକାଳ ଶିଶୁ କୁଇଜ୍-୧୬୫

(୧) ହାତୀପଥର ଜଳପ୍ରପାତ ଓଡ଼ିଶାର କେଉଁ ଜିଲ୍ଲାରେ ଅବସ୍ଥିତ?
ଉତ୍ତର : ______

(୨) ଚାରମିନାର କେଉଁଠାରେ ଅଛି?
ଉତ୍ତର : ______

(୩) ଜର୍ମାନୀର ମୁଦ୍ରାକୁ କ'ଣ କୁହାଯାଏ?
ଉତ୍ତର : ______

(୪) 'ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ' ନାରା କିଏ ଦେଇଥିଲେ?
ଉତ୍ତର : ______

(୫) ମଣିଷ ଶରୀରର କେଉଁ ଅଙ୍ଗ ରକ୍ତକୁ ଶୁଦ୍ଧ କରିଥାଏ?
ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଓମ୍ ପ୍ରକାଶ ରଣା, ଚକେଇସିଆଣି, ଭୁବନେଶ୍ୱର
- ପ୍ରିୟଙ୍କା ପ୍ରିୟଦର୍ଶିନୀ ବାରିକ, ଚାନ୍ଦବାଲି, ଭଦ୍ରକ
- ପ୍ରେମରାଜ ସାହୁ, ବେହେରା, ବରଗଡ଼

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ । ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ ।

ଆମର ଯୋଗାଯୋଗ ଠିକଣା
ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

### କାଳବୈଶାଖୀ



ଆଚାର୍ଯ୍ୟ କ୍ଷିତୀଶ ଜେନା

କାଳବୈଶାଖୀରେ କାଳବୈଶାଖୀ
ବୈଶାଖରେ ଦେଖା ଦେଉରେ ଆସି
ଖରା କମିଗଲେ ଉପର ବେଳା
ମାଡ଼ି ଆସୁ ଟିକେ ନ କରୁ ହେଳା
ସଙ୍ଗେ ଭଲ ପାଗ ସଙ୍ଗେ ଅନ୍ଧାର
ପତର ଧୂଳିରେ ଦିଶେ ଧୂସର
ଆଖି ନାକ କାନେ ଯାଏରେ ପଶି
ଯାଇ ହୁଏ ନାହିଁ ଆଗକୁ ଧସି
ଯିଏ ଯେଉଁ ସ୍ଥାନେ ଥାଏରେ ଭାଇ
ଭଲ ସ୍ଥାନ ଦେଖି ସେ ଯାଏ ରହି
ଟିଣ ଓ ଛପର ଯାଏତ ଉଡ଼ି
ଗଛ ଭାଙ୍ଗି ବାଟେ ଯାଏରେ ପଡ଼ି
କାୟା ଦେଖି ହୁଏ ବିଜୁଳି କାଟ
ଉପୁଡ଼ିବି ଯାଏ ବିଜୁଳି ଖୁଣ୍ଟ
ଫିରିଫିରା କେବେ ପ୍ରବଳ ଡାକେ
ବୃକ୍ଷଲତାଙ୍କୁରେ ଆଶ୍ୱସ୍ତି ମିଳେ
ଆମ୍ବ, କାଜୁ ଯାଏ ଗଛରୁ ଝଡ଼ି
ଫସଲ କିଛିଟା ଯାଏ ଉଜୁଡ଼ି
ଭାଙ୍ଗଇ ସଜନା ଝଡ଼ାଏ ଭଣ୍ଡା
ଦାରୁଣ ହେଲେବି କରାଏ ଥଣ୍ଡା ।



କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମୋ- ୭୦୦୮ ୬୩୪୮୦୦

### ଏକତାର ବଳ



ରାମଚନ୍ଦ୍ର ବେହେରା

ଗାଁରୁ ଅଳ୍ପ ଦୂରରେ ବିଲ ମଝିରେ ରହୁଥିଲେ ବସନ୍ତର ପରିବାର । ଗାଈ, ବଳଦ, କୁକୁର, ବିଲେଇ ଓ କିଛି କୁକୁଡ଼ା ଥିଲେ ତା' ପରିବାରର ଅଂଶ । ବିଲଗୁଡ଼ିକ ତାର ଆଖପାଖରେ ଥିବାରୁ, ବର୍ଷ ସାରା ଭଲ ଫସଲ ଅମଳ କରେ ବସନ୍ତ । ଚାଷ କାମରୁ ଯାହା ମିଳେ, ସେଥିରେ ଖୁସିରେ ଦିନ କାଟନ୍ତି ତାର ପୁରା ପରିବାର । ତାର ପୋଷା ଜୀବଗୁଡ଼ିକ ମଧ୍ୟ ଗୋଟିଏ ଜାଗାରେ ବହୁତ ଦିନରୁ ଏକାଠି ରହୁଥିବାରୁ ସେମାନଙ୍କ ମଧ୍ୟରେ ଖୁବ୍ ତାଳମେଳ ଦେଖିବାକୁ ମିଳେ । ବଳଦ ଚାଷ କାମରେ ସାହାଯ୍ୟ କରେ, ଗାଈ କ୍ଷୀର ଦିଏ, କୁକୁଡ଼ା ଅଣ୍ଡା ଦିଅନ୍ତି, କୁକୁର ଓ ବିଲେଇ ପରିବାରର ସୁରକ୍ଷା ପାଇଁ ନିଘା ରଖନ୍ତି । ସମସ୍ତଙ୍କ ସହଯୋଗରେ ଦିନ ପରେ ଦିନ, ମାସ ପରେ ମାସ ବିତିଯାଏ ଜଣା ପଡ଼େନାହିଁ । ବୈଶାଖ ମାସ ହୋଇଥିବାରୁ, ଖରା ନଇଁଲା ପରେ କ୍ଷେତରେ ପାଣି ମଡ଼ାଉଥାଏ ବସନ୍ତ । ଗୋଟିଏ ମାଆ କୁକୁଡ଼ା ଆଠ-ଦଶଟି ଛୁଆଙ୍କୁ ନେଇ ଶାଗପଟାଳି ପାଖରେ ସେମାନଙ୍କୁ ଆହାର ଖୋଜିବାର କୌଶଳ ଶିଖାଉଥାଏ । କୁକୁର ଓ ବିଲେଇ ଘର ପାଖ ଆମ୍ବଗଛ ଛାଇରେ ଅଳସ ମାରୁଥାନ୍ତି । ଏହିସମୟରେ ଗୋଟିଏ ବଣୁଆ ନେଉଳ କୁକୁଡ଼ା ଛୁଆଙ୍କୁ ଖାଇବା ଆଶାରେ ଛପିଛପି ଆସି ଶାଗ ପଟାଳି ପାଖରେ ପହଞ୍ଚିଗଲା । ମାଆ କୁକୁଡ଼ା ନେଉଳର ଗତିବିଧିକୁ ଲକ୍ଷ୍ୟକରି ଛୁଆମାନଙ୍କୁ ସୁରକ୍ଷା ଘେରରେ ରଖିଥାଏ । ହଠାତ୍ ନେଉଳଟି ଗୋଟିଏ କୁକୁଡ଼ା ଛୁଆକୁ ଖାଇବା ପାଇଁ ଧାଇଁ ଆସିଲା ଓ ଛୁଆଟିକୁ ମୁହଁରେ କାମୁଡ଼ି ଧରିବାକୁ ଚେଷ୍ଟା କଲା । ଏହାଦେଖି ମାଆ କୁକୁଡ଼ାଟି ଆଖି ପିଛୁଳାକେ ନେଉଳ ଉପରକୁ କୁଦି ପଡ଼ିଲା ଓ ତା'ର ଚିତ୍କାର ଶୁଣି, ଗଛତଳେ ଶୋଇଥିବା କୁକୁର ଓ ବିଲେଇ ନେଉଳକୁ ପ୍ରତି ଆକ୍ରମଣ କରିବା ଆରମ୍ଭ କରିଦେଲେ । ପଶୁପକ୍ଷୀଙ୍କ ମିଳିତ ଆକ୍ରମଣରେ, ନେଉଳଟି ପ୍ରାଣ ବିକଳରେ ସେ ସ୍ଥାନ ଛାଡ଼ି ପଳାଇଗଲା । ପଶୁପକ୍ଷୀଙ୍କ ଚିତ୍କାର ଶୁଣି ବସନ୍ତର ସ୍ତ୍ରୀ ଘର ଭିତରୁ ଦୌଡ଼ି ଆସିଲା ଏବଂ ଦେଖିଲା ଗୋଟିଏ କୁକୁଡ଼ା ଛୁଆ ନେଉଳର ଆକ୍ରମଣରେ ଖଣ୍ଡିଆ ଖାବରା ହୋଇଛି । ପରିବାରର ଲୋକେ ତା'ର ଯତ୍ନ ନେବାରୁ, କୁକୁଡ଼ା ଛୁଆଟି କିଛି ଦିନରେ ସଂପୂର୍ଣ୍ଣ ସୁସ୍ଥ ହୋଇଗଲା । ପଶୁପକ୍ଷୀଙ୍କ ଏକତା ବଳରେ କୁକୁଡ଼ା ଛୁଆଟିର ଜୀବନ ବଞ୍ଚିଲା ଓ ବଣୁଆ ନେଉଳ ନିଜର ହାର୍ ମାନି ବସନ୍ତର ପୋଷା ପଶୁପକ୍ଷୀଙ୍କ ଠାରୁ ନିଜକୁ ଦୂରେଇ ରଖିଲା । ସ୍ତ୍ରୀ ପାଖରୁ ସମସ୍ତ କଥା ଶୁଣିଲା ପରେ, ବସନ୍ତ ଖୁବ୍ ଖୁସି ହୋଇ ନିଜର ପିଲାମାନଙ୍କୁ କହିଲା, ପଶୁପକ୍ଷୀଙ୍କ ଏକତା ସାମ୍ନାରେ ଚତୁର ନେଉଳ ହାର୍ ମାନିଲା । ତେଣୁ ସଦାବେଳେ ଏହା ମନେ ରଖିବା ଉଚିତ, ଏକତା ହିଁ ବଳ । ଏକତା ଅସମ୍ଭବକୁ ସମ୍ଭବରେ ପରିଣତ କରିବା ସହ ପରିବାରକୁ ସୁରକ୍ଷା ବଳୟରେ ରଖିବା ପାଇଁ ସମସ୍ତ ସଦସ୍ୟଙ୍କୁ ପ୍ରେରଣା ଦେଇଥାଏ ।






ତେନ୍ତୁଳିପଦା, ଜଗତସିଂହପୁର
ମୋ- ୭୩୫୫୬୩୪୩୪୬

## ଛୋଟ ହାତର ଛବି






**ଆରାଧ୍ୟା ପୁଷ୍ପାଳକ**
ଷଷ୍ଠ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡ଼ା, ପୁରୀ





**ଶୁଭଲକ୍ଷ୍ମୀ ସାହୁ**
ଦ୍ୱିତୀୟ ଶ୍ରେଣୀ
ସରସ୍ୱତୀ ଶିଶୁ ମନ୍ଦିର
ବାଲିପାଟଣା, ଖୋର୍ଦ୍ଧା





**ପି ମାହିକା ସାହୁ**
ୟୁକେଜି
ବ୍ରାଇଟ୍ ଆଞ୍ଜେଲ ପାରାଡାଇଜ୍ ସ୍କୁଲ
ଚକେଇସିଆଣୀ, ଭୁବନେଶ୍ୱର






**ଅନ୍ୱିତା ପାଢ଼ୀ**
ଷଷ୍ଠ ଶ୍ରେଣୀ
ଲୋୟଲା ସ୍କୁଲ
ଜୟଦେବ ବିହାର
ଭୁବନେଶ୍ୱର

## ପ୍ରହେଳିକା

- ସ୍ୱାମୀଙ୍କୁ ଏମିତି ଭକ୍ତି କରନ୍ତି
ପତିବ୍ରତା ବୋଲି ସବୁ ଜାଣନ୍ତି
ଯମ ହାରିଗଲେ ତାଙ୍କ ଭକ୍ତିରେ
ଜୀବଦାନ ଦେଲେ ମୃତ ଶରୀରେ
ବଞ୍ଚାଇ ରଖିଲେ ସ୍ୱାମୀଙ୍କୁ ସିଏ
ନାମଟି ତାଙ୍କର କହିବ କିଏ ?
ଉ- ସାବିତ୍ରୀ

- ସଧବା ନାରୀଙ୍କ ବ୍ରତଟି ତାହା
ସ୍ୱାମୀ ପାଇଁ ସିଏ ପାଳନ୍ତି ଯାହା
ବଢ଼ାଇବା ପାଇଁ ସ୍ୱାମୀ ଆୟୁଷ
କରୁଥାନ୍ତି ପରା ସେ ଉପବାସ
ଏମିତି ବ୍ରତଟି ଅଟଇ ସିଏ
ନାମଟି ତାହାର କହିବ କିଏ ?
ଉ- ସାବିତ୍ରୀ ବ୍ରତ

- ଯାହାଙ୍କ ହାତରେ ଆମ ଜୀବନ
ନେଇ ଯାଆନ୍ତି ସେ ହୋଇଲେ ମନ
ଏମିତି ଦେବତା ଅଟନ୍ତି ସିଏ
ମୃତ୍ୟୁ ଦଉଡ଼ିକୁ ଧରନ୍ତି ଯିଏ
ସାଥେ ଯିବା ପାଇଁ ସବୁ ଡରନ୍ତି
ଯେବେ ଇଚ୍ଛା ସେବେ ଟାଣି ନିଅନ୍ତି ?
ଉ- ଯମରାଜ




- ଚାରୋଟି ଅକ୍ଷରେ ନାମ ତାଙ୍କର
ସେ ପରା ଅଟନ୍ତି ସାବିତ୍ରୀଙ୍କ ବର
ପ୍ରଥମ ଦୁଇଟି ଯଦି ମିଶିବ
ସତ ବୋଲି ତାହା ବୁଝାଉଥିବ
ପ୍ରଥମ ତୃତୀୟ ମିଶିଲା ପରେ
ବୁଝାଉ ଥାଏ ମୁଁ ସବୁ ଅର୍ଥରେ
ତୃତୀୟ ପ୍ରଥମ ମିଶିଲା ପରେ
ରହିବା ଅର୍ଥଟି ସେଠୁ ବାହାରେ
ତୃତୀୟ ପ୍ରଥମ ଚତୁର୍ଥ ମିଶିଲା ପରେ
ରହୁଥାଏ ତାହା ରୋଷେଇ ଘରେ
କିଏ ସେ କହିବ ନାମ ତାଙ୍କର
ଇତିହାସ କୁହେ ତାଙ୍କ ଖବର ?
ଉ- ସତ୍ୟବାନ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ- ୮୩୧୦୩୨୮୩୪୫

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

# ଇଶାନ କିସାନଙ୍କ ଲଢୁଆ ଅର୍ଦ୍ଧଶତକ



**ଲକ୍ଷ୍ନୌ, ୨୩।୫ (ଏଜେନ୍ସି)**

ଚଳିତ ଆଇପିଏଲ୍‌ର ୬୫ତମ ମୁକାବିଲାରେ ଶୁକ୍ରବାର ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ସନ୍‌ରାଇଜର୍ସ ହାଇଦରାବାଦ୍ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଏକନା କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ସନରାଇଜର୍ସ ହାଇଦରାବାଦ୍ ୱିକେଟ୍‌ରକ୍ଷକ ଇଶାନ କିସାନଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ଶେଷ ଖବର ସୁଦ୍ଧା ୧୬ ଓଭରରେ ୫ ୱିକେଟ ହରାଇ ୧୭୭ ରନ ସଂଗ୍ରହ କରିଛି। ପୂର୍ବରୁ ପ୍ଲେ ଅଫ୍‌ରେ ସ୍ଥାନ ପକ୍କା କରିସାରିଥିବା ବେଙ୍ଗାଲୁରୁ ୧୨ ମ୍ୟାଚରୁ ୮ ବିଜୟ ସହ ୧୭ ପଏଣ୍ଟ ପାଇ ଗୁଜରାଟ ଟାଇଟନ୍ସ (୧୮) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଯଦି ଏହି ମ୍ୟାଚରେ ବେଙ୍ଗାଲୁରୁ ବିଜୟୀ ହୁଏ ତେବେ ଶୀର୍ଷ ସ୍ଥାନକୁ ଉଠିବ। ଅପରପକ୍ଷରେ ହାଇଦରାବାଦ୍ ୧୨ ମ୍ୟାଚରୁ ୭ ପରାଜୟ ଓ ୪ ବିଜୟ ସହ ୯ ପଏଣ୍ଟ ପାଇ ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିସାରିଛି।

ଏହି ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର କାମଚଳା ଅଧିନାୟକ ଜୀତେଶ ଶର୍ମା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସନରାଇଜର୍ସ ହାଇଦରାବାଦ୍ ପାଇଁ ଦୁଇ ଓପନର୍ ଟ୍ରାଭିସ ହେଡ୍ ଓ ଅଭିଷେକ ଶର୍ମା ଭଲ ଆରମ୍ଭ କରିଥିଲେ। ପ୍ରଥମ ୱିକେଟ୍ ଭାଗୀଦାରିରେ ଏହି ଯୋଡ଼ି ୪ ଓଭରରେ ୫୪ ରନ ଉଠାଇଥିଲେ। ତେବେ ୩ଟି ବଲ୍ ବ୍ୟବଧାନରେ ଉଭୟ ପ୍ୟାଭିଲିୟନ ଫେରିଥିଲେ। ଅଭିଷେକ ୩ଟି ଲେଖାଏ ଚୌକା ଓ ଛକା ସହ ୧୭ ବଲରୁ ୩୪ ରନ କରି ଲୁନଗି ଏନ୍‌ଗିଡିଙ୍କ ଶିକାର ବନିଥିଲେ। ସେହିଭଳି କରୋନାରୁ ସୁସ୍ଥ ହୋଇ ଫେରିଥିବା ହେଡ୍ ୧୦ ବଲରେ ୧୭ ରନ କରିଥିବାବେଳେ ଭୁବନେଶ୍ୱର କୁମାରଙ୍କ ବଲରେ ଆଉଟ୍ ହୋଇଥିଲେ। ତେବେ ମଧ୍ୟକ୍ରମରେ ଇଶାନ କିସାନ କିନ୍ତୁ ଲଢୁଆ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ହେନରିଚ କ୍ଲାସେନ (୧୩ ବଲରେ ୨୪ ରନ) ଓ ଅନିକେତ ବର୍ମା (୯ ବଲରେ ୨୬ ରନ)ଙ୍କ ସହ ଉପଯୋଗୀ ଭାଗୀଦାରି କରି ଦଳୀୟ ସ୍କୋରକୁ ଦେଢ଼ଶହ ରନ ଅତିକ୍ରମ କରାଇଥିଲେ। ଚଳିତ ସିଜନରେ ହାଇଦରାବାଦ୍‌ର ପ୍ରଥମ ମ୍ୟାଚରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଶତକ ହାସଲ ପରେ କ୍ରମାଗତ ବିଫଳ ହୋଇଥିବା କିଶାନ କିନ୍ତୁ ଆଜି ଦାୟିତ୍ୱପୂର୍ଣ୍ଣ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଏକ ସମ୍ମାନଜନକ ସ୍କୋର ଦେବାରେ ସହାୟତା କରିଥିଲେ। ରିପୋର୍ଟ ଲେଖା ହେଲାବେଳକୁ ସେ ୩୩ ବଲରେ ୫ ଚୌକା ଓ ୨ ଛକା ସହ ୫୭ ରନ କରି ଅପରାଜିତ ରହିଛନ୍ତି।

### ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ଗୁଜରାଟ | ୧୩ | ୯ | ୪ | ୦ | ୧୮ | +୦.୬୦୨ |
| ବେଙ୍ଗାଲୁରୁ | ୧୨ | ୮ | ୩ | ୧ | ୧୭ | +୦.୪୮୨ |
| ପଞ୍ଜାବ | ୧୨ | ୮ | ୩ | ୧ | ୧୭ | +୦.୩୮୯ |
| ମୁମ୍ବାଇ | ୧୩ | ୮ | ୫ | ୦ | ୧୬ | +୧.୨୯୨ |
| ଦିଲ୍ଲୀ | ୧୩ | ୬ | ୬ | ୧ | ୧୩ | -୦.୦୧୯ |
| କୋଲକାତା | ୧୩ | ୫ | ୬ | ୨ | ୧୨ | +୦.୧୯୩ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| ହାଇଦରାବାଦ୍ | ୧୨ | ୪ | ୭ | ୧ | ୯ | -୦.୬୭୪ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୩ | ୩ | ୧୦ | ୦ | ୬ | -୧.୦୩୦ |




### ଆଇପିଏଲ୍‌ରେ ଆଜି

**ପଞ୍ଜାବ** ବନାମ **ଦିଲ୍ଲୀ**

ଜୟପୁର / ରାତି ୭.୩୦ | ଷ୍ଟାର୍‌ସ୍ପୋର୍ଟ୍ସ / ଜିଓ ହଟ୍‌ଷ୍ଟାର

**ପଞ୍ଜାବ କିଙ୍ଗ୍‌ସ ମାଲିକଙ୍କ ମଧ୍ୟରେ ବିବାଦ**

## ନେସ୍ ୱାଡିଆ, ମୋହିତ ବର୍ମନଙ୍କୁ କୋର୍ଟକୁ ଟାଣିଲେ ପ୍ରୀତି







**ଚଣ୍ଡିଗଡ଼, ୨୩।୫ (ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଅନ୍ୟତମ ଚର୍ଚ୍ଚିତ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗ୍‌ସର ମାଲିକମାନଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଏବେ କୋର୍ଟରେ ପହଞ୍ଚିଛି। ଦଳର ଅନ୍ୟତମ ମାଲିକ ତଥା ବଲିଉଡ ଅଭିନେତ୍ରୀ ପ୍ରୀତି ଜିଣ୍ଟା ନିଜର ସହ ମାଲିକ ତଥା ନିର୍ଦ୍ଦେଶକ ନେସ୍ ୱାଡିଆ ଓ ମୋହିତ ବର୍ମନଙ୍କ ବିରୋଧରେ ଚଣ୍ଡିଗଡ଼ର ଏକ ଅଦାଲତରେ ମାମଲା ରୁଜୁ କରିଛନ୍ତି। ଏହି ବିବାଦ ଏକ୍ସଟ୍ରା ଅର୍ଡିନାରୀ ଜେନେରାଲ (ଇଜିଏମ୍) ବୈଠକରେ ସୃଷ୍ଟି ହୋଇଥିଲା ଓ ବିଭିନ୍ନ ନିଷ୍ପତ୍ତି ନେଇ ମାଲିକମାନଙ୍କ ମଧ୍ୟରେ ମତ ପାର୍ଥକ୍ୟ ସୃଷ୍ଟି ହୋଇଥିଲା।

ପ୍ରୀତି, ୱାଡିଆ ଓ ମୋହିତ କେପିଏଚ୍ ଡ୍ରିମ୍ କ୍ରିକେଟ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶକ ରହିଛନ୍ତି। ଏହି କମ୍ପାନୀ ପଞ୍ଜାବ କିଙ୍ଗସର ମାଲିକାନା ହାସଲ କରିଛି। ୨୦୦୮ରେ ଏହି କମ୍ପାନୀ ସ୍ଥାପିତ ହୋଇଥିଲା। ମୋହିତ ଓ ୱାଡିଆ ପ୍ରୀତି ଜିଣ୍ଟାଙ୍କ ଭଳି ପଞ୍ଜାବ କିଙ୍ଗସ ଦଳର ସହ- ମାଲିକ ରହିଛନ୍ତି। ଗତ ଏପ୍ରିଲ ୨୧ରେ ଇଜିଏମ୍‌ର ବୈଠକ ବସିଥିଲା। କିନ୍ତୁ ପ୍ରୀତି ଏହି ବୈଠକ ବୈଧତାକୁ ନେଇ ଚ୍ୟାଲେଞ୍ଜ୍ କରିଛନ୍ତି। ଏହି ବୈଠକ ବସିବାରେ କମ୍ପାନୀର ୨୦୧୩ ଅଧିନିୟମ ଓ ନିୟମଗୁଡିକ ଅନୁସାରେ ଉଚିତ ପ୍ରକ୍ରିୟାର ପାଳନ କରାଯାଇନାହିଁ ବୋଲି ପ୍ରୀତି ପ୍ରଶ୍ନ ଉଠାଇଛନ୍ତି। ଏପ୍ରିଲ ୧୦ରେ ସେ ଏ ନେଇ ଏକ ଇ-ମେଲ ଜରିଆରେ ଆପତ୍ତି ଉଠାଇଥିଲେ ମଧ୍ୟ ଏହାକୁ ଅଣଦେଖା କରାଯାଇଛି। ମୋହିତ ଓ ୱାଡିଆଙ୍କ ସମର୍ଥନରେ ହିଁ ଏହି ବୈଠକ ବସିଛି। ଏହି ବୈଠକରେ ଭାଗ ନେଇଥିଲେ ମଧ୍ୟ ପ୍ରୀତ୍ ଏହାକୁ ଅବୈଧ ଘୋଷିତ କରିବାକୁ କୋର୍ଟଙ୍କୁ ନିବେଦନ କରିଛନ୍ତି। ମୁନୀଶ ଖାନ୍ନାଙ୍କୁ ନିର୍ଦ୍ଦେଶକ ରୂପେ ନିଯୁକ୍ତି କରିବାର ନିଷ୍ପତ୍ତିକୁ ସେ ବିରୋଧ କରିଛନ୍ତି ଓ ନିଆଯାଇଥିବା ଅନ୍ୟ ନିଷ୍ପତ୍ତିକୁ ରଦ୍ଦ କରିବାକୁ ସେ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ୨୦୦୮ରେ ପ୍ରୀତି, ୱାଡିଆ, ମୋହିତ ଓ କରଣ ପଲ ପାଖାପାଖି ୩୦୪ କୋଟି ଟଙ୍କାରେ ସେତେବେଳେର କିଙ୍ଗସ ଏକାଦଶ ପଞ୍ଜାବ ଦଳକୁ କ୍ରୟ କରିଥିଲେ। ଚଳିତ ସଂସ୍କରଣରେ ପଞ୍ଜାବ ଦମ୍‌ଦାର ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରି ଟାଇଟଲ ହାସଲ କରିବା ଆଶା ସୃଷ୍ଟି କରିଛି।

## ଆଇପିଏଲ୍‌ରେ ଶତକ; ମିଚେଲ ୧୧ତମ ଅଷ୍ଟ୍ରେଲୀୟ

**ଅହମ୍ମଦାବାଦ, ୨୩।୫ (ଏଜେନ୍ସି):** ଆଇପିଏଲ୍‌ର ୬୪ତମ ମ୍ୟାଚରେ ଗୁରୁବାର ରାତିରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ୩୩ ରନରେ ସନ୍‌ରାଇଜର୍ସ ହାଇଦରାବାଦକୁ ପରାସ୍ତ କରିଛି। ଏହି ମ୍ୟାଚରେ ସୁପର୍ ଜାଏଣ୍ଟ୍‌ସର ଅଷ୍ଟ୍ରେଲୀୟ ବ୍ୟାଟର୍ ମିଚେଲ ମାର୍ଶ ୬୪ ରନରେ ୧୧୭ ରନର ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଥିସହ ଆଇପିଏଲ୍‌ର ୧୮ ବର୍ଷର ଇତିହାସରେ ମିଚେଲ ୧୧ତମ ଅଷ୍ଟ୍ରେଲୀୟ ବ୍ୟାଟର୍ ଭାବେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଥିଲେ। ସବୁଠୁ ଉଲ୍ଲେଖନୀୟ




ଘଟଣା ହେଉଛି ପ୍ରଥମ ଅଷ୍ଟ୍ରେଲୀୟ ଭାବେ ମିଚେଲଙ୍କ ଭାଇ ତଥା ସନ୍ ମାର୍ଶ ପ୍ରଥମ ସଂସ୍କରଣରେ (୨୦୦୮ ମେ ୨୮ରେ) କିଙ୍ଗ୍‌ସ ଇଲେଭେନ ପଞ୍ଜାବ ପକ୍ଷରୁ ଖେଳି ରାଜସ୍ଥାନ ବିପକ୍ଷରେ ଶତକ ମାରିଥିଲେ। ଆଇପିଏଲ୍‌ରେ ଶତକ ହାସଲ କରିଥିବା ଅନ୍ୟ ଅଷ୍ଟ୍ରେଲୀୟ ବ୍ୟାଟର୍‌ମାନେ ହେଲେ ଡେଭିଡ୍ ୱାର୍ଣ୍ଣର, ଆଦାମ ଗିଲ୍‌କ୍ରିଷ୍ଟ, ଆଣ୍ଡ୍ରିଉ ସାଇମଣ୍ଡସ, ମାଇକ ହସୀ, ଶେନ ୱାଟସନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍, କାମେରନ ଗ୍ରୀନ ଓ ମାର୍କସ ଷ୍ଟୋଇନିସ।

**● ଦିନିକିଆରେ ଦ୍ରୁତତମ ଅର୍ଦ୍ଧଶତକ**

## ଡି ଭିଲର୍ସଙ୍କ ସମକକ୍ଷ ହେଲେ ଫୋର୍ଡ



**ଡବ୍ଲିନ୍, ୨୩।୫ (ଏଜେନ୍ସି):** ୱେଷ୍ଟଇଣ୍ଡିଜର ଦ୍ରୁତ ବୋଲର ମାଥ୍ୟୁ ଫୋର୍ଡ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସି ଦିନିକିଆ କ୍ରିକେଟ୍ ଇତିହାସର ସବୁଠୁ ଦ୍ରୁତତମ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଶୁକ୍ରବାର ଏଠାରେ ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଫୋର୍ଡ ଏହି ବିସ୍ଫୋରକ ବ୍ୟାଟିଂ କରିଛନ୍ତି। ଫୋର୍ଡ ମାତ୍ର ୧୬ ବଲ୍‌ରେ ତାଙ୍କ ଅର୍ଦ୍ଧଶତକ ପୂରଣ କରିଥିଲେ। ଏହିକ୍ରମରେ ସେ ଦକ୍ଷିଣ ଆଫ୍ରିକାର ପୂର୍ବତନ ବ୍ୟାଟର୍ ଏବି ଡି ଭିଲର୍ସଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ୨୦୧୫ରେ ଡି ଭିଲର୍ସ ୱେଷ୍ଟଇଣ୍ଡିଜ ବିପକ୍ଷରେ ସମାନ ୧୬ ବଲ୍ ଖେଳି ୧୦ ବର୍ଷ ହେଲା ଏହି ବିଶ୍ୱରେକର୍ଡର ଅଧିକାରୀ ରହିଥିଲେ। ଫୋର୍ଡ ଆଜି ତାଙ୍କର ବିଧ୍ୱଂସୀ ପାଳିରେ ୮ ଛକା ଓ ୨ ଚୌକା ସହ ମୋଟ୍ ୧୯ ବଲ୍ ଖେଳି ୫୮ ରନରେ ଆଉଟ୍ ହୋଇଥିଲେ। ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ୫୦ ଓଭରରେ ୮ ୱିକେଟ୍ ହରାଇ ୩୫୨ ରନର ସମ୍ମାନଜନକ ସ୍କୋର କରିଛି। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ୧୨୪ ରନରେ ଜିତି ଆୟର୍ଲାଣ୍ଡ ୧-୦ରେ ଅଗ୍ରଣୀ ରହିଛି।

**ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ**

## ସେମିରେ ଶ୍ରୀକାନ୍ତ; ଧ୍ରୁବ- ତନିଶା ବିଦା

**କ୍ୱାଲାଲମ୍ପୁର,୨୩।୫(ଏଜେନ୍ସି):** ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ସୁପର-୫୦୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଅଭିଜ୍ଞ ପୁରୁଷ ଖେଳାଳି କିଦାମ୍ବି ଶ୍ରୀକାନ୍ତ ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟରଫାଇନାଲ ମ୍ୟାଚ୍‌ରେ ୩୨ ବର୍ଷୀୟ ଶ୍ରୀକାନ୍ତ ୨୪-୨୨, ୧୭-୨୧, ୨୨-୨୦ରେ ଫ୍ରାନ୍ସର ତୋମା ଜୁନିଅର ପୋପୋଭଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ବିଶ୍ୱର ପୂର୍ବତନ ୧ ନଂ ଖେଳାଳି ତଥା ବିଶ୍ୱ ଚାମ୍ପିଅନ, ଏସୀୟ କ୍ରୀଡ଼ା ରୌପ୍ୟ ପଦକ ବିଜେତା ଶ୍ରୀକାନ୍ତ ସେମିରେ ଜାପାନର ୟୁଶି ତାନାକାଙ୍କୁ ଭେଟିବେ। ସେହିପରି ଭାରତୀୟ ମିଶ୍ରିତ ଯୁଗଳ ଯୋଡି ଧ୍ରୁବ କପିଳ ଓ ତନିଶା କ୍ରାଷ୍ଟୋ କ୍ୱାର୍ଟରଫାଇନାଲରେ ୨୨-୨୪, ୧୩-୨୧ରେ ମାତ୍ର ୩୫ ମିନିଟ୍‌ରେ ଟପ୍ ସିଡ୍ ଯୋଡି ଚୀନର ଜିଆଙ୍ଗ ଝେନ୍ ବାଙ୍ଗ ଓ ୱେଇ ୟା ଜିନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବରୁ ଅନ୍ୟ ଭାରତୀୟ ଖେଳାଳିମାନେ ସେମାନଙ୍କ ଅଭିଯାନ ଶେଷ କରିସାରିଛନ୍ତି।

**ଜାନୁସ୍ କୁସୋସିନ୍‌ସ୍କି ସ୍ମାରକୀ ଆଥଲେଟିକ୍ସ ମିଟ୍**

## ଆଜି ଜାଭେଲିନ୍ ଫିଙ୍ଗିବେ ନୀରଜ



**ୱାରସା (ପୋଲାଣ୍ଡ), ୨୩।୫(ଏଜେନ୍ସି):** ଭାରତୀୟ ଆଥଲେଟିକ ସୁପରଷ୍ଟାର ତଥା ଜାଭେଲିନ୍ ଫିଙ୍ଗାଳୀ ନୀରଜ ଚୋପ୍ରା ପୋଲାଣ୍ଡର ଚୋରଜୋଠାରେ ଆରମ୍ଭ ହେବାକୁ ଯାଉଥିବା ଜାନୁସ କୁସୋସିନ୍‌ସ୍କି ଆଥଲେଟିକ୍ସ ମିଟ୍‌ର ୭୧ତମ ସଂସ୍କରଣରେ ଅଂଶଗ୍ରହଣ କରିବେ। ନୀରଜ ଶନିବାର ଜାଭେଲିନ ଫିଙ୍ଗିବେ। ୨୦୨୫ ଆଥଲେଟିକ କ୍ୟାଲେଣ୍ଡରରେ ଏହା ହେବ ନୀଜରଙ୍କ ତୃତୀୟ ଇଭେଣ୍ଟ। ଏହି ଇଭେଣ୍ଟରେ ଜର୍ମାନୀ ଜୁଲିଆନ ୱେବେର, ଗ୍ରେନେଡାର ଆଣ୍ଡରସନ ପିଟର୍ସ ନୀରଜଙ୍କୁ କଡ଼ା ଚ୍ୟାଲେଞ୍ଜ ଦେବେ ବୋଲି ଆଶା କରାଯାଉଛି। ଭାରତୀୟ ସମୟ ଅନୁସାରେ ଜାଭେଲିନ୍ ଇଭେଣ୍ଟ ରାତି ୯.୪୫ରେ ଆରମ୍ଭ ହେବ। ୧୯୫୪ରେ ପୋଲାଣ୍ଡର ଜଣାଶୁଣା ଆଥଲେଟ୍ ଜାନୁସ୍ କୁସୋସିନସ୍କିଙ୍କ ସ୍ମୃତି ଓ ନାମରେ ଏହି ଇଭେଣ୍ଟ ନିୟମିତ ଭାବେ ଆୟୋଜିତ ହୋଇଆସୁଛି। ଜାନୁସ୍ ୧୯୩୨ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତ ସପ୍ତାହରେ ଦୋହାରେ ଅନୁଷ୍ଠିତ ଡାଇମଣ୍ଡ ଲିଗ୍‌ରେ ୨୭ ବର୍ଷୀୟ ନୀରଜ ପ୍ରଥମଥର ପାଇଁ ୯୦ମିଟରରୁ ଅଧିକ ଦୂରାତ ଥ୍ରୋ କରି ନୂଆ ରେକର୍ଡ ସୃଷ୍ଟି କରିଥିଲେ। ସେ ଏବେ ପୋଲାଣ୍ଡରେ ଏହି ମୁମେଣ୍ଟମକୁ ଜାରି ରଖିବାକୁ ପ୍ରୟାସ କରିବେ। ଦୋହା ଡାଇମଣ୍ଡ ଲିଗ୍‌ରେ ସେ ୯୦.୨୩ ମିଟର ଥ୍ରୋ କରି ନିଜର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିବା ସହ ନୂଆ ଜାତୀୟ ରେକର୍ଡ ସୃଷ୍ଟି କରିଥିଲେ। କିନ୍ତୁ ଜର୍ମାନୀର ଜୁଲିଆନ ୱେବେର ୯୧.୦୬ ମିଟର ଥ୍ରୋ କରି ତାଙ୍କଠାରୁ ଟାଇଟଲ ଛଡାଇ ନେଇଥିଲେ। ଗତବର୍ଷ ଟୋକିଓରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନସିପ୍‌ରେ ନୀରଜ ଟାଇଟଲ ହାସଲ କରିଥିଲେ।

**ତୃତୀୟ ଏସୀୟ, ବିଶ୍ୱର ୨୫ତମ ଆଥଲେଟ୍**

ନୀରଜ ତୃତୀୟ ଏସୀୟ ଖେଳାଳି ଭାବେ ଜାଭେଲିନ୍ ଥ୍ରୋରେ ୯୦ମି ପାର କରିଛନ୍ତି। ସେହିପରି ସେ ୨୫ତମ ଖେଳାଳି ଭାବେ ଏହି ଦୂରତାର ଅଧିକ ଦୂର ଜାଭେଲିନ୍ ଥ୍ରୋ କରିଛନ୍ତି। ନୀରଜଙ୍କ ପୂର୍ବରୁ ପାକିସ୍ତାନର ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ୯୨.୯୭ ମି. ଥୋ କରିଥିଲେ। ସେହିପରି ଚାଇନିଜ ତାଇପେର ଚାଓ ସୁନ୍ ଚେଙ୍ଗ୍ ପ୍ରଥମ ଏସୀୟ ଭାବେ ୨୦୧୭ ଏସିଆନ ଚାମ୍ପିଅନସିପ୍‌ରେ ୯୧.୩୬ ମି. ଥ୍ରୋ କରି ଏହି ସଫଳତା ପାଇଥିଲେ।

## ଟେଷ୍ଟରୁ ଅବସର ନେବେ ଆଞ୍ଜେଲୋ ମାଥ୍ୟୁସ୍



**କଲମ୍ବୋ,୨୩।୫(ଏଜେନ୍ସି):** ଶ୍ରୀଲଙ୍କା ପୂର୍ବତନ ଅଧିନାୟକ ତଥା ଅଭିଜ୍ଞ ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଖୁବଶୀଘ୍ର ଟେଷ୍ଟ କ୍ରିକେଟରେ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ଜୁନ୍ ୧୭ରୁ ୨୧ ମଧ୍ୟରେ ଗାଲେରେ ଖେଳାଯିବାକୁ ଥିବା ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବା ପରେ ସେ ଟେଷ୍ଟକୁ ଅଲବିଦା କରିବେ। ଯୁବ ଖେଳାଳିମାନଙ୍କୁ ସୁଯୋଗ ଦେବା ପାଇଁ ଅବସର ନେଉଛି ବୋଲି ୩୭ ବର୍ଷୀୟ ମାଥ୍ୟୁସ୍ କହିଛନ୍ତି। ୨୦୦୯ରେ ଗାଲେରେ ହିଁ ସେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ସେ ମାତ୍ର ୨୫ ବର୍ଷ ବୟସରେ ଇଂଲଣ୍ଡରେ ନେତୃତ୍ୱ ନେଇ ଦେଶର ସର୍ବକନିଷ୍ଠ ଯୁବ ଅଧିନାୟକ ବିବେଚିତ ହୋଇଥିଲେ। ସେ ଟେଷ୍ଟରେ ଜଣେ ବ୍ୟାଟିଂ ଅଲରାଉଣ୍ଡର ଭାବେ ସୁଯୋଗ ପାଇଥିଲେ। ୧୬ ବର୍ଷର ଦୀର୍ଘ ଟେଷ୍ଟ କ୍ୟାରିଅରରେ ସେ ୧୧୮ଟି ଟେଷ୍ଟ ଖେଳି ୪୪.୬୨ ହାରରେ ୮୧୬୭ ରନ ସଂଗ୍ରହ କରିଛନ୍ତି। ଏଥିରେ ତାଙ୍କର ୧୬ଟି ଶତକ ଓ ୪୫ଟି ଅର୍ଦ୍ଧଶତକ ସାମିଲ ରହିଛି। ସେ ମଧ୍ୟ ଡାହାଣହାତୀ ମିଡିୟମ ପେସ୍ ବୋଲିଂ କରି ୩୩ଟି ୱିକେଟ ଅକ୍ତିଆର କରିଛନ୍ତି। ସେ ଶ୍ରୀଲଙ୍କା ପାଇଁ ୨୨୬ ଦିନିକିଆ ଓ ୯୦ଟି ଟି-୨୦ ମ୍ୟାଚ୍ ମଧ୍ୟ ଖେଳିଛନ୍ତି।

## ଶାରୀରିକ ଓ କ୍ରୀଡ଼ା ଶିକ୍ଷାରେ ନୂଆ ସ୍ନାତକ ପାଠ୍ୟକ୍ରମ ସାମିଲ କଲା କିଟ୍

**ଭୁବନେଶ୍ୱର,୨୩।୫(ଏଜେନ୍ସି):** କ୍ରୀଡ଼ା ଓ ଶାରୀରିକ ଶିକ୍ଷାର ଉନ୍ନତି ତଥା ପ୍ରଚାର ଓ ପ୍ରସାର ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ନୂଆ ପାଠ୍ୟକ୍ରମ ସାମିଲ କରିଛି। ଚଳିତ ବର୍ଷଠାରୁ କିଟ୍ ବ୍ୟାଚଲର ଅଫ୍ ଫିଜିକାଲ ଏଜୁକେଶନ ଆଣ୍ଡ ସ୍ପୋର୍ଟ୍ସ (ବିପିଇଏସ୍) ପ୍ରୋଗ୍ରାମକୁ ସ୍କୁଲ ଅଫ୍ ସ୍ପୋର୍ଟ୍ସ ଆଣ୍ଡ ୟୋଗିକ୍ ସାଇନ୍ସରେ ସାମିଲ କରିଛି। ଏଥିପାଇଁ ୨୦୨୦ ଜାତୀୟ ଶିକ୍ଷାନୀତି ଓ ୟୁଜିସି ନିୟମାବଳୀ ଅନୁସାରେ ଏକ ୪ ବର୍ଷୀୟା ଅନର୍ସ ଡିଗ୍ରୀ ପାଠ୍ୟକ୍ରମ ସ୍ୱିକୃତ କରାଯାଇଛି। ଏଥିରେ ୧୦୦ଟି ସିଟ୍ ଉପଲବ୍ଧ ହେବ। ଏହି ନୂଆ ପାଠ୍ୟକ୍ରମ ବାବଦରେ ସର୍ଟିଫିକେଟ, ପ୍ରମାଣପତ୍ର, ଡିପ୍ଲୋମା, ବ୍ୟାଚଲର ଓ ରିସର୍ଚ୍ଚ ସହ ଅନର୍ସ ଭଳି ବିକଳ୍ପ ଛାତ୍ରଛାତ୍ରୀ ପାଇଁ ଉପଲବ୍ଧ ରହିବ।

### ସ୍ଥାପନ ହେବ ଲିଆଣ୍ଡର - ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ

ବିଭିନ୍ନ କ୍ରୀଡ଼ାର ଉନ୍ନତୀ ଓ ବିଶ୍ୱସ୍ତରୀୟ ଆଥଲେଟି ସୃଷ୍ଟି କରିବାକୁ କିଟ୍‌ରେ ଲିଆଣ୍ଡର ପେସ୍- ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ସ୍ଥାପନ ହେବ। ଏଥିପାଇଁ କିଟ୍ ଓ କିମ୍ବଦନ୍ତୀ ଟେନିସ ଖେଳାଳି ଲିଆଣ୍ଡର ପେସ୍‌ଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ୧୬ଟି କ୍ରୀଡ଼ାରେ ଖେଳାଳିମାନଙ୍କୁ ଏହି ଏକାଡେମୀରେ ପ୍ରଶିକ୍ଷଣ ଦିଆଯିବ ଓ ଏଥିପାଇଁ ବିଶ୍ୱସ୍ତରୀୟ କୋଚିଂ ବ୍ୟବସ୍ଥା ସହ ମେଣ୍ଟରସିପ୍ ପ୍ରଦାନ କରାଯିବ। କିଟ୍‌ରେ ପ୍ରାୟ ସବୁ କ୍ରୀଡ଼ାରେ ଯଥା କ୍ରିକେଟ, ଆର୍ଚେରୀ, ରଗ୍‌ବୀ, ବ୍ୟାଡମିଣ୍ଟନ, ଭଲିବଲ, ଦୌଡ଼କୁଦ, ଭାରୋତ୍ତୋଳନ ଓ ଚେସ୍‌ରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ସ୍ଥାପନ ହୋଇଛି। ଏଠାରେ ମଧ୍ୟ ପ୍ରଥମ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ସଫଳତାର ସହ ଆୟୋଜିତ ହୋଇଛି।

## ୩ ଶତକ; ଇଂଲଣ୍ଡ ୫୬୫/୬ ଘୋଷଣା

**ନଟିଂହାମ, ୨୩।୫ (ଏଜେନ୍ସି):** ଭ୍ରମଣକାରୀ ଜିମ୍ବାୱେ ବିପକ୍ଷରେ ଏଠାରେ ଚାଲିଥିବା ଏକମାତ୍ର ଟେଷ୍ଟ ମ୍ୟାଚରେ ଘରୋଇ ଇଂଲଣ୍ଡ ଦମ୍‌ଦାର ପ୍ରଦର୍ଶନ କରି ଶୁକ୍ରବାର ଦ୍ୱିତୀୟ ଦିବସରେ ୯୬.୩ ଓଭରରେ ୬ ୱିକେଟ୍ ହରାଇ ୫୬୫ ରନରେ ପାଳି ଘୋଷଣା କରିଛି। ଜବାବରେ ଜିମ୍ବାୱେ ପ୍ରଥମ ଇନିଂସ ଆରମ୍ଭ କରି ଶେଷ ଖବର ସୁଦ୍ଧା ବ୍ରାଏନ ବେନେଟଙ୍କ ଅପରାଜିତ ୧୩୪ ରନ ବଳରେ ୫ ୱିକେଟ୍ ହରାଇ ୨୪୦ ରନ କରିଛି। ଦଳ ଆହୁରି ୩୨୫ ରନ ପଛରେ ରହିଛି। ପୂର୍ବରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ଇଂଲଣ୍ଡ ଆଗଧାଡ଼ିର ୩ ବ୍ୟାଟର୍‌ଙ୍କ ଶତକ ବଳରେ ୩ ୱିକେଟ୍ ହରାଇ ୪୯୮ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଜ୍ୟାକ୍ କ୍ରାଲୀ ୧୨୪ ଓ ବେନ୍ ଡକେଟ ୧୪୦ ରନ କରି ଆଉଟ୍ ହୋଇଛନ୍ତି। ସେହିଭଳି ନଂ-୩ରେ ଆସିଥିବା ଓଲି ପୋପ୍ ୧୭୧ ରନ କରିଥିଲେ। ଇଂଲଣ୍ଡ ଟେଷ୍ଟ କ୍ରିକେଟ୍ ଇତିହାସରେ ୪ର୍ଥଥର ଲାଗି ଗୋଟିଏ ଇନିଂସରେ ବ୍ୟାଟିଂକ୍ରମର ପ୍ରଥମ ୩ଜଣ ବ୍ୟାଟର୍ ଶତକ ହାସଲ କରିଛନ୍ତି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି କ୍ରାଲୀ, ଡକେଟ ଓ ପୋପ୍ ଦ୍ୱିତୀୟଥର ଲାଗି ଏହି ସଫଳତା ପାଇଛନ୍ତି। ୨୦୨୨ରେ ରାୱଲପିଣ୍ଡିରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ଟେଷ୍ଟରେ ଏହି ୩ଜଣ ବ୍ୟାଟିଂକ୍ରମର ପ୍ରଥମ ୩ଟି ସ୍ଥାନରେ ଆସି ଶତକ ହାସଲ କରିଥିଲେ। ଟେଷ୍ଟ କ୍ରିକେଟ୍‌ରେ ଗୋଟିଏ ଦିବସରେ ସର୍ବାଧିକ ରନ ଇଂଲଣ୍ଡ ନାମରେ ରହିଛି। ୧୯୩୬ରେ ମାଞ୍ଚେଷ୍ଟରେ ଭାରତ ବିପକ୍ଷରେ ଇଂଲଣ୍ଡ ୬ ୱିକେଟ୍‌ରେ ୫୮୮ ରନ ସଂଗ୍ରହ କରିଥିଲା।

**● ଡବ୍ଲ୍ୟୁଟିସି ଫାଇନାଲ**

## ପରିଚାଳନା ଦାୟିତ୍ୱରେ ଶ୍ରୀନାଥ, ମେନନ

**ଲଣ୍ଡନ, ୨୩।୫ (ଏଜେନ୍ସି):** ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି)ର ଫାଇନାଲ ମ୍ୟାଚ୍ ଜୁନ ୧୧ରୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିଅନ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପରସ୍ପର ସାମ୍ନାସାମ୍ନି ହେବେ। ଡବ୍ଲ୍ୟୁଟିସିର ଗତ ଦୁଇଟି ସଂସ୍କରଣରେ ରନର୍ସଅପ୍ ରହିଥିବା ଭାରତୀୟ କ୍ରିକେଟ୍ ଦଳ ଏଥର ଫାଇନାଲରେ ପ୍ରବେଶ କରିପାରିବାରେ ବିଫଳ ହୋଇଛି। ତେବେ ଦୁଇଜଣ ଭାରତୀୟଙ୍କୁ ପ୍ରତ୍ୟେକ୍ଷ ଭାବେ ଫାଇନାଲ ମ୍ୟାଚରେ ଜଡ଼ିତ ଥିବାର ଦେଖିବାକୁ ମିଳିବ। ସେମାନେ ହେଲେ ଜାଭାଗଲ ଶ୍ରୀନାଥ ଓ ନିତିନ ମେନନ ଆଇସିସି ପକ୍ଷରୁ ଶୁକ୍ରବାର ଫାଇନାଲ ମ୍ୟାଚ୍ ପରିଚାଳନା ଲାଗି ଅମ୍ପାୟର ଓ ରେଫରୀଙ୍କ ନାମ ଘୋଷଣା କରାଯାଇଛି।

**୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ**

## ଶୁଭାଶିଷଙ୍କ ଶତକ; ଭୁବନେଶ୍ୱର-ବି ବିଜୟୀ

**କଟକ,୨୩।୫(ସମିସ)**

ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ମ୍ୟାଚ୍‌ରେ ଭୁବନେଶ୍ୱର-ବି ୬୯ ରନରେ ନୟାଗଡ଼କୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୭ ୱିକେଟ ବିନିମୟରେ ୨୩୬ ରନ କରିଥିଲା। ଶୁଭାଶିଷ ମଲ୍ଲିକ ୧୨୪ବଲରୁ ୧୦୯ ରନର ଶତକୀୟ ପାଳି ଖେଳିଥିଲେ। ସିଦ୍ଧାର୍ଥ ବେହେରା ୩୯ ବଲରୁ ଦ୍ରୁତ ୫୧ରନ ସଂଗ୍ରହ କରିଥିଲେ। ନୟାଗଡ଼ର ରିକି ମହାନ୍ତିଙ୍କୁ ୨ଟି ୱିକେଟ ମିଳିଥିଲା। ଦିବ୍ୟଜ୍ୟୋତି ପଟ୍ଟନାୟକଙ୍କ ୭୨ ରନ ସତ୍ତ୍ୱେ ନୟାଗଡର ପାଳି ୧୬୭ ରନରେ ସୀମିତ ରହିଥିଲା। ବିଜୟୀ ଭୁବନେଶ୍ୱର-ବି ପକ୍ଷରୁ ସୋହମ ପଟ୍ଟନାୟକ ୫ଟି ୱିକେଟ ଅକ୍ତିଆର କରିଥିଲେ। ଶତକ ହାସଲ କରିଥିବା ଶୁଭାଶିଷ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଦିଲ୍ଲୀପ ବିଶୋୟୀଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ନବରଙ୍ଗପୁର ୨୦ ରନରେ କିଟ୍‌କୁ ହରାଇଛି। ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ନବରଙ୍ଗପୁର ସମସ୍ତ ୱିକେଟ ହରାଇ ୧୧୭ ରନ କରିଥିଲା। ସାଇ କୁମାର ସର୍ବାଧିକ ୫୨ରନ କରିଥିବା ବେଳେ ଦିଲ୍ଲୀପ ୧୭ରନର ପାଳି ଖେଳିଥିଲେ। ତେବେ ୧୧୮ ରନର



ଶୁଭାଶିଷ ମଲ୍ଲିକ



ଦିଲ୍ଲୀପ ବିଶୋୟୀ



ଅମନ ବର୍ମା

ବିଜୟ ଲକ୍ଷ୍ୟକୁ ପିଛା କରି କିଟ୍ ୯୭ରନରେ ଅଲଆଉଟ ହୋଇଥିଲା। ଦିଲ୍ଲୀପ ୨୬ରନ ବ୍ୟୟ କରି ୪ଟି ୱିକେଟ ଅକ୍ତିଆର କରିବା ସହିତ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ସନସାଇନ କ୍ରିକେଟ ଗ୍ରାଉଣ୍ଡରେ ଖୋର୍ଦ୍ଧା ୧୨୩ ରନରେ ବୌଦ୍ଧକୁ ହରାଇଥିଲା। ଖୋର୍ଦ୍ଧା ପକ୍ଷରୁ ଧାର୍ଯ୍ୟ ୨୬୬ ରନର ବିଜୟ ଲକ୍ଷ୍ୟକୁ ପିଛା କରି ବୌଦ୍ଧ ୧୪୨ ରନରେ ଅଲଆଉଟ ହୋଇଥିଲା। ୪ ୱିକେଟ ଦଖଲ କରିଥିବା ରୁଦ୍ର ମଲ୍ଲିକ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ।

ରେଭେନ୍ସାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ଯାଜପୁର ୨୦୯ରନରେ ରାୟଗଡାକୁ ହରାଇଥିଲା। ଆଶିଷ ପରିଡାଙ୍କ ୭୨ରନ ଏବଂ ସୌଭାଗ୍ୟ ଧଳଙ୍କ ୬୨ରନ ସହାୟତାରେ ଯାଜପୁର ୭ ୱିକେଟ ବିନିମୟରେ ୨୮୨ରନ ସଂଗ୍ରହ କରିଥିଲା। ରାୟଗଡାର ପାଳି ୭୩ରନରେ ସୀମିତ ରହିବା ସହ ୪ ୱିକେଟ ସଫଳତା ପାଇଥିବା ଯାଜପୁରର ଦୁର୍ଗା ବେହେରା ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ ଗୁଡିକରେ ଭଦ୍ରକ ୧୪ରନରେ ଝାରସୁଗୁଡାକୁ, ସମ୍ବଲପୁର-ବି ୧୨ରନରେ ସୋନପୁରକୁ ହରାଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS